# ଧରିତ୍ରୀ
DHARITRI

ବାର୍ତ୍ତା ପଠାନ୍ତୁ Rakhi ପୁରସ୍କାର ଜିତନ୍ତୁ

ଦେଖନ୍ତୁ ପୃଷ୍ଠା-୫


ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୧/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, August 11/2021 | ★★★★★★

୪୭ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପ୍ରଯୋଜକ ହେବେ ବେବୋ**

ଏକ ଥ୍ରିଲର ଫିଲ୍ମର ପ୍ରଯୋଜନା ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି ଅଭିନେତ୍ରୀ କରିନା କପୁର ଖାନ୍।

୧୪

୧୬

**ପିଏସ୍‌ଜିରେ ଯୋଗଦେବେ ମେସି**

ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଟିମ୍‌ରେ ଯୋଗ ଦେବେ ଆର୍ଜେଣ୍ଟିନା ଫୁଟବଲ ସୁପର ଷ୍ଟାର ଲିଓନେଲ ମେସି।







ଭୁବନେଶ୍ୱର ବିମାନ ବନ୍ଦରରେ ମହିଳା ହକି ଅଲିମ୍ପିଆନ ଦୀପଗ୍ରେସ ଏକ୍କା, ନମିତା ଟପୋ ଓ ଅଲିମ୍ପିକ୍ସ ହକି ବ୍ରୋଞ୍ଜ ପଦକ ବିଜେତା ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରାଙ୍କୁ ମଙ୍ଗଳବାର ରାତିରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। (ରିପୋର୍ଟ: ପୃଷ୍ଠା-୭)

# ସିବଲଙ୍କ ଘରେ ବିରୋଧୀ ମେଳି



କପିଲ ସିବଲ

- ଗାନ୍ଧୀ ପରିବାର ହାତରୁ କଂଗ୍ରେସକୁ ମୁକ୍ତ କରିବାକୁ ପଡ଼ିବ
- ୨୦୨୪ରେ ଭାଜପାକୁ ହରାଇବାକୁ ହେଲେ ବିରୋଧୀ ଏକତା ଜରୁରୀ

ନୂଆଦିଲ୍ଲୀ,୧୦।୮

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କପିଲ ସିବଲଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ସୋମବାର ରାତିରେ ଆୟୋଜିତ ନୈଶଭୋଜିରେ ଅନେକ ବିରୋଧୀ ଦଳ ନେତା ସାମିଲ ହୋଇଥିଲେ। ସିବଲଙ୍କ ଜନ୍ମଦିନ ପାଳନ ପାଇଁ ଆୟୋଜିତ ରାତ୍ରିଭୋଜନ ବସ୍ତୁତଃ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧୀ ମେଳି ପାଲଟିଯାଇଥିଲା। ସେହିପରି କଂଗ୍ରେସର କାୟାକଳ୍ପ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଗାନ୍ଧୀ ପରିବାର ହାତରୁ ଦଳର ନେତୃତ୍ୱକୁ ମୁକ୍ତ କରିପାରିଲେ ହିଁ କଂଗ୍ରେସର ଉନ୍ନତି ହେବ ବୋଲି କେତେଜଣ ନେତା ମତ ଦେଇଥିବା ଜଣାପଡ଼ିଛି।

କପିଲ ସିବଲଙ୍କ ଘରେ ଆୟୋଜିତ ପାର୍ଟିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କିମ୍ବା ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉପସ୍ଥିତ ନ ଥିଲେ। ଏଥିରେ ସାମିଲ ହୋଇଥିବା ବରିଷ୍ଠ ନେତାଙ୍କ ମଧ୍ୟରେ ଥିଲେ ପି. ଚିଦାମ୍ବରମ୍, ଶଶୀ ଥରୁର ଓ ଆନନ୍ଦ ଶର୍ମା। ଏହି ୩ ନେତା କଂଗ୍ରେସର ଭବିଷ୍ୟତ ନେଇ ଦଳ ଭିତରେ ପ୍ରଶ୍ନ ଉଠାଇଆସୁଛନ୍ତି। ସେହିପରି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଧନୀଙ୍କ ପୃଥିବୀ**

# ଭୁଲ୍ ତଥ୍ୟ ଦେଇ ଆର୍‌ଆଇ ନିଲମ୍ବିତ

## ମନ୍ତ୍ରୀଙ୍କ ପୁଅଙ୍କୁ ସରକାରୀ ଜମି ଲିଜ୍ ପ୍ରସଙ୍ଗ

### ତଳିଆ କର୍ମଚାରୀଙ୍କୁ ବଳିପକାଇ ଖସିଯିବେ ବଡ଼ବଡ଼ିଆ

ଝାରସୁଗୁଡ଼ା ଅଫିସ,୧୦।୮

ରାଜ୍ୟର ଜଣେ ମନ୍ତ୍ରୀଙ୍କ ପୁଅକୁ ସରକାରୀ ଜମି ଲିଜ୍ ପ୍ରସଙ୍ଗରେ ହୋଇଥିବା ଦୁର୍ନୀତିରେ ଜଣେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଘଟଣାରେ ବଡ଼ବଡ଼ିଆ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାବେଳେ ସେମାନେ କଳେବଳେ କୌଶଳେ ଖସିଯିବାକୁ ଉଦ୍ୟମ ଚଳାଇଛନ୍ତି। ଏଭଳି ଦୁର୍ନୀତି ଘଟିଛି ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ସମାସିଂହା ଆର୍‌ଆଇ ସର୍କଲ ଅନ୍ତର୍ଗତ ସୋଢ଼ାମାଲ ମୌଜାର ୮ଏକର ସରକାରୀ ଜମି ଲିଜ୍‌କୁ ନେଇ। ଜମି ପ୍ରସଙ୍ଗରେ ଭୁଲ୍ ତଥ୍ୟ ଦେବା ଅଭିଯୋଗରେ ସମାସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଜଗଦୀଶ ସାହୁଙ୍କୁ ଜିଲାପାଳ ସରୋଜ ସାମଲ ପତ୍ର ସଂଖ୍ୟା ୯୦୪୮/୯।୮।୨୦୨୧ରେ ସୋମବାର ☞ପୃଷ୍ଠା-୪









ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୨୮,୨୦୪ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ୧୪୭ ଦିନରେ ସର୍ବନିମ୍ନ। ଏହାସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୧୯,୯୮,୧୫୮କୁ ଛୁଇଁଛି। ତେବେ ମୋଟ ସକ୍ରିୟ ମାମଲା ୩,୮୮,୫୦୮କୁ ଖସିଛି, ଯାହାକି ୧୩୯ ଦିନରେ ସବୁଠୁ କମ୍। କୋଭିଡ୍-୧୯ ଦିନକ ମଧ୍ୟରେ ୩୭୩ ଜଣଙ୍କ ଜୀବନ ନେଇଛି ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଉଜ୍ଜ୍ୱଳା ୨.୦ ଶୁଭାରମ୍ଭ



**ଲକ୍ଷ୍ନୌ, ୧୦।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତରପ୍ରଦେଶର ମୋହବାରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ 'ଉଜ୍ଜ୍ୱଳା ୨.୦'କୁ ଭର୍ଚୁଆଲ ମାଧମରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଉଜ୍ଜ୍ୱଳା ଯୋଜନାରେ ମହିଳାମାନେ ଅଭୁତପୂର୍ବ ଭାବେ ଉପକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮ କୋଟି ମହିଳା ଏଲ୍‌ପିଜି ସଂଯୋଗ ପାଇଛନ୍ତି। ଲକଡାଉନବେଳେ ଏହା ଅନେକ ପରିବାରକୁ ଲାଭ ଦେଇଛି। ଗତ ୭ ବର୍ଷ ମଧ୍ୟରେ ସର୍ବାଧିକ ପରିବାରକୁ ଗ୍ୟାସ୍ ସଂଯୋଗ ଦିଆଯାଇଛି। ୨୦୧୪ ପୂର୍ବରୁ ଦିଆଯାଇଥିବା ମୋଟ ସଂଯୋଗଠାରୁ ମଧ ଏହି ସଂଖ୍ୟା ଅଧିକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ୧ ହଜାରେରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରତୀକାତ୍ମକ ଭାବେ ୧୦ ଜଣଙ୍କୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଲ୍‌ପିଜି ସିଲିଣ୍ଡର ପ୍ରଦାନ କରିଥିଲେ। ଏହି ଅବସରରେ ମୋଦି ଉତ୍ତରାଖଣ୍ଡ, ଗୋଆ, ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ୫ ହିତାଧିକାରୀଙ୍କ ସହ କଥା ହୋଇଥିଲେ।

### ୮୦ କୋଟିର ଅମ୍ବରଗ୍ରୀସ୍ ଜବତ

**ବେଙ୍ଗାଲୁରୁ, ୧୦।୮:** ବେଙ୍ଗାଲୁରୁ ସେଣ୍ଟ୍ରାଲ କ୍ରାଇମବ୍ରାଞ୍ଚ ପୋଲିସ ମଙ୍ଗଳବାର ୮୦ କିଲୋଗ୍ରାମ ଓଜନର ନିଷିଦ୍ଧ ସାମୁଦ୍ରିକ ପଦାର୍ଥ ଅମ୍ବରଗ୍ରୀସ୍ ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୮୦ କୋଟି ଟଙ୍କା ହେବ। ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ବିଲୁପ୍ତ ପ୍ରାୟ ସ୍ପର୍ମ ହ୍ୱେଲର ବାନ୍ତିକୁ ଅମ୍ବରଗ୍ରୀସ କୁହାଯାଏ। ଏକ ଗୋଦାମରେ ଅମ୍ବରଗ୍ରୀସ ବେଆଇନ ଭାବେ ଗଚ୍ଛିତ ହୋଇଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ମାମଲା ରୁଜୁ ହୋଇଛି।

### ଶହୀଦ ହୋଇଛନ୍ତି ୫,୮୮୬ ସୁରକ୍ଷା କର୍ମୀ

ନୂଆଦିଲ୍ଲୀ, ୧୦।୮: ସୀମାପାର ଆତଙ୍କବାଦୀ ଆକ୍ରମଣ ଦ୍ୱାରା ଜମ୍ମୁ-କଶ୍ମୀର ପ୍ରଭାବିତ ହେଉଛି। ସେଠାରେ ୧୯୮୯ରୁ ୫ ଅଗଷ୍ଟ ୨୦୧୯ ମଧ୍ୟରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ୫,୮୮୬ ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ଅନୁଚ୍ଛେଦ ୩୭୦ ହଟିବା ପୂର୍ବରୁ କେତେ ଯବାନଙ୍କ ଜୀବନ ଯାଇଛି ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକ ସଭାରେ ଏହି ତଥ୍ୟ ଦେଇଛନ୍ତି।

### ଗୁଜରାଟରେ କୋଭାକ୍ସିନ୍ ପ୍ଲାଣ୍ଟକୁ ମଞ୍ଜୁରୀ




ନୂଆଦିଲ୍ଲୀ, ୧୦।୮: ଗୁଜରାଟର ଅଲଙ୍କେଶ୍ୱରଠାରେ କରୋନା ଟିକା ପ୍ରସ୍ତୁତକାରୀ ଭାରତ ବାୟୋଟେକ୍‌ର କୋଭାକ୍ସିନ ପ୍ଲାଣ୍ଟ୍ ସ୍ଥାପନ ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ମଞ୍ଜୁରୀ ଦେଇଛନ୍ତି। ଭାରତରେ ଟିକାକରଣ ଅଭିଯାନକୁ ଦ୍ରୁତ କରିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଦେଶରେ ମୋଟ ଟିକାକରଣ ୫୧ କୋଟି ଟପିଛି। ଗତ ୨୪ ଘଣ୍ଟାରେ ୫୪,୯୧,୬୪୭ ଟିକା ଡୋଜ୍ ପ୍ରଦାନ କରାଯାଇଛି। ସମୁଦାୟ ଟିକାକରଣ ୫୧,୪୫,୦୦,୨୬୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବୁର୍ଜ ଖଲିଫା ଉପରେ ବିଜ୍ଞାପନ ଶୁଟିଂ




ବିଶ୍ୱର ଉଚ୍ଚତମ ଅଟ୍ଟାଳିକା ଦୁବାଇର ବୁର୍ଜ ଖଲିଫା ଉପରେ ଜଣେ ମହିଳା ଏକ ବିଜ୍ଞାପନର ଶୁଟିଂ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ସବୁଠାରୁ ବଡ ବିମାନ ଏବଂ ଧ୍ୱଜାବାହକ 'ଏମିରେଟ୍ସ' ଏହି ବିଜ୍ଞାପନର ଭିଡିଓ ଜାରି କରିଛି, ଯେଉଁଥିରେ ମହିଳା ଜଣକ ବୁର୍ଜ ଖଲିଫା ଉପରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ୮୨୮ ମିଟର ଉଚ୍ଚରେ ଏଭଳି ଷ୍ଟଣ୍ଟର ଏହି ୩୦ ସେକେଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଜ୍ଞାପନ ଶୁଟିଂ କରିଥିବା ନିକୋଲ ସ୍ମିଥ୍-ଲୁଦ୍‌ବିକ୍ ହାତରେ ଏକ ବୋର୍ଡ ଧରିଛନ୍ତି, ଯେଉଁଥିରେ ଲେଖାଅଛି ୟୁଏଇକୁ ବ୍ରିଟେନ ଅମ୍ବର ତାଲିକାରେ ସ୍ଥାନିତ କରିଥିବାରୁ ଆମକୁ ଦୁନିଆର ଶୀର୍ଷରେ ରହିବା ଭଳି ଅନୁଭବ ହେଉଛି। ଏମିରେଟ୍ସରେ ଉଡ଼ନ୍ତୁ, ଭଲ ଉଡ଼ନ୍ତୁ। ପେସାରେ ସ୍କାଏ ଡାଇଭିଂ ପ୍ରଶିକ୍ଷକ ଥିବା ନିକୋଲ କହିଛନ୍ତି ଏହା ହେଉଛି ତାଙ୍କ ଦ୍ୱାରା ହୋଇଥିବା ସବୁଠୁ ଆଶ୍ଚର୍ଯ୍ୟଜନକ ଷ୍ଟଣ୍ଟ। ଏମିରେଟ୍ସ ଏୟାର ଲାଇନ୍ସର ସଦସ୍ୟ ହୋଇଥିବାରୁ ସେ ବେଶ୍ ଖୁସି।

## ଜିସାଟ୍-୧ ଲଞ୍ଚ୍ କରିବ ଇସ୍ରୋ



ପୃଥିବୀ ଉପରେ ନଜର ରଖିବା ନିମନ୍ତେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆସନ୍ତା ୧୨ ତାରିଖ ସକାଳ ପ୍ରାୟ ୫ଟା ୪୩ରେ ଜିଓ ଇମେଜିଂ ସାଟେଲାଇଟ୍-୧ (ଜିସାଟ୍-୧) ଉତ୍କ୍ଷେପଣ କରିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ୍ ସ୍ପେସ୍ ସେଣ୍ଟରରୁ ଏହାକୁ ଲଞ୍ଚ୍ କରାଯିବ। ଏହାର କୋଡ୍ ନାମ ଇଓଏସ୍-୦୩ ରହିଛି। ଜିଏସ୍‌ଏଲ୍‌ଭି ଏଫ୍-୧୦ ଯାନ ସାହାଯ୍ୟରେ ଏହି ଉପଗ୍ରହକୁ ପୃଥିବୀ କକ୍ଷପଥରେ ସ୍ଥାପନ କରାଯିବ। କୋଭିଡ୍ ମହାମାରୀ ଯୋଗୁ ଏ ପର୍ଯ୍ୟନ୍ତ ଏହି ଉପଗ୍ରହର ଉତକ୍ଷେପଣ ସ୍ଥଗିତ ରଖାଯାଇଛି। ୨,୨୬୮ କେଜି ଓଜନର ଏହି ସାଟେଲାଇଟ୍ ଦୈନିକ ୪ରୁ ୫ ଥର ଇମେଜିଙ୍ଗ୍ କରିବାରେ ସକ୍ଷମ। ଏଥିସହ ଜଳଉତ୍ସ, ଫସଲ, ଜଙ୍ଗଲ ସ୍ଥିତି ସମେତ ବନ୍ୟା ଏବଂ ବାତ୍ୟା ବିଷୟରେ ମଧ ଆଗୁଆ ସୂଚନା ପ୍ରଦାନ କରିବ। ଜିସାଟ୍-୧ ପରେ ରାଡାର ଇମେଜିଂ ସାଟେଲାଇଟ୍ ଇଓଏସ୍-୪ ବା ରିସାଟ୍-୧ଏ ଉତ୍କ୍ଷେପଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହଯାଇଛି।

# ରାଜ୍ୟ ପ୍ରସ୍ତୁତ କରିବେ ଓବିସି ତାଲିକା

## ୧୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୦।୮



ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ପେଗାସସ୍ ସ୍ପାଏୱେର, କୃଷି ଆଇନ ଓ ଦରଦାମ୍ ବୃଦ୍ଧିକୁ ନେଇ ଅଚଳାବସ୍ଥା ଲାଗି ରହିଥିବାବେଳେ ମଙ୍ଗଳବାର ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି)ର ଲୋକଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟଗୁଡ଼ିକୁ କ୍ଷମତା ଫେରାଇବା ଲାଗି ଉଦ୍ଦିଷ୍ଟ ସମ୍ବିଧାନର ୧୨୭ତମ ସଂଶୋଧନ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ ମିଳିଛି। ଏହି ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ସହମତି ପ୍ରକାଶ କରିଥିଲେ। ଫଳରେ ବିଧେୟକ ସପକ୍ଷରେ ୩୮୫ ସଦସ୍ୟଙ୍କ ଭୋଟ ପଡ଼ିଥିବାବେଳେ ଏହାକୁ କେହି ବିରୋଧ କରି ନ ଥିବା ଜଣାପଡ଼ିଛି।

ଜୁଲାଇ ୧୯ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବା ପରଠାରୁ ଲୋକ ସଭାରେ ପ୍ରଥମ ଥର ପାଇଁ ବ୍ୟବସ୍ଥିତ ଢଙ୍ଗରେ ବିତର୍କ ହୋଇଥିଲା। ବିତର୍କ ବେଳେ ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ଲଲନ ସିଂ, ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଅଖିଳେଶ ଯାଦବ, ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ରିତେଶ ପାଣ୍ଡେ ଏବଂ ଦ୍ରାବିଡ ମୁନେତ୍ରା କାଜାଗାମ (ଡିଏମ୍‌କେ) ସଦସ୍ୟ ଟି.ଆର୍. ବାଲୁ ଦେଶବ୍ୟାପୀ ଏକ ଜାତିଭିତ୍ତିକ ଜନଗଣନା କରାଯାଉ ବୋଲି ଦାବି କରିଥିଲେ। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର ୧୨୭ତମ ସମ୍ବିଧାନ ସଂଶୋଧନ ବିଲ, ୨୦୨୧ ଆଗତ କରି ଏହାକୁ ଏକ ଐତିହାସିକ ଆଇନ ଭାବେ ଅଭିହିତ କରିଥିଲେ। ସେ କହିଥିଲେ, ଉକ୍ତ ବିଧେୟକ ଅନୁସାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଅନ୍ୟ ପଛୁଆ ବର୍ଗ (ଓବିସି) ତାଲିକା ପ୍ରସ୍ତୁତି ପାଇଁ ନିଜର ପୂର୍ବ କ୍ଷମତା ଫେରିପାଇବେ। ଦେଶର ୬୭୧ ଜାତି ଏଥିରୁ ଲାଭାନ୍ୱିତ ହେବେ। ବିଭିନ୍ନ ସମୁଦାୟକୁ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ମିଳିବ। ପୁନଃ କ୍ରମାଙ୍କନ ପରେ ଏହି ବିଲ୍‌କୁ ୧୦୫ତମ ସମ୍ବିଧାନ ସଂଶୋଧନ ବିଧେୟକ ବୋଲି ବିବେଚନା କରାଯିବା ଉଚିତ। ବିଲ୍ ଆଗତ ବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସଂରକ୍ଷଣକୁ ନେଇ ରହିଥିବା ୫୦% ସୀମା ହଟାଇବା ପାଇଁ ଦାବି କରିଥିଲେ। ତେବେ ସରକାର ସାମାଜିକ ନ୍ୟାୟକୁ ନେଇ ନିଜ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହେବା ପାଇଁ ଗୃହର ଦୁଇ-ତୃତୀୟାଂଶ ସଦସଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଏହାକୁ ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟଙ୍କ ସମର୍ଥନ ମିଳିଛି।

୨୦୧୮ର ୧୦୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଅନୁଚ୍ଛେଦ ୩୩୮ବିକୁ ସାମିଲ କରାଯାଇଛି। ଏଥିରେ ପଛୁଆ ବର୍ଗଙ୍କ ପାଇଁ ଜାତୀୟ କମିଶନ (ଏନ୍‌ସିବିସି) ଢାଞ୍ଚା, କର୍ତ୍ତବ୍ୟ ଓ କ୍ଷମତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେହିପରି ଅନୁଚ୍ଛେଦ ୩୪୨ଏରେ ଏକ ନିର୍ଦ୍ଦିଷ୍ଟ ଜାତିକୁ ଏସ୍‌ଇବିସି ମାନ୍ୟତା ନେଇ ଅଧକ୍ଷଙ୍କ ବିଜ୍ଞପ୍ତି ଜାରି କ୍ଷମତା ଏବଂ ତାଲିକା ପରିବର୍ତ୍ତନ ପାଇଁ ପାର୍ଲାମେଣ୍ଟର କ୍ଷମତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅନୁଚ୍ଛେଦ ୩୬୬(୨୬ସି)ରେ ଏସ୍‌ଇବିସିର ସଂଜ୍ଞା ପରିଭାଷିତ କରାଯାଇଛି।

ପ୍ରକାଶ ଯେ, ନିଯୁକ୍ତି ଓ ନାମଲେଖା ବେଳେ ସଂରକ୍ଷଣ ଦେବା ନେଇ ରାଜ୍ୟର କ୍ଷମତାକୁ ୧୦୨ତମ ସମ୍ବିଧାନ ସଂଶୋଧନ ହଟାଇଦେଇଥିବା ଦର୍ଶାଇ ମେ' ୫ରେ ସୁପ୍ରିମକୋର୍ଟ ସଂଖ୍ୟାଗରିଷ୍ଠ ରାୟ ଦେଇଥିଲେ। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଉକ୍ତ ରାୟର ସମୀକ୍ଷା ପାଇଁ ଆବେଦନ କରିଥିଲେ। ତେବେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ଏହି ସମ୍ବିଧାନ ବିଧେୟକକୁ ଅଣାଯାଇ ନ ଥିଲେ ୬୭୧ ଓବିସି ସଂରକ୍ଷଣ ପାଇ ନ ଥାଆନ୍ତେ ବୋଲି ମନ୍ତ୍ରୀ ବୀରେନ୍ଦ୍ର କୁମାର କହିଛନ୍ତି। ଲୋକ ସଭାରେ ବିତର୍କ ଆରମ୍ଭ କରି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଉକ୍ତ ବିଲ୍‌କୁ ନିଜ ଦଳର ସମର୍ଥନ ଘୋଷଣା କରିଥିଲେ। କିନ୍ତୁ ସେ କେନ୍ଦ୍ରର ୨୦୧୮ ସଂଶୋଧନକୁ ସମାଲୋଚନା କରିଥିଲେ। କହିଥିଲେ, ସରକାର ବିରୋଧୀଙ୍କ ପ୍ରସ୍ତାବକୁ ଏଥିରେ ସ୍ଥାନିତ କରିଥିଲେ ଆଜି ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା। ୨୦୧୮ରେ ସରକାର ସମ୍ବିଧାନର ୧୦୨ତମ ସଂଶୋଧନ ବିଲ୍ ଆଣିଥିଲେ, ଯାହା ଲୋକଙ୍କୁ ଅଦାଲତଙ୍କ ଦ୍ୱାରସ୍ଥ ହେବା ପାଇଁ ସୁଯୋଗ ଦେଇଛି। ଶେଷରେ ସୁପ୍ରିମକୋର୍ଟ ରାଜ୍ୟର କ୍ଷମତାକୁ ହଟାଇଦେଇଥିଲେ। ଆମେ ଏହି ବିଲ୍‌କୁ ସମର୍ଥନ କରୁଛୁ। କିନ୍ତୁ ଆମ ଦାବି ହେଉଛି ସଂରକ୍ଷଣରେ ୫୦% ସୀମାକୁ ହଟାଇବା। ସରକାର ରାଜ୍ୟଗୁଡ଼ିକର କଥା ଶୁଣିବା ଉଚିତ। ୫୦% ସୀମା ଉପରକୁ ଯାଇ ସଂରକ୍ଷଣ ଦେବା ନେଇ ରାଜ୍ୟର ଅଧିକାରକୁ ବୈଧ କରାଯାଉ ବୋଲି ଅଧୀର କହିଥିଲେ। ଡିଏମ୍‌କେର ବାଲୁ ଓ ଏସ୍‌ପିର ଅଖିଳେଶ ମଧ ଏହି ଦାବିକୁ ସମର୍ଥନ କରି ବକ୍ତବ୍ୟ ରଖିଥିଲେ। ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବିତର୍କରେ ସାମିଲ ହୋଇ କହିଥିଲେ, ଦଳିତ, ଓବିସି ଏବଂ ଗରିବମାନଙ୍କୁ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ସର୍ବାଧିକ ପଦକ୍ଷେପ ନେଇଛନ୍ତି। ସମ୍ବିଧାନ ପ୍ରଣେତାମାନେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ୧୯୫୦ରେ କଂଗ୍ରେସ କ୍ଷମତାକୁ ଆସି ୪୦ ବର୍ଷ ଶାସନ କରିଥିଲା। ହେଲେ ଏହି ୪ ଦଶନ୍ଧି ମଧ୍ୟରେ ପଛୁଆ ବର୍ଗଙ୍କୁ ନ୍ୟାୟ ଦେଲା ନାହିଁ। ଅନ୍ୟପକ୍ଷେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସଦସ୍ୟ ସୁପ୍ରିୟା ସୁଲେ କହିଥିଲେ, ଏହି ସଂଶୋଧନର ଶ୍ରେୟ ମହାରାଷ୍ଟ୍ର ସରକାରଙ୍କୁ ଦିଆଯିବା ଉଚିତ। କାରଣ ମହାରାଷ୍ଟ୍ର ସରକାର ଓବିସି ସଂରକ୍ଷଣ ପ୍ରସଙ୍ଗରେ ସମାଧାନ ପାଇଁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏବଂ ଶିବସେନା ମଧ ଉକ୍ତ ବିଧେୟକ ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ।

## ଆଇଟି ନିୟମ ମାନିଛି ଟୁଇଟର

### ହାଇକୋର୍ଟଙ୍କୁ ଜଣାଇଲା କେନ୍ଦ୍ର



ନୂଆଦିଲ୍ଲୀ, ୧୦।୮

ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର ନୂଆ ଆଇଟି ନିୟମକୁ ପାଳନ କରିବା ସହ ଆଇନ ଅନୁସାରେ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତ କରିଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ନବୀକରଣ କରାଯାଇଥିବା ସତ୍ୟପାଠକୁ ରେକର୍ଡଭୁକ୍ତ କରାଯାଇଥିବା ଟୁଇଟର ଓକିଲ କହିବା ସହ ତାହାକୁ ଅଦାଲତରେ ଦାଖଲ କରିଥିଲେ। ଚିଫ୍ କମ୍ପ୍ଲାଏନ୍ସ ଅଫିସର ଏବଂ ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର ପାଇଁ ବିନୟ ପ୍ରକାଶ ଦକ୍ଷ ଅଧିକାରୀ ବୋଲି ଟୁଇଟର ସତ୍ୟପାଠରେ ଦର୍ଶାଇଛି। ଏହାସହ ନୋଡାଲ କଣ୍ଟାକ୍ଟ ପର୍ସନ ଭାବେ ଶାହିନ୍ କୋମାଥଙ୍କୁ ନିଯୁକ୍ତ କରାଯାଇଥିବା ଟୁଇଟର କହିଛି। ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଆଇଟି ନିୟମର ଅନୁପାଳନ କରିଥିବା ଆଡିସିନାଲ ସଲିସିଟର ଜେନେରାଲ ଚେତନ ଶର୍ମା କୋର୍ଟଙ୍କୁ ଜଣାଇଛନ୍ତି। ଟୁଇଟର ଆଇଟି ନିୟମ ମାନୁ ନ ଥିବା ନେଇ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଏହାର ଶୁଣାଣି ବେଳେ ଜଷ୍ଟିସ ରେଖା ପାଲ୍ଲୀ ନିୟମ ପାଳନ କରିଥିବା ନେଇ ଯୁକ୍ତି ରେକର୍ଡ କରିଛନ୍ତି। ଆସନ୍ତା ୧୦ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

## ଆଫଗାନିସ୍ତାନ ଛାଡ଼ିଲେ ଭାରତୀୟ

**ନୂଆଦିଲ୍ଲୀ, ୧୦।୮:** ଆଫଗାନିସ୍ତାନରେ ତାଲିବାନ ଆତଙ୍କବାଦୀଙ୍କ ବର୍ବରତା ବୃଦ୍ଧି ପାଇବାରେ ଲାଗିଥିବାବେଳେ ଭାରତ ସେଠାରୁ ନିଜ ନାଗରିକଙ୍କୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛି। ଆଫଗାନିସ୍ତାନର ଚତୁର୍ଥ ବୃହତ୍ତମ ସହର ମଜର୍-ଏ-ଶରିଫ୍‌ରୁ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ମଙ୍ଗଳବାର ଏକ ସ୍ୱତନ୍ତ୍ର ବିମାନ ସେଠାକୁ ଯାଇଥିଲା। ଏହି ବିମାନ ଯୋଗେ ସେଠାରେ ଥିବା ଭାରତୀୟମାନେ ଦେଶ ଛାଡ଼ିବାକୁ ମଜର-ଇ-ଶରିଫ୍‌ରେ ଅବସ୍ଥାପିତ ଭାରତ ରାଷ୍ଟ୍ରଦୂତ ଟୁଇଟ୍ କରିଥିଲେ। ଏବେ ପ୍ରାୟ ୧୫ ଶହ ଭାରତୀୟ ଆଫଗାନିସ୍ତାନରେ ରହିଛନ୍ତି। ଗତ ମାସରେ ଭାରତ ପ୍ରାୟ ୫୦ ଜଣ କୂଟନୀତିଜ୍ଞ ଓ ସୁରକ୍ଷା କର୍ମଚାରୀଙ୍କୁ କାନ୍ଦାହାର ସ୍ଥିତ ଦୂତାବାସରୁ ଫେରାଇ ନେଇଥିଲା।

### 'ଗଠନମୂଳକ କାମ କରିଛି ଭାରତ'

ଆଫଗାନିସ୍ତାନରେ ଅନେକ ଗଠନମୂଳକ କାମରେ ଭାରତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ତାଲିମ, ଭିତ୍ତିଭୂମି ନିର୍ମାଣରେ ସହଯୋଗ କରିବା ସହ ଆଫଗାନିସ୍ତାନରେ ଉତ୍ତମ ଓ ସ୍ଥାୟୀ ସରକାର ଗଠନ, ଦେଶରେ ଶାନ୍ତି ବଜାୟ ରଖିବା ଦିଗରେ ଭାରତର ଅବଦାନ ରହିଛି ବୋଲି ପେଣ୍ଟାଗନ୍ ପ୍ରେସ୍ ସଚିବ ଜନ୍ କିର୍‌ବେ ସୋମବାର ନ୍ୟୁଜ୍ କନଫରେନ୍ସରେ କହିଛନ୍ତି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଓ ସହାୟତା ବାବଦରେ ଭାରତ ପ୍ରାୟ ୩ ବିଲିୟନ ଡଲାର ଖର୍ଚ୍ଚ କରିଛି।

## ଏନ୍‌ଆର୍‌ଆଇସିକୁ ନେଇ ନିଷ୍ପତ୍ତି ହୋଇନି

ନୂଆଦିଲ୍ଲୀ,୧୦।୮

ଭାରତୀୟ ନାଗରିକଙ୍କ ଜାତୀୟ ପଞ୍ଜିକା (ଏନ୍‌ଆର୍‌ଆଇସି)କୁ ନେଇ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ମଙ୍ଗଳବାର ଲୋକ ସଭାରେ ଏହି ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ନିତ୍ୟାନନ୍ଦ କହିଥିଲେ, ଜାତୀୟସ୍ତରରେ ଏନ୍‌ଆର୍‌ଆଇସି ଲାଗୁ କରାଇବା ନେଇ ସରକାର ବର୍ତ୍ତମାନ ଯାଏ କିଛି ନିଷ୍ପତ୍ତି ନେଇନାହାନ୍ତି। ତେବେ ନାଗରିକତ୍ୱ ଆଇନ, ୧୯୫୫ ଅଧୀନରେ ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନ୍‌ପିଆର୍) ଏବଂ ପ୍ରଥମ ପର୍ଯ୍ୟାୟ ଜନଗଣନା, ୨୦୨୧କୁ ଅପ୍‌ଡେଟ୍ କରିବା ଲାଗି ସରକାର ସ୍ଥିର କରିଛନ୍ତି। ଜନଗଣନା ପ୍ରକ୍ରିୟା ବେଳେ କୌଣସି ଦସ୍ତାବିଜ ସଂଗ୍ରହ କରାଯିବ ନାହିଁ।



ଲଗାଣ ବର୍ଷା ଫଳରେ ଗଙ୍ଗାନଦୀର ଜଳସ୍ତର ବୃଦ୍ଧି ପାଇଛି। ପ୍ରୟାଗରାଜର ବଘାରାକୁ ପାଣି ପଶିବା ପରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

## କଶ୍ମୀରରେ ରାହୁଲ: ଉଠାଇଲେ ରାଜ୍ୟ ମାନ୍ୟତା ଦାବି

ଶ୍ରୀନଗର, ୧୦।୮



ଦୁଇ ଦିନିଆ ଜମ୍ମୁ-କଶ୍ମୀର ଗସ୍ତ କରିଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ମଙ୍ଗଳବାର ଶ୍ରୀନଗରରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀରକୁ ତୁରନ୍ତ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ ଦାବି ଉଠାଇବା ସହ ଏହି ଅଭିଯାନକୁ ଆଗେଇ ନେବାକୁ ସେ ଦଳୀୟକର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିରେ ସେଠାରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପେଗାସସ୍ ଗୁପ୍ତଚରଗିରି, ଜମ୍ମୁ-କଶ୍ମୀର ପ୍ରସଙ୍ଗ, ବେରୋଜଗାରୀ କଥା ଉଠାଗଲେ ତାଙ୍କ ସ୍ୱର ଚପାଇବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ଏହା ପୂର୍ବରୁ ସେ ଶ୍ରୀନଗରରେ କଂଗ୍ରେସ ପାର୍ଟି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଅଗଷ୍ଟ ୨୦୧୯ରେ ନରେନ୍ଦ୍ର ମୋଦି ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇ ଦେଇଥିଲେ। ପରେ ଜମ୍ମୁ-କଶ୍ମୀର ଏବଂ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ପରଠାରୁ ରାହୁଲ ସୋମବାର ପ୍ରଥମ କରି ଶ୍ରୀନଗର ଗସ୍ତ କରିଛନ୍ତି।

## କେହି ସୀମା ଲଂଘିବା ଅନୁଚିତ

ନୂଆଦିଲ୍ଲୀ,୧୦।୮



- ୧୬କୁ ଘୁଞ୍ଚିଲା ପେଗାସସ୍ ଶୁଣାଣି
- ସୋସିଆଲ ମିଡିଆରେ ସମାନ୍ତରାଳ ବିତର୍କ ନ ହେଉ: ସୁପ୍ରିମକୋର୍ଟ

ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ପେଗାସସ୍ ସ୍ପାଏୱେରର ସରକାରୀ ବ୍ୟବହାର ନେଇ ତଦନ୍ତ କରାଇବା ଲାଗି ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ମଙ୍ଗଳବାର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସରକାରଙ୍କଠାରୁ ଏନେଇ ଆଦେଶ ନେବା ପାଇଁ ଶୁକ୍ରବାର ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କୁ ସମୟ ମାଗିଥିଲେ। ତେବେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶୁକ୍ରବାର ନିଜର ବ୍ୟକ୍ତିଗତ ଅସୁବିଧା ଥିବା ଦର୍ଶାଇ ଅଗଷ୍ଟ ୧୬ରେ ଏହାର ଶୁଣାଣି ହେବ ବୋଲି ଧାର୍ଯ୍ୟ କରିଥିଲେ। ଶୁଣାଣି ତାରିଖ ଘୁଞ୍ଚାଇବା ସହ ଖଣ୍ଡପୀଠ କହିଥିଲେ, ଆବେଦନକାରୀମାନେ ସୋସିଆଲ ମିଡିଆରେ ସମାନ୍ତରାଳ ବିତର୍କ କରନ୍ତୁ ନାହିଁ। ସାମ୍ବାଦିକ ଏନ୍. ରାମ ଓ ଶଶୀ କୁମାରଙ୍କ ପକ୍ଷରୁ ପିଆଇଏଲ୍ ଦାଏର କରିଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, କାଲିଫର୍ନିଆରେ ପେଗାସସ୍ ପ୍ରସଙ୍ଗକୁ ନେଇ ଶୀର୍ଷ ଅଦାଲତରେ ପୂର୍ବ ଶୁଣାଣି ପରେ ରାମଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡ଼ିଥିଲା। ଖଣ୍ଡପୀଠ କହିଥିଲେ, ଆମେ ଏହା ହିଁ କହୁଛୁ। ଉଭୟ ପକ୍ଷଙ୍କୁ କହୁଛୁ ଯେ, ଏହି ପ୍ରସଙ୍ଗକୁ ନେଇ ସାମାଜିକ ଗଣମାଧ୍ୟମ ଓ ୱେବ୍‌ସାଇଟ୍‌ଗୁଡ଼ିକରେ ବିତର୍କ କରନ୍ତୁ ନାହିଁ। ଏହା ଉପରେ କୋର୍ଟରେ ହିଁ ବିଚାର କରାଯିବା ଉଚିତ। ବ୍ୟବସ୍ଥା ଉପରେ ପକ୍ଷମାନଙ୍କ ଆସ୍ଥା ରହିବା ଜରୁରୀ। ପ୍ରକାଶ ଯେ, ଏଡିଟର୍ସ ଗିଲ୍ଡ ସମେତ ଆଉ କେତେଜଣ ଆବେଦନକାରୀ ପେଗାସସ୍ ଗୁପ୍ତଚରଗିରିର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ରମନା ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୫ ତାରିଖରେ କହିଥିଲେ, ପେଗାସସ୍ ଗୁପ୍ତଚରଗିରି ଅଭିଯୋଗ ସତ ହୋଇଥିଲେ ସାଂଘାତିକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୪୫,୨୦,୮୦୭ | ୪୩,୨୨,୪୬୯ | ୧୮,୩୬,୭୮,୫୫୩ |
| ଭାରତ | ୩,୨୦,୩୩,୩୩୩ | ୪,୨୯,୧୮୩ | ୩,୧୨,୧୦,୬୨୪ |
| ଓଡ଼ିଶା | ୯,୮୮,୯୯୭ | ୬୫୬୫(+୫୩) | ୯,୭୨,୭୧୦ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୯ ଦଳକୁ ଜରିମାନା

## ଭାଜପା, କଂଗ୍ରେସକୁ ଲକ୍ଷେ, ସିପିଆଇଏମ୍, ଏନ୍‌ସିପିକୁ ୫ଲକ୍ଷ

**ନୂଆଦିଲ୍ଲୀ, ୧୦।୮**

ଗତବର୍ଷ ବିହାର ନିର୍ବାଚନବେଳେ ପ୍ରାର୍ଥୀଙ୍କ ଅପରାଧ ତାଲିକା ସାର୍ବଜନୀନ କରାଯାଇ ନ ଥିବାରୁ ରାଜନୈତିକ ଦଳଗୁଡ଼ିକ ଉପରେ ମଙ୍ଗଳବାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଏ ନେଇ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଭାଜପା, କଂଗ୍ରେସ ସମେତ ୯ ଦଳ ଅଦାଲତ ଅବମାନନା କରିଥିବା ଦର୍ଶାଇ ସର୍ବୋଚ୍ଚ କୋର୍ଟ ସେମାନଙ୍କୁ ଦୋଷୀ ଆଖ୍ୟା ଦେଇଛନ୍ତି। ଏଥିସହ ଦଳଗୁଡ଼ିକୁ ଜରିମାନା ଭରିବାକୁ ନିର୍ଦ୍ଦେଶ ରହିଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି), ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍)କୁ ୫ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୁହାଯାଇଛି। ଭାଜପା, କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ସଂଯୁକ୍ତ ଜନତା ଦଳ(ଜେଡିୟୁ), ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି), ରାଷ୍ଟ୍ରୀୟ ଲୋକ ସମତା ପାର୍ଟି(ଆର୍‌ଏଲ୍‌ଏସ୍‌ପି), ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଉପରେ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି। ପ୍ରାର୍ଥୀଙ୍କ ଆପରାଧିକ ମାମଲା ସମ୍ପର୍କରେ ବିବରଣୀ ଦେଇ ନ ଥିବାରୁ ଏନ୍‌ସିପି ଓ ସିପିଏମ୍ ଉପରେ ୫ ଲକ୍ଷ ଏବଂ ଆଂଶିକ ବିବରଣୀ ଦେଇଥିବା ଦଳଗୁଡ଼ିକ ଉପରେ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଲାଗୁ କରାଯାଇଛି। ୮ ସପ୍ତାହ ଭିତରେ ଏହି ଜରିମାନା ରାଶି ଆଦାୟ କରି ଜମା କରିବାକୁ ନିର୍ବାଚନ କମିଶନ(ଇସି)ଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏହି ନିର୍ଦ୍ଦେଶ ପାଳନ କରା ନ ଗଲେ ଏହାକୁ ଗମ୍ଭୀରତାର ସହ ନିଆଯିବ ବୋଲି ସର୍ବୋଚ୍ଚ ଅଦାଳତ ଚେତାବନୀ ଦେଇଛନ୍ତି। ଏଥିସହିତ ବହୁଜନ ସମାଜ ପାର୍ଟି(ବିଏସ୍‌ପି)କୁ ଅଦାଳତ କେବଳ ଚେତାବନୀ ଦେଇ ଛାଡ଼ିଦେଇଛନ୍ତି।

**ସାର୍ବଜନୀନ ହୋଇନି ପ୍ରାର୍ଥୀଙ୍କ ଅପରାଧ**



- କଠୋର ହେଲେ ସୁପ୍ରିମକୋର୍ଟ
- ୮ ସପ୍ତାହରେ ଜରିମାନା ଦେବାକୁ ନିର୍ଦ୍ଦେଶ

୧୩ ଫେବୃୟାରୀ ୨୦୨୦ରେ ସୁପ୍ରିମକୋର୍ଟ ଜାରି କରିଥିବା ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବା ରାଜନୈତିକ ଦଳଗୁଡ଼ିକର ନିର୍ବାଚନୀ ଚିହ୍ନ ବାତିଲ କରିବାକୁ ଏକ ପିଟିଶନ ଦାଖଲ ହୋଇଥିଲା। ଏହାର ଶୁଣାଣିବେଳେ ଜଷ୍ଟିସ୍ ଆର୍. ଏଫ୍ ନରିମାନ୍ ଏବଂ ବି. ଆର୍. ଗଭାଇଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନରେ ପ୍ରାର୍ଥୀ ହେଉଥିବା ବ୍ୟକ୍ତିଙ୍କ ଆପରାଧିକ ଇତିହାସ ବିଷୟରେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ୱେବସାଇଟ୍‌ରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ବୋଲି କୋର୍ଟ କହିଛନ୍ତି। ଜନସାଧାରଣଙ୍କ ପାଇଁ ନିକଟରେ ଏ ବାବଦରେ ସମସ୍ତ ତଥ୍ୟ ସହଜରେ ଉପଲବ୍ଧ କରାଇବା ଲାଗି ନିର୍ବାଚନ କମିଶନ ଏକ ମୋବାଇଲ ଆପ୍ଲିକେଶନ ପ୍ରସ୍ତୁତ କରିବେ। ପ୍ରାର୍ଥୀ ଚୟନର ୪୮ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ଅପରାଧ ରେକର୍ଡକୁ ଦଳଗୁଡ଼ିକ ସର୍ବସାଧାରଣରେ ପ୍ରକାଶ କରିବାକୁ ବାଧ୍ୟ ହେବେ। ବହୁଳ ପ୍ରସାରିତ ଖବରକାଗଜ ତଥା ଇଲେକ୍ଟ୍ରୋନିକ୍ ମିଡିଆରେ ଦଳଗୁଡ଼ିକ ଏହି ତଥ୍ୟ ପ୍ରଦାନ କରି ତାହାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ଏଥିସହ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଦଳ କାହିଁକି ପ୍ରାର୍ଥୀ କଲା ତାହା ମଧ୍ୟ ପାର୍ଟି ୱେବ୍‌ସାଇଟରେ ରହିବ ବୋଲି ସୁପ୍ରିମକୋର୍ଟ ଶୁଣାଣିବେଳେ କହିଛନ୍ତି। ଅନ୍ୟପକ୍ଷରେ ସିପିଆଇ(ଏମ୍), ଏନ୍‌ସିପି ଏ ନେଇ ଅଦାଳତଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି।

## ଏମ୍‌ପି, ବିଧାୟକଙ୍କ ନାଁରେ ଆପରାଧିକ ମାମଲା

# ହାଇକୋର୍ଟ ଅନୁମତିରେ ପ୍ରତ୍ୟାହାର ସମ୍ଭବ

**ନୂଆଦିଲ୍ଲୀ, ୧୦।୮**

କୌଣସି ଏମ୍‌ପି କିମ୍ବା ବିଧାୟକଙ୍କ ନାମରେ ଆପରାଧିକ ମାମଲା ଥିଲେ ରାଜ୍ୟ ସରକାର ତାହାକୁ ହାଇକୋର୍ଟଙ୍କ ବିନା ଅନୁମତିରେ ପ୍ରତ୍ୟାହାର କରିପାରିବେ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆପରାଧିକ ମାମଲା ଥିବା ଜନପ୍ରତିନିଧିଙ୍କୁ ନିର୍ବାଚନ ଲଢ଼ିବାକୁ ଦିଆ ନ ଯିବା ପାଇଁ ୨୦୧୬ରେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଆମିକସ୍ କ୍ୟୁରି ବିଜୟ ହଁସାରିଆଙ୍କ ରିପୋର୍ଟ ଆଧାରରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା, ଜଷ୍ଟିସ୍ ବିନିତ ସରନ, ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଉକ୍ତ ରାୟ ଦେଇଛନ୍ତି। ରିପୋର୍ଟ ମୁତାବକ, ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ପୂର୍ବତନ ଓ ବର୍ତ୍ତମାନର ଏମ୍‌ପି ଏବଂ ବିଧାୟକଙ୍କ ନାମରେ ଆପରାଧିକ ମାମଲା ୧୭ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟ ସରକାରଗୁଡ଼ିକ ସେମାନଙ୍କ ଏମ୍‌ପି ଏବଂ ବିଧାୟକଙ୍କ ନାମରେ ଥିବା ମାମଲାକୁ ପ୍ରତ୍ୟାହାର କରି ନେଉଛନ୍ତି। କର୍ନାଟକ ସରକାର ୬୧ ଜଣଙ୍କ ନାଁରେ ଥିବା ମାମଲା ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଖଣ୍ଡ ସରକାର ମଧ୍ୟ ଅନୁରୂପ କାମ କରିଛନ୍ତି। ତେଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିନା ମାମଲା ପ୍ରତ୍ୟାହାର ହେବା ଉଚିତ ନୁହେଁ ବୋଲି ବିଜୟ ହଁସାରିଆଙ୍କ ରିପୋର୍ଟରେ ଦର୍ଶାଯାଇଥିଲା। ସୁପ୍ରିମକୋର୍ଟ ରାୟରେ ଆହୁରି କହିଛନ୍ତି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏମ୍‌ପି, ବିଧାୟକଙ୍କ ଆପରାଧିକ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ଅଦାଲତ ବିଚାରପତିଙ୍କୁ ବଦଳି କରାଯାଇପାରିବ ନାହିଁ। ଶୁଣାଣି ହେବାକୁ ଥିବା ଏପରି ମାମଲାର ସମସ୍ତ ବିବରଣୀ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରଦାନ କରିବାକୁ ରେଜିଷ୍ଟ୍ରାର ଜେନେରାଲମାନଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆଇନପ୍ରଣେତାଙ୍କ ବିରୋଧରେ ଥିବା ମାମଲାର ବିବରଣୀ ପ୍ରଦାନ କରିବାକୁ ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏ ବାବଦରେ ଇଡି ସୋମବାର ଏକ ରିପୋର୍ଟ ପ୍ରଦାନ କରିଥିବାବେଳେ ସିବିଆଇ ରିପୋର୍ଟ ଦେଇ ନ ଥିବା ସଲିସିଟର ଜେନେରାଲ ତୁଷାର ମେହଟା ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଏପରି ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନର ଆବଶ୍ୟକତା ଥିବା ସିଜେଆଇ ରମନା କହିବା ସହ ୧୦ ଦିନ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।




# ମାଲବାହୀ ଟ୍ରେନ୍‌ର ୧୩ ବଗି ଲାଇନଚ୍ୟୁତ



**ଭଦ୍ରକ ଅଫିସ, ୧୦।୮**

ଭଦ୍ରକ-ଧାମରା ରେଳଲାଇନରେ ଏକ ମାଲବାହୀ ଟ୍ରେନ ମଙ୍ଗଳବାର ଅପରାହ୍ନରେ ଲାଇନଚ୍ୟୁତ ହୋଇଛି। ଚରମ୍ପାସ୍ଥିତ ଧାମରା ରେଳ ଓଭରବ୍ରିଜ୍ ନିକଟରେ ଏହି ଟ୍ରେନର ୧୩ ବଗି ଧାରଣାରୁ ଖସିଯାଇଛି। ଏଥିରେ ମୋଟ ୬୦ଟି ବଗି ଥିଲା। ଏହି ଖାଲି ଟ୍ରେନ୍ ଧାମରା ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ରେଳବାଇର ଏକ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ତେବେ ଉକ୍ତ ଲାଇନ୍ ଧାମରା ବନ୍ଦରର ନିଜସ୍ୱ ଲାଇନ୍ ହୋଇଥିବାରୁ ରେଳ ଚଳାଚଳରେ କୌଣସି ବ୍ୟାଘାତ ସୃଷ୍ଟି ହୋଇନାହିଁ। ଟ୍ରାକ୍‌ରେ ସମସ୍ୟା କାରଣରୁ ଏଭଳି ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି। ପୂର୍ବରୁ ଏହି ଲାଇନ୍‌ରେ ଦୁଇ ଥର ମାଲବାହୀ ଟ୍ରେନ ଲାଇନ୍‌ଚ୍ୟୁତ ହୋଇଥିବା ନଜିର ରହିଛି।







FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.
dentsuindia/dha bhu/02/21

# ଲୋକଙ୍କ ପ୍ରଶ୍ନରୁ ମୋ ରାପ୍

**ଡୁଲେ ରାପର, ଯାହାଙ୍କ ପ୍ରକୃତ ନାମ ଡୁଲେଶ୍ୱର ତାଣ୍ଡି। ଘଟୁଥିବା ଅନ୍ୟାୟ, ଅତ୍ୟାଚାର ଏବଂ ଗରିବ ଓ ଦଳିତଙ୍କ ପ୍ରତି ସରକାରଙ୍କ ଅଣଦେଖାକୁ ରାପ୍ ମାଧମରେ ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ସାମାଜିକ ବାସ୍ତବତାକୁ ନିଖୁଣ ଭାବେ ନିଜ କଳାରେ ଦର୍ଶାଇ ଅଳ୍ପ ଦିନରେ ଘରେ ଘରେ ପରିଚିତ ହୋଇଛନ୍ତି ଡୁଲେ। ବଲିଉଡ୍ ମ୍ୟୁଜିକ ଡାଇରେକ୍ଟର ବିଶାଲ ଦଦଲାନି ସୋସିଆଲ ମିଡିଆରେ ଡୁଲେଙ୍କ ରାପ୍ ଦେଖି ପ୍ରଶଂସା କରିଥିଲେ ଏବଂ ସହଯୋଗ କରିବେ ବୋଲି ଟୁଇଟ୍ କରି କହିଥିଲେ। ଏହାପରେ ଡୁଲେ ରାତାରାତି ଷ୍ଟାର ହୋଇଯାଇଥିଲେ। କଳାହାଣ୍ଡି ଜିଲା ଭବାନୀପାଟଣାର ବୋରଡ଼ା ଗାଁରେ ମାଟି, ଖପର ଘରେ ରହୁଥିବା ଡୁଲେଙ୍କ ସତେ ଯେପରି ଭାଗ୍ୟ ଫିଟିଯାଇଥିଲା। ଯଦିଓ ପୂର୍ବରୁ ସେ ନିଜ ଅଞ୍ଚଳରେ ଲୋକପ୍ରିୟ ଥିଲେ, କିନ୍ତୁ ବିଶାଲଙ୍କ ଟୁଇଟ୍ ପରେ ସବୁଆଡ଼ୁ ମିଳିଥିଲା ପ୍ରଶଂସା ଓ ଭଲପାଇବା। ଏଥିସହିତ ବିଭିନ୍ନ ଜାଗାରୁ ମିଳିଥିଲା ଅଫର। ବର୍ତ୍ତମାନ ସୁଦ୍ଧା ଡୁଲେ ୧୦୦୦ରୁ ଅଧିକ ରାପ୍ ଲେଖିବା ସହିତ ଅନେକ ବୋଲିଛନ୍ତି। ଡୁଲେଙ୍କ ସଂଘର୍ଷର କାହାଣୀ ସମ୍ପର୍କରେ ତାଙ୍କ ସହ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ।**


ଡୁଲେଶ୍ୱର ତାଣ୍ଡି

**ଧରିତ୍ରୀ ଆଳାପ**

**ପ୍ରଶ୍ନ – ଡୁଲେଶ୍ୱର ତାଣ୍ଡିରୁ ଡୁଲେ ରାପର। କେମିତି ?**
ଉତ୍ତର: ସ୍କୁଲରେ ପାଠ ପଢ଼ିବା ବେଳେ ମୋର କବିତା ଲେଖା ପ୍ରତି ରୁଚି ଥିଲା। କିନ୍ତୁ କଲେଜ ପଢ଼ିବା ବେଳେ ରାପର ହନି ସିଂ ମୋର ପ୍ରିୟ ଥିଲେ। ତାଙ୍କ ଗୀତ ଶୁଣି ମଜା ଲାଗେ। ସେତେବେଳେ ମୁଁ ରାପ୍ ଲେଖିବାକୁ ଚେଷ୍ଟା କଲି। ଯୁକ୍ତ୩ରେ ଏହି ଲେଖାଲେଖି ବଢ଼ିଯାଇଥିଲା। ସେତେବେଳେ ଫେସ୍‌ବୁକ୍‌ରେ ସାଙ୍ଗମାନେ ମୋର ଗୋଟେ ଆକାଉଣ୍ଟ ଖୋଲିଲେ। ସେଥିରେ ସେମାନେ ମୋ ନାମ ଡୁଲେ ରାପର ରଖିଥିଲେ। ଆଉ ସେଥିରେ ମୋର ରାପ୍ ବି ମୁଁ ପୋଷ୍ଟ କରେ।

**ପ୍ରଶ୍ନ – କେମିଷ୍ଟ୍ରି ଅନର୍ସରେ ସ୍ନାତକ କରିଛନ୍ତି। ଚାକିରି କରିବାକୁ ପ୍ରୟାସ କରିନାହାନ୍ତି?**
ଉତ୍ତର: ଆମ ଘରର ଆର୍ଥିକବସ୍ଥା ଠିକ୍ ନୁହେଁ। ବହୁକଷ୍ଟରେ ଯୁକ୍ତ୩ ପର୍ଯ୍ୟନ୍ତ ପଢ଼ିଲି। ଭଲ ମଧ୍ୟ ପଢୁଥିଲି। ଡାକ୍ତର ହେବା ସ୍ୱପ୍ନ ଥିଲା। କିନ୍ତୁ ଯୁକ୍ତ୩ ସରିବା ବେଳକୁ ମା’, ବାପାଙ୍କ ଦେହ ଖରାପ ହୋଇଯାଇଥିଲା। ସେମାନଙ୍କ ଚିକିତ୍ସା ପାଇଁ ଟଙ୍କା ଦରକାର ଥିଲା। ତେଣୁ ମୋ ରାପ୍‌କୁ ନେଇ ବହୁ ଷ୍ଟୁଡିଓ ଏବଂ ଡାଇରେକ୍ଟରଙ୍କ ପାଖକୁ ଗଲି। କିନ୍ତୁ ସମସ୍ତେ ନିରାଶ କରିଦେଲେ। ତେଣୁ ଚାକିରି ପାଇଁ ଚେଷ୍ଟା କଲି। ଏଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନ ସହିତ ବହୁ ରାଜ୍ୟ ବୁଲିଛି। କିନ୍ତୁ କେଉଁଠି ବି ଭଲ ଚାକିରି ମିଳିଲା ନାହିଁ। ଛତିଶଗଡ଼ର ରାୟପୁର ଯାଇଥିଲି। ସେଠାରେ ଏକ ହୋଟେଲରେ ଚାକିରି ପାଇଁ କହିଲି, କିନ୍ତୁ ମୋର ଅଭିଜ୍ଞତା ନ ଥିବାରୁ ସେମାନେ ମନା କରିଦେଲେ। କିନ୍ତୁ ଅନ୍ୟ କାମ ପାଇଁ ଅଫର ଦେଲେ। ସେଠାରେ ମୁଁ ଟେବୁଲ ଓ ପ୍ଲେଟ୍ ସଫା କରୁଥିଲି। ହୋଟେଲରେ ରହିବା ଓ ଖାଇବା ଦିଆଯାଉଥିବାରୁ ସେଠାରେ ରହି କାମ କଲି।

**ପ୍ରଶ୍ନ – ଆପଣଙ୍କ ଅଧିକାଂଶ ରାପ୍ ସରକାରଙ୍କ ବିରୋଧରେ ଥାଏ। କେବେ ଡର ଲାଗିନି?**
ଉତ୍ତର: ମୁଁ ପଲିଟିକାଲ ରାପର ନୁହେଁ। ସାଧାରଣ ଲୋକଙ୍କ ମନରେ ଯେଉଁ ପ୍ରଶ୍ନ ଆସେ, ସେଇଟା ମୋ ମନରେ ବି ଆସେ, ଯାହାକୁ ମୁଁ ମୋ ରାପ୍ ମାଧ୍ୟମରେ ପ୍ରକାଶ କରିଦିଏ। ଦାରିଦ୍ର୍ୟକୁ ମୁଁ ଆଖିରେ ଦେଖିଛି ଓ ଅଙ୍ଗେ ନିଭେଇଛି। ଚାକିରିଟିଏ ପାଇଁ ବହୁ ଜାଗା ବୁଲିବା ବେଳେ ଅନେକ ଥର ଖାଇବାକୁ ବି ପାଇନି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନରେ ମଧ୍ୟ ଶୋଇଛି। ତେଣୁ ସେ ଗରିବଙ୍କ ଦୁଃଖକଷ୍ଟକୁ ମୋ ରାପ୍‌ରେ ରଖିଥାଏ। କିନ୍ତୁ ଲୋକେ ତାକୁ ଭିନ୍ନ ଦୃଷ୍ଟିଭଙ୍ଗି ଦିଅନ୍ତି। ଭାବନ୍ତି ସରକାରଙ୍କ ବିରୋଧରେ ମୁଁ ଲେଖୁଛି।

**ପ୍ରଶ୍ନ – ଦେଶଦ୍ରୋହ ଆଇନ ବିଷୟରେ ସଚେତନ କି?**
ଉତ୍ତର: ନା। ସେ ଉପରେ ମୋର ଧାରଣା ନାହିଁ।

**ପ୍ରଶ୍ନ – ଲକ୍‌ଡାଉନ୍ ସମୟରେ ଶ୍ରମିକଙ୍କ ଦୁଃଖକୁ ନେଇ ରାପ୍ କରିଥିଲେ। ତା’ର କ’ଣ ପ୍ରତିକ୍ରିୟା ମିଳିଥିଲା ?**
ଉତ୍ତର: ତୁମ ଶତ୍ରୁକୁ ଯଦି କେହି ଖରାପ କୁହେ, ତେବେ ତୁମକୁ ଭଲ ଲାଗିବ। ସେହି ରାପ୍ ପରେ ମୋତେ ସେହିଭଳି ପ୍ରତିକ୍ରିୟା ମିଳିଥିଲା। ଅନେକେ ମୋତେ ବ୍ୟବହାର କରିବାକୁ ଚାହିଁଛନ୍ତି। ବିରୋଧୀ ମୋ ଘରକୁ ଆସି ମୋତେ ରାପ୍ ଲେଖିବାକୁ କହିଛନ୍ତି। କିନ୍ତୁ ମୁଁ ତାଙ୍କୁ ରୋକ୍‌ଠୋକ୍ ମନା କରିଛି। କିନ୍ତୁ ଅନେକ ଜାଗାରୁ ଏହି ରାପ୍ ପାଇଁ ପ୍ରଶଂସା ପାଇଛି।

**ପ୍ରଶ୍ନ – ଆପଣଙ୍କ ଆଇଡଲ କିଏ ?**
ଉତ୍ତର: ବଲିଉଡ୍‌ରେ ବାଦଶାହ, ହନି ସିଂ, ରଫତାର, ଇକ୍କା ରାପରଙ୍କୁ ଫଲୋ କରେ। ତେବେ ଡ୍ୟାଡି ୟାଙ୍କି(Daddy Yankee), ସ୍ନୁପ୍ ଡଗ୍(Snoop Dogg), ଡେ. ଡ୍ରେ(Dr. Dre), ଏମିନେମ୍(Eminem), ରକି (Rocky) ମୋର ଆଇଡଲ।

ଉତ୍ତର: ଏହି ରାପ୍ ପାଇଁ ମୋର ବହୁ ଶତ୍ରୁ ହୋଇଗଲେ। ଅନେକେ ଏହାର ପ୍ରତିବାଦ କରିଥିଲେ। ସେତେବେଳେ ମୁଁ ଭୁଲ୍ ବି ମାଗିଥିଲି। ଆଗକୁ ଏ ଦିଗ ପ୍ରତି ନିଶ୍ଚିତ ଧ୍ୟାନ ଦେବି।

**ପ୍ରଶ୍ନ – ଆପଣ ଭାବୁଛନ୍ତି କି ସେ ରାପ୍ ଗାଇ ଭୁଲ୍ କରିଛନ୍ତି ?**
ଉତ୍ତର: ନା। ବହୁ ଇଣ୍ଟରନ୍ୟାଶନାଲ ଆର୍ଟିଷ୍ଟଙ୍କର ରାପ୍ ମୁଁ ଶୁଣେ। ତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥାଏ। ସେମାନଙ୍କ ରାପ୍ ଷ୍ଟାଇଲ୍‌କୁ ଦେଖିକି ହିଁ ମୁଁ ସେଇଟା ଲେଖିଥିଲି। ତେଣୁ ଭାବୁଛି ମୁଁ ସେମିତି କିଛି ଭୁଲ୍ କରିନାହିଁ। କାହାର କେମିତି ମାନସିକତା। କିଏ କେମିତି ଗ୍ରହଣ କରିବ।

**ପ୍ରଶ୍ନ – ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଯେଉଁଦିନ ଫିଲ୍ମରେ ଗୀତ ଗାଇବା ପାଇଁ ଅଫର ଦେଇଥିଲେ, ସେଦିନର ଅନୁଭୂତି କ’ଣ ଥିଲା ?**
ଉତ୍ତର: ତାଙ୍କ ସହିତ କାମ କରିବା ପାଇଁ ସ୍ୱପ୍ନ ଥିଲା। ଯେତେବେଳେ ଅଫର ମିଳିଲା ବହୁତ ଖୁସି ହୋଇଯାଇଥିଲି। ଆଉ ସେଇଟା ମୋ ଜୀବନର ଗୋଟେ ନୂଆ ଅଧ୍ୟାୟ ଥିଲା ବୋଲି କହିବି।

**ପ୍ରଶ୍ନ – ଆଗକୁ କ’ଣ ସ୍ୱପ୍ନ ଅଛି ?**
ଉତ୍ତର: ଆଗକୁ ଭଲ ଭଲ ଆଲ୍‌ବମ୍ ବନେଇବା ପାଇଁ ଯୋଜନା କରିଛି। ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ବା ଲୋକପ୍ରିୟ ରାପର ହେବି।

**ପ୍ରଶ୍ନ – ରାପ୍ ଛଡ଼ା ଆଉ କ’ଣ କରିବାକୁ ଭଲ ଲାଗେ?**
ଉତ୍ତର: ସ୍କୁଲରେ ପଢ଼ିବା ସମୟରେ ମୁଁ ଫୁଟ୍‌ବଲ ଖେଳାଳି ଥିଲି। ତେଣୁ ସମୟ ମିଳିଲେ ଫୁଟ୍‌ବଲ ଖେଳେ।

**ପ୍ରଶ୍ନ – ଗୋଟେ ରାପ୍ ଲେଖିବା ପାଇଁ କେତେ ସମୟ ଲାଗେ ?**
ଉ: ଆଗରୁ ମୋତେ ଦୁଇତିନି ଦିନ ଲାଗୁଥିଲା। କିନ୍ତୁ ଏବେ ମୋର ଅଭ୍ୟାସ ହୋଇଗଲାଣି। ଗୋଟେ ଘଣ୍ଟାରେ ବି ଲେଖିପାରୁଛି।

**ପ୍ରଶ୍ନ – ନିକଟରେ ଏକ ରାପ୍ ବୋଲିଥିଲେ, ଯେଉଁଥିରେ ମହିଳାଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଥଲା। କ’ଣ କହିବେ ଏ ସମ୍ପର୍କରେ?**

# ନବମ, ଦଶମ ପାଇଁ ନୂଆ ପରୀକ୍ଷା ପଦ୍ଧତି

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

କରୋନା ସମୟରେ ନବମ ଓ ଦଶମ ଶ୍ରେଣୀ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ନୂଆ ପରୀକ୍ଷା ପଦ୍ଧତି ଯୋଜନା କରିଛି। ୨୦୨୧–୨୨ ଶିକ୍ଷାବର୍ଷ ଜୁଲାଇରୁ ଏହା ଆରମ୍ଭ ହୋଇ ଏପ୍ରିଲରେ ସରିବ। ଏହି ଶିକ୍ଷାବର୍ଷକୁ ଦୁଇ ଟର୍ମରେ ଭାଗ କରାଯାଇଛି। ପ୍ରଥମ ଟର୍ମ ଜୁଲାଇରୁ ନଭେମ୍ବର ଓ ଦ୍ୱିତୀୟ ଟର୍ମ ଡିସେମ୍ବରରୁ ଏପ୍ରିଲ ଯାଏ ଚାଲିବ। ପ୍ରତି ଟର୍ମରେ ୫୦ ପ୍ରତିଶତ ପିଲା ପାଠ ପଢ଼ିବେ ଓ ପରୀକ୍ଷା ଦେବେ। ବୋର୍ଡ ସିଧାସଳଖ ଏହି ପରୀକ୍ଷା କରାଇବ। ତେବେ ପାଠ୍ୟକ୍ରମ କେତେ ରହିବ ଓ କ’ଣ ରୂପରେଖ ହେବ ସେନେଇ ବୋର୍ଡ ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରିବ।

**୨୦୨୧-୨୨ ଶିକ୍ଷାବର୍ଷ ୨ ଟର୍ମରେ ବିଭକ୍ତ**

ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ସମୟ ସମୟରେ ଆଭ୍ୟନ୍ତରୀଣ ମୂଲ୍ୟାୟନ (ଇଣ୍ଟରନାଲ ଆସେସମେଣ୍ଟ) କରାଯିବ। ମୋଟ୍ ୪ଟି ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବ। ଅର୍ଥାତ୍ ପ୍ରତି ଟର୍ମ ଭିତରେ ଦୁଇଟି ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବାର ବ୍ୟବସ୍ଥା ହେଉଛି। ଉଭୟ ନବମ ଓ ଦଶମ ଶ୍ରେଣୀ ପାଇଁ ଏହି ମୂଲ୍ୟାୟନ ହେବ। ଦଶମ ଶ୍ରେଣୀ ପାଇଁ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ପ୍ରଥମ ଆଭ୍ୟନ୍ତରୀଣ ମୂଲ୍ୟାୟନ, ନଭେମ୍ବର ପ୍ରଥମ ସପ୍ତାହରେ ଦ୍ୱିତୀୟ, ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ତୃତୀୟ ଓ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଚତୁର୍ଥ ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, କରୋନା ପାଇଁ ଚଳିତବର୍ଷ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ବାତିଲ ହୋଇଥିଲା। ଏହାପରେ ସ୍ୱତନ୍ତ୍ର ମୂଲ୍ୟାୟନ ପଦ୍ଧତିରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ କରାଗଲା। ତେବେ ଆଗକୁ ଯେପରି ଏଭଳି ଅସୁବିଧା ନ ଉପୁଜେ ସେଥିପାଇଁ ନୂଆ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ କରିବାକୁ ଯୋଜନା ହୋଇଛି। ବୋର୍ଡ ନବମ ଓ ଦଶମ ଶ୍ରେଣୀ ପାଇଁ ନୂଆ ପରୀକ୍ଷା ପଦ୍ଧତି ଯୋଜନା କରିଛି।

# ଚଳିତ ସପ୍ତାହରେ ଯୁକ୍ତ୨ କଳା ରେଜଲ୍ଟ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ପରୀକ୍ଷା ଫଳ ଚଳିତ ସପ୍ତାହରେ ପ୍ରକାଶ ପାଇପାରେ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ସପ୍ତାହରେ ଯୁକ୍ତ୨ କଳା ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ସିଏଚ୍‌ଏସ୍‌ଇ ଚେଷ୍ଟା କରୁଛି। ଖୁବ୍‌ଶୀଘ୍ର ରେଜଲ୍ଟ ପ୍ରକାଶ ପାଇବ ବୋଲି ଆଶା କରୁଛି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇଥିଲା। ବିନା ପରୀକ୍ଷାରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ କରାଯିବ। ଗତ ଜୁଲାଇ ୩୧ରେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ଏଥିରେ ରେକର୍ଡ ସଂଖ୍ୟକ ପାସ୍ ହାର ରହିଥିଲା। ବିଜ୍ଞାନରେ ପାସ୍ ହାର ୯୫.୧୫% ଥିବା ବେଳେ ବାଣିଜ୍ୟରେ ୯୪.୯୭% ଥିଲା।


ଭୁବନେଶ୍ୱର ପିଏମ୍‌ଜିରେ ମଙ୍ଗଳବାର ଟ୍ୟାକ୍ସ, ଭଡ଼ା ବୃଦ୍ଧି ଓ ଜବରଦସ୍ତ ଟ୍ରକ ଛଡ଼ାଇ ନିଆଯିବାକୁ ବିରୋଧ କରି ଓଡ଼ିଶା ଟ୍ରକ ଓନର୍ସ ଆସୋସିଏଶନ ପକ୍ଷରୁ ଧାରଣା।




# ପୂରଣ ହେବ ୧୧,୪୫୦ ଶିକ୍ଷକ ପଦବୀ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ):** ରାଜ୍ୟରେ ୧୧,୪୫୦ ଶିକ୍ଷକ ପଦବୀ ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୧,୪୫୦ଟି ଶିକ୍ଷକ ପଦବୀ ପୂରଣ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହିସବୁ ପଦବୀ ପୂରଣ ପାଇଁ ବ୍ୟବସ୍ଥା କରାଯାଉଛି। ଏଥିନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨,୦୫୫ ହିନ୍ଦୀ, ୧,୩୦୪ ସଂସ୍କୃତ ଏବଂ ୧,୨୬୦ ଶାରୀରିକ ଶିକ୍ଷା ତାଲିମ ଶିକ୍ଷକ (ପିଇଟି) ପଦବୀ ପୂରଣ ହେବ। ଏହି ୪,୬୧୯ଟି ଶିକ୍ଷକ ପଦବୀ ପୂରଣ ପାଇଁ ଅଗଷ୍ଟ ୨୩ରେ ବିଜ୍ଞାପନ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ୬,୦୬୫ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି) ଓ ତେଲୁଗୁ ଶିକ୍ଷକ ଏବଂ ତୃତୀୟ ପର୍ଯ୍ୟାୟରେ ୯୪୦ଟି ନୂତନ ଭାବେ ସୃଷ୍ଟି ହୋଇଥିବା ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି), କ୍ଲାସିକାଲ ଏବଂ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ମଙ୍ଗଳବାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ । ପ୍ରତି ମୁହୂର୍ତ୍ତରେ ଏହି ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ- ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଏବଂ ସବୁଠାରୁ ବଡ କଥା ମଧ ହେଲା - ତୁମର ଚରମ ନିଷ୍ଠାପରତା । -ଶ୍ରୀମା

# ଧନୀଙ୍କ ପୃଥିବୀ

ଅତ୍ୟଧିକ ତାପଜ ବିଦ୍ୟୁତ ଉତ୍ପାଦନ, ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ଏବେ ମଣିଷକୁ ମୃତ୍ୟୁମୁଖକୁ ଠେଲୁଛି । ମଣିଷ ନିଜେ ବିପର୍ଯ୍ୟୟକୁ ଆମନ୍ତ୍ରଣ କରିଛି ଓ ଏହା କେତେ ଭୟଙ୍କର ହୋଇପାରେ ତାହା ହିମସ୍ଖଳନ, ବନାଗ୍ନି, ଭୀଷଣ ବର୍ଷା ବା ସ୍ୱଳ୍ପ ବୃଷ୍ଟି ଭଳି ପରିସ୍ଥିତିରୁ ସ୍ପଷ୍ଟ ବାରି ହୋଇପଡୁଛି । ବାୟୁମଣ୍ଡଳରେ ସବୁଜଗୃହ ବାଷ୍ପ ନିର୍ଗମନ ହେତୁ ବିଶ୍ୱତାପନ ବୃଦ୍ଧି ପାଉଛି । ଏହା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ସମ୍ପୂର୍ଣ୍ଣ ୟୁରୋପ ଓ ଆମେରିକାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, କାଲିଫର୍ନିଆଠାରୁ ଗ୍ରୀସ ପର୍ଯ୍ୟନ୍ତ ଭୀଷଣ ବନାଗ୍ନି ଏହାର ପ୍ରମାଣ । ଆଣ୍ଟାର୍କଟିକାର ହିମଶୈଳ ଓ ହିମାଳୟରୁ ବରଫ ତରଳିବା ମଧ ଏହାର ପ୍ରାକ୍ ସୂଚନା । ଏହି ସମୟରେ ନିକଟରେ ପ୍ରକାଶିତ ଜାତିସଂଘର ଜଳବାୟୁ ସଂକ୍ରାନ୍ତୀୟ ଆନ୍ତଃ ସରକାରୀସ୍ତରୀୟ କମିଟି(ଆଇପିସିସି) ରିପୋର୍ଟ ଆଗାମୀ ଦିନରେ ଭୟଙ୍କର ବିପର୍ଯ୍ୟୟକୁ ସୂଚିତ କରିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭାରତରେ ତୀବ୍ର ହେବ ବୋଲି ସତର୍କ କରିଦେଇଛି । କେବଳ ଏତିକି ନୁହେଁ, ଆଣ୍ଟାର୍କଟିକା ବରଫ ଖଣ୍ଡ ତରଳି ସମୁଦ୍ର ସ୍ତର ବୃଦ୍ଧି ଘଟି ଭାରତର ମୁମ୍ବାଇ, ଚେନ୍ନାଇ, କୋଚି, କୋଲକାତା, ସୁରଟ ଓ ବିଶାଖାପଟନମ ଆଦି ବନ୍ଦର ସହର ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି । ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖିବା ଲାଗି ଉଦ୍ୟମ କରାଯାଉଥିବାବେଳେ ଏହି ରିପୋର୍ଟ ବାସ୍ତବିକ ଚିନ୍ତା ବଢାଇ ଦେଇଛି ।

ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ସବୁଜ ଗୃହ ବାଷ୍ପ କମ୍ କରିବାକୁ ହେବ । କିନ୍ତୁ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକର ଶକ୍ତି ଚାହିଦା ପ୍ରବଳ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି । ସେ ହେତୁ ସେମାନଙ୍କ ଶକ୍ତି ଉତ୍ପାଦନ ବୃଦ୍ଧି ପାଉଛି । ତାହା ଫଳରେ ସବୁଜଗୃହ ବାଷ୍ପ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ଯାଉଛି । ସବୁଜ ଗୃହ ବାଷ୍ପ ନିର୍ଗମନରେ ଚାଇନା, ଆମେରିକା ପଛକୁ ଭାରତ ରହିଛି । ଏଣୁ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପୃଥିବୀ ସମେତ ଭାରତକୁ ମଧ କ୍ଷତି କରିବ ଏହା ନିଃସନ୍ଦେହ । ୨୦୧୯ର ୟୁନାଇଟେଡ ନେଶନ୍‌ସ ଏମିଶନ ଗ୍ୟାପ୍ ରିପୋର୍ଟ ଅନୁଯାୟୀ, କାର୍ବନ ନିର୍ଗମନ ସ୍ତର ୨୦୩୦ ସୁଦ୍ଧା ୫୫% ହ୍ରାସ କରାଯାଇପାରିଲେ ବିଶ୍ୱ ତାପନ ବୃଦ୍ଧି ୧.୫ ଡିଗ୍ରୀ ସେଲସିୟସରେ ସୀମିତ ରଖାଯାଇପାରିବ । କିନ୍ତୁ ମହାମାରୀ ସମୟରେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମୋଟ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା କମାଇଥିବାବେଳେ ଚାଇନା ନୂଆ ତାପଜ ବିଦ୍ୟୁତ ଶକ୍ତି କ୍ଷମତା ବୃଦ୍ଧି କରିବା ଏବେ ଚିନ୍ତାର ବିଷୟ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆମେରିକାର ବୋଇଂ କମ୍ପାନୀ ନିର୍ମାଣ କରୁଥିବା ପ୍ରତ୍ୟେକଟି ନୂଆ ଜେଟ୍ ବିମାନ ତାହାର ସମଗ୍ର କାର୍ଯ୍ୟକାଳ ମଧ୍ୟରେ ଏକ ମିଲିଅନ (୧୦ ଲକ୍ଷ) ଟନ୍ କାର୍ବନ ଡାଇଅକ୍ସାଇଡ ସୃଷ୍ଟି କରିବ । ଏଥିରୁ ବୁଝିବାକୁ ହେବ ଆଧୁନିକ ମଣିଷର ପ୍ରତ୍ୟେକଟି କାର୍ଯ୍ୟ ବାୟୁମଣ୍ଡଳକୁ କ୍ଷତି ପହଞ୍ଚାଇବା ଭଳି ମନେ ହୁଏ । ଏହି କ୍ଷତି କେବଳ ଉଡ଼ାଜାହାଜରେ ସୀମିତ ନୁହେଁ । ଗାଡ଼ିମୋଟର ଚଳାଇବାଠାରୁ ଆରମ୍ଭ କରି ଶିଳ୍ପ ସୃଷ୍ଟି କରୁଥିବା କ୍ଷତିକାରକ ବାଷ୍ପ ପୃଥିବୀର ବାୟୁମଣ୍ଡଳ ଉପରେ ପ୍ରଭାବ ପକାଉଛି । ଗବେଷକମାନଙ୍କ କହିବା ଅନୁଯାୟୀ ହାରାହାରି ୧୮-୨୨ ବର୍ଷ ବଞ୍ଚୁଥିବା ଗୋଟିଏ ଗାଈର ଜୀବନ କାଳ ସମୟରେ ତାହା ଦ୍ୱାରା ନିର୍ଗତ ବାୟୁ( ମିଥେନ୍) ପରିମାଣ ୫୦ ଜଣ ମଣିଷଙ୍କର ହାରାହାରି ୭୦ ବର୍ଷ ଜୀବନକାଳରେ ନିର୍ଗତ ବାୟୁ ସହିତ ସମାନ ହୋଇଥାଏ । ଏହି ମିଥେନ ବାୟୁମଣ୍ଡଳକୁ ବିଶେଷକରି ଓଜୋନକୁ କ୍ଷତି ପହଞ୍ଚାଉଛି ।

ଆଜିର କରୋନା ଭାଇରସ ସଂକ୍ରମଣ ପରିସ୍ଥିତି ମଣିଷ ଜାତିକୁ ଅନେକ ଶିକ୍ଷା ଦେଇଛି । ୨୦୨୦ରୁ ଲାଗି ରହିଥିବା ବିଶ୍ୱବ୍ୟାପୀ ଲକ୍‌ଡାଉନ ପରିସ୍ଥିତି ଦ୍ୱାରା ବାୟୁମଣ୍ଡଳ ପ୍ରତି ଘଟୁଥିବା କ୍ଷତି ହ୍ରାସ ପାଇଛି । ଏଥିରୁ ବୁଝିବାକୁ ହେବ ଯେ, ଗମନାଗମନ ଏବଂ କ୍ଷତିକାରକ ଶିଳ୍ପ ବନ୍ଦ ହୋଇଯିବା ଫଳରେ ପୃଥିବୀର ସ୍ଥିତିରେ ପରିବର୍ତ୍ତନ ଆସିଛି । ଏହି ଚିନ୍ତାଧାରା ବିରୋଧରେ ଯୁକ୍ତି କରାଯାଇପାରେ ଯେ, ସବୁକିଛି ବନ୍ଦ ରହିଲେ ପୃଥିବୀର ଅର୍ଥନୀତି ଭୁଶୁଡି ପଡ଼ିବ । ଏହା ବ୍ୟତୀତ ଗରିବଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ବାରମ୍ବାର ଯେଉଁ ରିପୋର୍ଟ ପ୍ରକାଶ ପାଉଛି ତାହାର ମଧ ଅନେକ ସମର୍ଥକ ଏହି ପ୍ରକାରର ବନ୍ଦକୁ ବିରୋଧ କରନ୍ତି । ସେମାନେ କୌଣସି ସମୟରେ ଗରିବଙ୍କ ପ୍ରତି କାଣିଆଙ୍ଗୁଠି ମଧ ଉଠାଇ ନ ଥିବାବେଳେ, ଏବେ ତାଙ୍କର ଗରିବପ୍ରୀତି ଆଖିଦୃଶିଆ ଭାବେ ଦିଶୁଛି । କୋଭିଡ୍ ମହାମାରୀର ଶିକ୍ଷାକୁ ହାତଛଡ଼ା କଲେ ମଣିଷ ଜାତିର ଗୁରୁତର କ୍ଷତି ଘଟିବ । ଏହି ସମୟରେ ପ୍ରମାଣ ମିଳିଲା ଯେ, ଆଧୁନିକ ମଣିଷର ସବୁ ପାଗଳାମିକୁ ଆୟତ୍ତ କରିପାରିଲେ ଭବିଷ୍ୟତରେ ମଣିଷ ଜାତି ବଞ୍ଚିକରି ରହିବ । ଗ୍ରେଟା ଥନ୍‌ବର୍ଗଙ୍କ ଭଳି ଯୁବ ନେତୃତ୍ୱର ବାଣୀକୁ ଶୁଣିବା ସହିତ ପୂର୍ବ ଢାଞ୍ଚାର ଜୀବନଶୈଳୀକୁ ମାର୍ଜିତ କରିବାକୁ ହେବ । କେବଳ ଅର୍ଥନୀତିକୁ ଲକ୍ଷ୍ୟ କରି ଅଳ୍ପ କେତେକ ଲୋକ କିମ୍ବା ପରିବାରକୁ ଅତ୍ୟଧିକ ଧନୀ କରିବାକୁ ଗଲେ ପୃଥିବୀରେ ଯେଉଁ ଅନ୍ଧକାର ବ୍ୟାପିବ ସେଥିରୁ ଆଲୋକକୁ ଯିବା କଷ୍ଟକର ହୋଇପଡ଼ିବ । ଏଥିରୁ ବୁଝିବାକୁ ହେବ ଯେ କେବଳ ଗଛଟିଏ ଲଗାଇଲେ ପରିବେଶ ସୁରକ୍ଷା ହେବ ନାହିଁ, ପୃଥିବୀକୁ ବଞ୍ଚାଇବାକୁ ହେଲେ ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ।

# ଶ୍ରେଷ୍ଠ ପ୍ରଦର୍ଶନ କରିପାରୁନାହୁଁ କାହିଁକି



ସୁଧିରାଜ ରାଉତ

କରୋନାର କଳା ଚାଦରକୁ ଚିରି, ଜୀବନୀଶକ୍ତିକୁ ହରିନେଉଥିବା ଦୀର୍ଘ ରଜନୀକୁ ଅନ୍ତକରି ଉଦିତ ସୂର୍ଯ୍ୟ ପ୍ରାୟେ ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ବର୍ଷେ ବିଳମ୍ବରେ ହେଉ ପଛେ ଟୋକିଓରେ ହୋଇସାରିଛି । ଏହି କ୍ରୀଡ଼ା ମହାକୁମ୍ଭରେ ଅଧିକ ସଂଖ୍ୟକ ଖେଳାଳି ଭାରତବର୍ଷ ତରଫରୁ ଭାଗ ନେବାକୁ ମନୋନୀତ ହୋଇଥିଲେ, ଏହା ନିଶ୍ଚୟ ଏକ ଶୁଭ ସୂଚନା ଆମ ସଭିଙ୍କ ପାଇଁ । ଅନ୍ୟ ସବୁଥରଠାରୁ ଏଥର ଅନେକ ଭଲ ପ୍ରଦର୍ଶନ ମଧ କରିଛନ୍ତି । ସବୁଠୁ ଖୁସିର କଥା ଆମ ରାଷ୍ଟ୍ରୀୟ ଖେଳ ହକିରେ ବହୁବର୍ଷ ପରେ ଖୁବ୍ ଭଲ ଖେଳିଛନ୍ତି ଉଭୟ ମହିଳା ଓ ପୁରୁଷ । ଆମେ କେତେ ଅଧିକ ପଦକ ଆଣିଲୁ, ନ ଆଣିଲୁ ଏହା ମୋଟେ ବଡ଼ କଥା ନୁହେଁ । ଆମର ପ୍ରସ୍ତୁତି ଏବଂ ମନୋଭାବ ହେଉଛି ଅସଲ କଥା । ଅଲିମ୍ପିକ୍ସ ଶେଷ ହୋଇଥିଲେ ବି ଆସ ! ଏଇ ପବିତ୍ର ଅଲିମ୍ପିକ୍ସ ଆଲୋକରେ ଆମ ନିଜକୁ ଦେଖିବା । ଭାରତ ସାଧୀନ ହେବାର ବହୁ ପୂର୍ବରୁ ୧୯୨୦ରୁ ଏହି କ୍ରୀଡ଼ା ମହାକୁମ୍ଭରେ ଭାଗନେଇଆସୁଛି ସତ, କିନ୍ତୁ ଏତେ ବୃହତ୍ ଏବଂ ଏତେ ଜନବହୁଳ ଦେଶ ହେବା ସତ୍ତ୍ୱେ ଶ୍ରେଷ୍ଠ ପ୍ରଦର୍ଶନ ଦୂରର କଥା ସାଧାରଣ ପ୍ରଦର୍ଶନଠାରୁ ମଧ ଆମେ ବହୁଦୂରରେ ଅଛୁ । ଏହାର କାରଣ କ'ଣ ହୋଇପାରେ ? ପୂର୍ବରୁ ପରାଧୀନ ଥିଲୁ ଏବଂ ସାଧୀନ ପରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏହାର ମୁଖ୍ୟ କାରଣ । ଏହିଭଳି ଉତ୍ତର ପଣ୍ଡିତମାନଙ୍କଠାରୁ ଖବରକାଗଜ ଓ ଟିଭି ମାଧ୍ୟମରେ ଶୁଣିଆସୁଛୁ । ହୃଦୟ କହୁଛି ଏଇସବୁ ଉତ୍ତରରେ ଆତ୍ମତୃପ୍ତି ହେବା ଏକ ପ୍ରକାର ଅପରାଧ । ନିଷ୍ଠାର ସହ ଏହାର କାରଣ ଯଦି ଖୋଜିବା, ଭେଟିବା- ଏହାର ପଛରେ ରହିଛି- ଭୌଗୋଳିକ ଅବସ୍ଥିତି, ଜୀବନ ପ୍ରତି ଆମର ଦୃଷ୍ଟିକୋଣ, ଖାଦ୍ୟ ଏବଂ ଜୀବନଚର୍ଯ୍ୟା ଭଳି ଗଭୀର କାରଣ ସବୁ ।

ଅନେକ ସମୟରେ ବରଦାନ ବହୁ ଦୁର୍ବଳତାର କାରଣ ହୋଇଥାଏ । ଉର୍ବର ଭୂମି, ନଦନଦୀ, ଅନୁକୂଳ ଜଳବାୟୁ ଅନ୍ୟ ସଭ୍ୟତାଠାରୁ ଭାରତୀୟ ସଭ୍ୟତା ପ୍ରତି ଆଦ୍ୟକାଳରେ ଥିଲା ବରଦାନ । ପୁନଶ୍ଚ ସମୁଦ୍ର ଏବଂ ହିମାଳୟର ଅଭେଦ୍ୟ ପ୍ରାଚୀର ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବାହ୍ୟ ଶତ୍ରୁଠାରୁ ରଖିଥିଲା ସୁରକ୍ଷିତ । ଏଠି ତିନିମାସ ଚାଷକରି ବର୍ଷତମାମ ପାଇଁ ମଣିଷ ଯୋଗାଡ଼ି ପାରୁଥିଲା ଆହାର । କିନ୍ତୁ ଅନ୍ୟ ସଭ୍ୟତାରେ ପ୍ରକୃତିସହ ମଣିଷର ଥିଲା ରୀତିମତ ସଂଘର୍ଷ ଏବଂ ଏହାର ପରିଣାମ ସ୍ୱରୂପ ସେମାନଙ୍କ ଶରୀର ହୋଇଥିଲା ଶକ୍ତ ଓ ମନୋଭାବ ହୋଇଥିଲା ଲଢୁଆ । ଶରୀର କିଭଳି ଅଧିକ ଦକ୍ଷ ଓ ଶକ୍ତିଶାଳୀ ହୋଇପାରିବ ସେଥିପାଇଁ ସେମାନେ ଆବିଷ୍କାର କରିଥିଲେ ବିଭିନ୍ନ କ୍ରୀଡ଼ା ଓ ବ୍ୟାୟାମ । ଆମ ଦେଶରେ ପ୍ରାରମ୍ଭରୁ କ୍ଷତ୍ରିୟ କେବଳ ଯୁଦ୍ଧବିଦ୍ୟା ଶିଖିବାକୁ କିଛି ଶାରୀରିକ କୌଶଳ ଅଭ୍ୟାସ କରୁଥିଲା ଏବଂ ଋଷି ମୁନିମାନେ ଧ୍ୟାନ ଧାରଣା ପାଇଁ କରୁଥିଲେ କିଛି ଆସନ ପ୍ରାଣାୟାମ । ସାର୍ବଜନୀନ ଭାବେ ଶରୀର ଚର୍ଚ୍ଚାକୁ ନେଇ ଏ ଭୂଖଣ୍ଡରେ କେବେ ଆଲୋଡ଼ନ ଅବା ବିପ୍ଲବଟିଏ ଘଟିନାହିଁ । ଦୁଇ ମହାକାବ୍ୟରେ ଶରୀର ଚର୍ଚ୍ଚାକୁ ନେଇ ମନମୋହିବା ଭଳି ବିଷୟଟିଏ ମୋଟେ ଆମେ ଭେଟିବା ନାହିଁ । ଏଠି ଅନ୍ତଃଜଗତ ଉପରେ ଚୈତନ୍ୟ ଉପରେ ଯେତେ କର୍ଷଣ ହୋଇଛି ଶରୀରକୁ ସେତେ ଅବହେଳା କରାହୋଇଛି । ଆମ ଦେଶ ଏବଂ ଅଲିମ୍ପିକ୍ସ ଜନକ ଗ୍ରୀକ୍ ସହ ତୁଳନା କଲେ ଏହି ସତ୍ୟକୁ ସହଜରେ ଅନୁଭବି ପାରିବା, ଉଦାହରଣଟିଏ- ଭାରତବର୍ଷର ବହୁ କିମ୍ବଦନ୍ତୀ ମଧ୍ୟରୁ ଶବରୀ ବୁଢୀ ଏକ ଅନନ୍ୟ ଘଟଣା । ଗ୍ରୀକ୍ ଦେଶର ବହୁ ଲୋକକଥା ମଧ୍ୟରୁ ଫେଡ଼ିପିଡ଼ସ ଚରିତ୍ର ମଧ ଏକ ଅନନ୍ୟ ଘଟଣା । ମାରାଥନ ସ୍ଥାନରୁ ୪୨ କିଲୋମିଟର ଦୌଡ଼ି ଦୌଡ଼ି ଆସି ଏଥେନ୍ସବାସୀଙ୍କୁ ସେ ଯୁଦ୍ଧ ବିଜୟର ଶୁଭ ଖବର ଦେଇଥିଲେ । ଏଇ ଘଟଣା ପରବର୍ତ୍ତୀ ସମୟରେ ମାରାଥନ ଦୌଡ଼କୁ ଜନ୍ମ ଦେଇଥିଲା । ଦୁଇଟି ଏହି ଅସାଧାରଣ ଚରିତ୍ର ମଧ୍ୟରେ ସମାନତା ହେଉଛି ଦୁହେଁ ସମାଜର ଖୁବ୍ ନିମ୍ନବର୍ଗର । ମା' ଶବରୀ ଅନନ୍ୟ ଚୈତନ୍ୟକୁ ପ୍ରକାଶ କଲାବେଳେ ଫେଡ଼ିପିଡ଼ସ ଅସାଧାରଣ ଦୈହିକ, ପ୍ରାଣିକ ସାମର୍ଥ୍ୟର ପ୍ରତିନିଧି କରନ୍ତି । ଉକ୍ତ ଦୁଇ ଘଟଣାକୁ ଭଲ ଭାବେ ବୁଝିଲେ ନିଶ୍ଚେ ଜାଣିପାରିବା ଭାରତବର୍ଷ ଅଲିମ୍ପିକ୍ସରେ କାହିଁକି ଶ୍ରେଷ୍ଠ ପ୍ରଦର୍ଶନ କରିପାରେନାହିଁ ।

ଆଉ ଏକ ଦିଗ ଯାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ - ବୈଦିକ ସମୟର ସର୍ବମ ଖଳିତମ ବ୍ରହ୍ମ କିଭଳି ବ୍ରହ୍ମ ସତ୍ୟ ଜଗତ ମିଥ୍ୟାର ରୂପନେଲା ଏହାକୁ ନିଷ୍ଠାର ସହ ନ ଖୋଜିବା ଯାଏ ବିଶ୍ୱ କ୍ରୀଡ଼ା ମହାକୁମ୍ଭରେ କୀର୍ତ୍ତି ରଚିବା ସହଜ ହେବନି । ଦେହକୁ ଏକ ଉତ୍‌କ୍ଷେପଣ କେନ୍ଦ୍ର ଭଳି ବ୍ୟବହାରକରି ମୁକ୍ତି, କୈବଲ୍ୟ, ନିର୍ବାଣ ଉଠିଯିବା ଯଦି ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ହୁଏ ସେହି ଶରୀର କିଭଳି ଶ୍ରେଷ୍ଠତା ରଚନା କରିପାରିବ ? ମୋତେ ତ ଲାଗେ ଆମ ଦେଶରେ ଜୀବନ ଦୁଇ ଭାଗରେ ବିଭକ୍ତ - ଭୋଗ ନଚେତ୍ ଭାଗ । ଭୋଗୀ କେବେ ଶରୀରର ଯତ୍ନ ନେଇପାରେ ନାହିଁ ଏବଂ ଭାଗ ବା ଏ ଜୀବନରୁ ପଳାୟନ ବା ମୁକ୍ତି, ନିର୍ବାଣ ଖୋଜୁଥିବା ମଣିଷ ମଧ ଶରୀର ଠିକ୍ ଯତ୍ନ ନେଇପାରେ ନାହିଁ । ଘଟଣାଟିଏ - ମହୀୟସୀ ଗାର୍ଗୀ ଯେବେ ଆତ୍ମଜ୍ଞାନ ବିଷୟରେ ବିଦ୍ୱାନଙ୍କ ସହ ବାକ୍ ଯୁଦ୍ଧ କରୁଥିଲେ, ସେଇ ପାଖାପାଖି ସମୟ ଅବଧିରେ ଏଥେନ୍ସର ଅଲମ୍ପିଆ ସହରରେ ଚାଲିଥିବା କ୍ରୀଡ଼ା କୁମ୍ଭମେଳାରେ ପୁରୁଷ ରଥିମାନଙ୍କୁ ପଛକରି ବେଲିସ ନାମକ ଜଣେ ଝିଅ ପ୍ରଥମ ହୋଇଥିଲା । ନାରୀ ଅଲିମ୍ପିକ୍ସରେ ଭାଗ ନେବାର ଅଧିକାର ସେ ସମୟରେ ନ ଥିବା ସତ୍ତ୍ୱେ ତା'ର ଏ ଅବଜ୍ଞା ଓ ଧୃଷ୍ଟତା ସତ୍ତ୍ୱେ ତାକୁ ସେଦିନ ବିଜୟର ଶିରପା ଅଲିଭ ପତ୍ରର ମୁକୁଟ ପିନ୍ଧା ହୋଇଥିଲା । ସବୁ ଧୃଷ୍ଟତାକୁ କ୍ଷମାକରି ଶରୀର ଏବଂ ପ୍ରାଣିକ ଶକ୍ତି ପ୍ରତି ଏ ଅନନ୍ୟ ସମ୍ମାନ ଇତିହାସରେ ବିରଳ । ଅପରପକ୍ଷରେ ଶ୍ରୀଗଣେଶ, ଶ୍ରୀକାର୍ତ୍ତିକ ଏବଂ ଅନ୍ୟ ଦେବଙ୍କ ମଧ୍ୟରେ ଶ୍ରେଷ୍ଠତାର ପ୍ରତିଯୋଗିତା ହେଲା ଏବଂ ଶେଷରେ ଶ୍ରୀଗଣେଶ ଯେଉଁ ଭାବରେ ବିଜିତ ହେଲେ ଏହା ଅବଶ୍ୟ ଅନନ୍ୟ ଏବଂ ଭାରତୀୟ ମୌଳିକ ଚିନ୍ତନର ଆତ୍ମା । ଏଠି ମଧ ଶକ୍ତି ନୁହେଁ ଚୈତନ୍ୟ ହିଁ ମୁଖ୍ୟ । ଶ୍ରୀଗଣେଶଙ୍କୁ ଶ୍ରେଷ୍ଠ କହିବାସହ ଶ୍ରୀକାର୍ତ୍ତିକଙ୍କୁ ମଧ ତାଙ୍କ ସାମର୍ଥ୍ୟ ଓ ଶକ୍ତି ପାଇଁ ସମ୍ମାନ ଅବଶ୍ୟ ଦେବାର ଥିଲା । ଚୈତନ୍ୟ ଏବଂ ଶକ୍ତି ଦୁହିଁଙ୍କର ସମନ୍ୱୟ ହିଁ ଜୀବନର ପୂର୍ଣ୍ଣତା । ଶ୍ରୀଅରବିନ୍ଦ କହନ୍ତି, 'ଆମେ ଜଡ଼କୁ ଅବଜ୍ଞା କରିଛୁ ତେଣୁ ଜଡ ତା'ର ପ୍ରତିଶୋଧ ନେଇଛି ।' ଯେଉଁଦିନ ଆମେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକ ଉଭୟ ସାମର୍ଥ୍ୟର ଅଧିକାରୀ ହେବା କେବଳ ଅଲିମ୍ପିକ୍ସ ନୁହେଁ ସବୁ କ୍ଷେତ୍ରରେ ଆମେ ଶ୍ରେଷ୍ଠତାକୁ ଛୁଇଁବା ।

ଏବେ ଆଉ ଏକ ଦିଗ- କାହିଁକି ଭାରତରେ ସର୍ବାଧିକ ମଧୁମେହ, ହୃଦ୍‌ରୋଗୀ ଏବଂ ଗ୍ୟାଷ୍ଟ୍ରିକ ରୋଗୀ ବଢ଼ିବାରେ ଲାଗିଛନ୍ତି । ଘଟଣାଟିଏ ମନେପଡୁଛି- ସ୍ୱାମୀ ବିବେକାନନ୍ଦ ଯେଉଁ ମହୀୟସୀ ମହିଳାଙ୍କ ସହାୟତା ପାଇ ଆମେରିକାରେ ପ୍ରସିଦ୍ଧି ଓ ଧର୍ମସମ୍ମିଳନୀରେ ଯୋଗ ଦେଇପାରିଥିଲେ, ମିଠା ପ୍ରିୟ ସ୍ୱାମିଜୀ ଦିନେ ଯତ୍ନରେ ଖିରି ତିଆରି ମହିଳାଙ୍କୁ ପରଷିଦେଲେ । ସେଇ ମା' ସମାନ ନାରୀ ଖିରି ଚାମଚ ପାଟିରେ ମାରି ଚିତ୍କାରିଉଠିଲେ ପଏଜନ ପଏଜନ ଏବଂ ସମସ୍ତ ଖିରି ଢାଳିଦେଇ ଏଭଳି ଶରୀର ବିରୋଧୀ ଖାଦ୍ୟ ନ ଖାଇବାକୁ ସ୍ୱାମିଜୀଙ୍କୁ ତାଗିଦ କଲେ । ଏଇ ଘଟଣା ସ୍ୱାମିଜୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା ଏବଂ ଅନେକ ଚିଠିରେ ଉତ୍ତମ ଖାଦ୍ୟ ବିଷୟରେ କେତେ କଥା ଲେଖି ଜନ୍ମଭୂମିକୁ ପଠାଇଥିଲେ । ପରେ ଯେବେ ଜନ୍ମଭୂମିରେ ପହଞ୍ଚିଲେ, ସବୁଠି କହିଲେ, ଗୀତାପଢ଼ା ବନ୍ଦକରି ଫୁଟବଲ ଖେଳ, ଗୋଟିଏ ଶକ୍ତିଶାଳୀ ଶରୀର କେବଳ ଗୀତାକୁ ଠିକ୍ ଭାବେ ଗ୍ରହଣ କରିପାରିବ । ଆଜି ମଧ ଆମ ବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକରେ ଶରୀରଚର୍ଚ୍ଚା କେତେ ଦୟନୀୟ ଓ ହାସ୍ୟାସ୍ପଦ ହୋଇ ରହିଛି ଆମେ ସଭିଏଁ ଜାଣନ୍ତି । ଏହା ନିଶ୍ଚିତ ପାଶ୍ଚାତ୍ୟ ତୁଳନାରେ ଆମେ ଆମ ଶରୀରର ମୋଟେ ଠିକ୍ ଭାବେ ଯତ୍ନ ନେଇନାହୁଁ, ତା'ର ସମୃଦ୍ଧି ପାଇଁ ପୁରାଣ, ଇତିହାସ ହେଉ ଅବା ଆଜିର ଜୀବନଚର୍ଯ୍ୟା ହେଉ କେବେ ଆଖିଦୃଶିଆ କାର୍ଯ୍ୟ କରିନାହୁଁ । ଡାକ୍ତର ଏବଂ ରୋଗ ଆଜି ଆମକୁ ତାଡ଼ନା ଦେଲେ ବାଧ୍ୟ ହୋଇ କିଛି ଶରୀର ପାଇଁ ସମୟ ଦେଉଛୁ ଏବଂ ଖାଦ୍ୟ ପ୍ରତି ସଚେତନ ହେଉଛୁ । ଏହିଭଳି ଏକ ମାନସିକତା ମଧ୍ୟରେ କ'ଣ ଜଣେ ଶ୍ରେଷ୍ଠ ଶରୀର ସାଧକ ବା ଶ୍ରେଷ୍ଠ ଖେଳାଳି ଗଢ଼ି ହୋଇପାରେ । ଏଇଭଳି ଅନେକ ଗୁପ୍ତ କାରଣ ରହିଛି ଆମ ଶରୀର ବିଶ୍ୱ କ୍ରୀଡ଼ାରେ ଶ୍ରେଷ୍ଠତା ପ୍ରଦର୍ଶନ ନ କରିପାରିବାର ।

ଅଲିମ୍ପିକ୍ସ ଗ୍ରୀକ୍‌ରେ ଯେବେ ଆରମ୍ଭ ହୋଇଥିଲା ତା'ର ଅନ୍ତଃଉଦ୍ଦେଶ୍ୟ ଥିଲା ଖୁବ୍ ଅସାଧାରଣ । ଉପନିଷଦରେ ନଚିକେତା ଯମଦେବଙ୍କୁ ଭେଟିବା ଭଳି ଥିଲା ଖୁବ୍ ସ୍ୱର୍ଗୀୟ ଓ ଭାବମୟ । ସମଗ୍ର ଗ୍ରୀକ୍ ଭୂଖଣ୍ଡର ଦର୍ଶକ ବସିଥିବେ, ଖେଳାଳିମାନେ ଦେବତାଙ୍କ ଦେବତା ଜୀଅସଙ୍କ ମୂର୍ତ୍ତିସାମ୍ନାରେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଦେହେ ପବିତ୍ର ଅଲିଭ ତୈଳ ଲେପି ଦେବରାଜା ଜୀଅସଙ୍କ ସମୀପରେ ଅଙ୍ଗ ପ୍ରଦର୍ଶନ କରି କହନ୍ତି, 'ଆପଣ ଆମକୁ ଯେଉଁ ଶରୀର ଦେଇଛନ୍ତି ଆମେ ତାହାର ଏଇ ଭଳି ଯତ୍ନ ନେଇଛୁ । ଆହୁରି କିଭଳି ଏହାର ଅଧିକ ଯତ୍ନ ନେଇପାରିବୁ ଆମକୁ ଉପାୟ, ସାମର୍ଥ୍ୟ ଏବଂ ଶ୍ରଦ୍ଧା ପ୍ରଦାନ କରନ୍ତୁ ।' ପ୍ରତିଟି ଭାରତୀୟ, ପ୍ରତିଟି ବିଶ୍ୱବାସୀ ପାଇଁ ଅଲିମ୍ପିକ୍ସ ଏଇ ପବିତ୍ର ଅନୁଭବ ଆଣି ଦେଉ । ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଏଇ ମାନବ ଶରୀର କୋଟି କୋଟି ଗ୍ରହ, ନକ୍ଷତ୍ରଠାରୁ ସମସ୍ତ ସୃଷ୍ଟିଠାରୁ ଭିନ୍ନ, ଅନନ୍ୟ ଓ ଅସାଧାରଣ ; ଆସ ଏହାର ପୂର୍ଣ୍ଣାଙ୍ଗ ଯତ୍ନ ନେବା । ଶ୍ରୀମା'ଙ୍କ ସହଜ ଶବ୍ଦ କେତୋଟି 'ଶରୀରର ପ୍ରତିଟି କୋଷ ପରମଙ୍କୁ ପୂର୍ଣ୍ଣରୂପେ ପ୍ରକାଶିବାକୁ ପ୍ରୟାସ କରୁଛି । ଆସ ! ଆମେ ତାକୁ ସହଯୋଗ କରିବା । '

**ଇନ୍ଦ୍ରାବତୀ, ନବରଙ୍ଗପୁର**
**ମୋ-୯୪୩୭୬୪୧୪୧୩**

# ଏନ୍‌କାଉଣ୍ଟର ବନାମ ବିଳମ୍ବିତ ନ୍ୟାୟ



ଈପ୍ସିତା ମହାନ୍ତି

୨୦୨୧ ଜୁଲାଇ ୨୪ରେ ଚୌଦ୍ୱାରରୁ ବାରିପଦା କାରାଗାରକୁ ନିଆଯିବା ବାଟରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦରଙ୍କୁ ଏନ୍‌କାଉଣ୍ଟର କରାଗଲା । ଏଥିପୂର୍ବରୁ ଭାରତରେ ଏକାଧିକ ଏନ୍‌କାଉଣ୍ଟର ଘଟଣା ଘଟିସାରିଛି । ତେଣୁ ଭାରତୀୟଙ୍କ ପାଇଁ ଏହା ସେଭଳି କିଛି ନୂଆ କଥା ନୁହେଁ । ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ପାଇଁ ଲୋକେ ଆଜି ଏନ୍‌କାଉଣ୍ଟରକୁ ପସନ୍ଦ କରୁଛନ୍ତି । ଏକ ହିସାବରୁ ଜଣାପଡ଼ିଛି ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୩୨କିଲୋମିଟର ବାଟ ଚାଲେ, ତେବେ ସେ ୨୬୦୮ଦିନରେ ୮୩,୪୫୬ କିଲୋମିଟର ବାଟକୁ ଅନାୟାସରେ ଅତିକ୍ରମ କରିପାରିବ । ଏହି ଦୂରତା ସାରା ଦୁନିଆକୁ ୨ଥର ପରିକ୍ରମଣ କରିବା ସହ ସମାନ । ଏକ ସୁସ୍ଥ ବ୍ୟକ୍ତି ବିନା ଦ୍ୱିଧାରେ ଦିନକରେ ୩୨କିଲୋମିଟର ବାଟ ଚାଲି ପାରିବ । ଏହି ଗତିରେ ଚାଲି ଯେକେହି ବି ବିନା ଦ୍ୱିଧାରେ ୭ବର୍ଷରେ ଦିଲ୍ଲୀ ଓ ଲଣ୍ଡନ ମଧ୍ୟରେ ୧୧ଥର ଯିବା ଆସିବା କରିପାରିବ । ଏହି ତଥ୍ୟ ଏଠାରେ ପ୍ରକାଶ କରିବାର ତାତ୍ପର୍ଯ୍ୟ ହେଉଛି ଜଣେ ବ୍ୟକ୍ତି ୨୬୦୮ଦିନ ପାଦରେ ଚାଲିଚାଲି ପୃଥିବୀକୁ ୨ଥର ପରିକ୍ରମା କରିପାରିବ ଅର୍ଥାତ୍ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବ, କିନ୍ତୁ ସେହି ସମାନ ସଂଖ୍ୟକ ଦିନ ଯଦି ବ୍ୟକ୍ତି ଜଣଙ୍କ ଆମଦେଶର ଅଦାଲତରେ ପଇଁତରା ମାରେ, ତେବେ ତାଙ୍କୁ ନ୍ୟାୟ ମିଳିବ କି ନାହିଁ ସେ କଥାରେ କିନ୍ତୁ କୌଣସି ନିଶ୍ଚିତତା ନାହିଁ । ଉଦାହରଣ ସ୍ୱରୂପ ଦିଲ୍ଲୀର ନିର୍ଭୟା କଥାକୁ ନେବା ।

ନିର୍ଭୟାଙ୍କ ପରିବାର ୨,୬୫୦ଦିନ ଧରି ନ୍ୟାୟାଳୟରେ ପଇଁତରା ମାରିବା ପରେ ନ୍ୟାୟ ପାଇଥିଲେ । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଆମ ନ୍ୟାୟିକ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ । ତାରିଖ ପରେ ତାରିଖ ଗଡ଼େଇ ଚାଲିବାର ପରମ୍ପରା ଉପରେ ରୋକ୍ ବି ଲାଗି ପାରୁନାହିଁ । ଆମ ନ୍ୟାୟିକ ବ୍ୟବସ୍ଥାରେ ଦୋଷୀଙ୍କ ଦଣ୍ଡାଦେଶକୁ ଦୂରେଇ ଦେବାରେ ଗଳାବାଟ ଆଜି ବି ସମର୍ଥ । ହାଇଦ୍ରାବାଦ ଗଣବଳାତ୍କାରୀଙ୍କ ଏନ୍‌କାଉଣ୍ଟର ପରି ନିର୍ଭୟା ଦୋଷୀଙ୍କର ଯଦି ଏନ୍‌କାଉଣ୍ଟର ହୋଇଯାଇଥାନ୍ତା ତା'ହେଲେ ଭଲ ହୋଇଥାନ୍ତା ବୋଲି ଅନେକେ ଭାବୁଥିଲେ । କାରଣ ଟ୍ୱେଣ୍ଟିଟ୍ୱେଣ୍ଟିର ଦୁନିଆରେ ଭାରତରେ ନ୍ୟାୟିକ ଚକ ଖୁବ୍ ମନ୍ଥର ଗତିରେ ଘୂରୁଛି । ନ୍ୟାୟ ମିଳିବା ବେଳକୁ ପୀଡ଼ିତାର ମୃତ୍ୟୁ ଘଟିସାରୁଛି ଅବା ତା' ପରିବାର ଭାଙ୍ଗିରୁଜି ଚୂରମାର୍ ହୋଇ ଯାଉଛି । ନଚେତ ଦଣ୍ଡକୁ ଅପେକ୍ଷା କରିକରି ଦୋଷୀ ମଧ୍ୟ ସ୍ୱାଭାବିକ ଭାବେ ଜୀବନ ହାରି ଦେଉଛି । ଏଭଳି ସ୍ଥିତିରେ ବିଳମ୍ବିତ ନ୍ୟାୟର କୌଣସି ମୂଲ୍ୟ ନାହିଁ । ବିଳମ୍ବିତ ନ୍ୟାୟ, ନ୍ୟାୟ ନ ମିଳିବା ସହ ସମାନ ।

ଏକ ପରିସଂଖ୍ୟାନ ଅନୁଯାୟୀ ଭାରତର ଜିଲା ଅଦାଲତଗୁଡ଼ିକରେ ଗୋଟିଏ ମାମଲାର ଫଇସଲା ପାଇଁ ହାରାହାରି ୫ବର୍ଷ ଲାଗୁଛି । ସେହିଭଳି ରାଜ୍ୟ ଉଚ୍ଚ ନ୍ୟାୟାଳୟରୁ ନ୍ୟାୟ ପାଇବା ପାଇଁ ହାରାହାରି ୪ବର୍ଷ ୩ମାସ ଅପେକ୍ଷା କରିବାକୁ ପଡୁଛି । ପୁଣି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଗୋଟିଏ ମାମଲାର ଫଇସଲା ପାଇଁ ୨ରୁ ୩ବର୍ଷ ଲାଗୁଛି । ନ୍ୟାୟ ପରି ମୌଳିକ ସୁବିଧା ହାସଲ ପାଇଁ ଭାରତୀୟଙ୍କୁ ବର୍ଷ ପରେ ବର୍ଷ, ପିଢ଼ି ପରେ ପିଢ଼ି, ଦଶନ୍ଧି ପରେ ଦଶନ୍ଧି ଅପେକ୍ଷା କରିବାକୁ ପଡୁଛି । ତେଣୁ ଦେଶର ନ୍ୟାୟିକ ଆତ୍ମା ସୁପ୍ରିମ୍‌କୋର୍ଟଙ୍କୁ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ ।

ବିଶ୍ୱ ନ୍ୟାୟ ପ୍ରକଳ୍ପର ତଥ୍ୟ କହୁଛି ନ୍ୟାୟ ବ୍ୟବସ୍ଥା ମାମଲାରେ ପୃଥିବୀର ୧୨୬ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୬୮ତମ । ଯଦି ଆପରାଧିକ ମାମଲାରେ ନ୍ୟାୟର କଥା କହିବା ତେବେ ପୃଥିବୀର ୧୨୬ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୭୭ତମ । ଭାରତୀୟଙ୍କୁ ବୈଧାନିକ ଭାବେ ଠିକ୍ ସମୟରେ ନ୍ୟାୟ ମିଳୁ ନ ଥିବା ଏହି ପରିସଂଖ୍ୟାନ ଦର୍ଶାଉଛି । ବୈଧାନିକ ନ୍ୟାୟ ପ୍ରଦାନରେ ପୃଥିବୀର ୧୨୬ଟି ଦେଶ ମଧ୍ୟରୁ ଭାରତ ୯୭ତମ ସ୍ଥାନରେ ରହିଛି । ଭାରତରେ ତୁରନ୍ତ ନ୍ୟାୟ ପାଇବା ପାଇଁ ସେଭଳି କୌଣସି ସୁବିଧା ନାହିଁ । ଏହା ହିଁ ହେଉଛି ଆମ ଭାରତୀୟ ଶାସନ ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା । ଯାହା ଭାରତର ପ୍ରଗତିକୁ ମନ୍ଥର କରିଦେଉଛି ।

ମହାନ୍ ବୈଜ୍ଞାନିକ ଚାର୍ଲସ ଡାରୱିନ୍ ନିଜ ପ୍ରସିଦ୍ଧ ଗ୍ରନ୍ଥ 'ଦ ଭୋୟଜ୍ ଅଫ୍ ବିଗଲ'ରେ ଲେଖିଛନ୍ତି, କୌଣସି ଗରିବ ଅବା ଅବହେଳିତ ବ୍ୟକ୍ତିଙ୍କୁ ପ୍ରକୃତିର ନ୍ୟାୟ ବଦଳରେ ଯଦି କୌଣସି ସଂସ୍ଥାନ ଦ୍ୱାରା ନ୍ୟାୟ ମିଳେ, ତେବେ ତାହା ସବୁଠାରୁ ବଡ଼ ପାପ ଶ୍ରେଣୀର ଅଂଶବିଶେଷ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ଆମ ଦେଶରେ ପ୍ରତିଦିନ ପାପ ହେଉଛି । ଅଥଚ ଏ ବିଷୟରେ କେହି ଆଲୋଚନା କରିବାକୁ ଚାହାନ୍ତି ନାହିଁ । ନ୍ୟାୟ ହିଁ ମନୁଷ୍ୟକୁ ଭଲ ଓ ମନ୍ଦ ମଧ୍ୟରେ ରହିଥିବା ପ୍ରଭେଦକୁ ଜଣାଇଥାଏ । ଅଥଚ ଆଜି ଆମ ଦେଶର ସ୍ଥିତିକୁ ଦେଖି ମନେହେଉଛି ସତେଯେମିତି ନ୍ୟାୟ ଏଠାରେ ବିପରୀତ ଦିଗରେ ଗତି କରୁଛି । ଏହି କାରଣରୁ ଆମ ଦେଶରେ କେହି ଏନ୍‌କାଉଣ୍ଟର ହେଲେ ଲୋକେ ଖୁସି ହେଉଛନ୍ତି । କାରଣ ପାରମ୍ପରିକ ନ୍ୟାୟକୁ ନେଇ ଲୋକଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗି ଚାଲିଛି । ଲୋକେ ତୁରନ୍ତ ନ୍ୟାୟକୁ ପସନ୍ଦ କରୁଛନ୍ତି ଓ ଚାହୁଁଛନ୍ତି ମଧ୍ୟ ।

ବିଗତ ୨ଦଶନ୍ଧିରେ ଏଯାଏ ଭାରତରେ ୮ ଅପରାଧୀଙ୍କୁ ଫାଶୀ ହୋଇଛି । ଏମାନଙ୍କ ମଧ୍ୟରୁ ୫ଜଣ ବଳାତ୍କାରୀ ଓ ୩ଜଣ ଆତଙ୍କବାଦୀ । ୧୪ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀ ଧନଞ୍ଜୟ ଚାଟାର୍ଜୀକୁ ଫାଶୀ ହେବା ପାଇଁ ୧୪ବର୍ଷ ଲାଗିଥିଲା । କସବଙ୍କୁ ଫାଶୀ ଦେବାରେ ଆମ ନ୍ୟାୟିକ ବ୍ୟବସ୍ଥାକୁ ୪ବର୍ଷ ଲାଗିଥିବା ବେଳେ ଆଫଜଲ୍ ଗୁରୁଙ୍କୁ ଫାଶୀ ଦେବାରେ ୧୧ବର୍ଷ ଲାଗିଥିଲା, କିନ୍ତୁ ମେମନକୁ ଫାଶୀ ଦେବାରେ ଦୀର୍ଘ ୨୨ବର୍ଷର ଲାଗିଯାଇଥିଲା । ନିର୍ଭୟା ଘଟଣାରେ ଦୋଷୀମାନେ ଦୀର୍ଘ ୭ବର୍ଷ ୩ମାସ ୪ଦିନ ପରେ ଫାଶୀ ପାଇଥିଲେ । ଯେଉଁ ଦେଶରେ ଅନ୍ୟ ସବୁ କାମ ୪ଜି ଗତିରେ ହେଉଅଛି, ସେହି ଦେଶରେ ନ୍ୟାୟିକ ବ୍ୟବସ୍ଥା ଆଜି ବ୍ରିଟିଶ୍ ଯୁଗ ପରି କାମ କରୁଛି । ବିଗତ ୩ବର୍ଷରେ ଉତ୍ତରପ୍ରଦେଶ ପୋଲିସ ୫ହଜାରରୁ ଊର୍ଦ୍ଧ୍ୱ ଏନ୍‌କାଉଣ୍ଟର କରିସାରିଲାଣି । ଏଥିରେ ରହିଛନ୍ତି ଶତାଧିକ ଅପରାଧୀ । ନ୍ୟାୟିକ ଭାବେ ଏନ୍‌କାଉଣ୍ଟରକୁ କିନ୍ତୁ ଉଚିତ ବୋଲି ଗ୍ରହଣ କରାଯାଏ ନାହିଁ । କାରଣ ଏହାଦ୍ୱାରା ପ୍ରକୃତ ଦୋଷୀ ଆଇନ ଆଖିରେ ଧୂଳି ଦେଇ ଖସି ଯିବାର ସମ୍ଭାବନା ରହିଛି । ତେଣୁ ଏହାକୁ ନେଇ ଅନେକ ସମୟରେ ବାଦବିବାଦ ସୃଷ୍ଟି ହୋଇଥାଏ । ପୁଣି ପୋଲିସ ଉପରକୁ ଅଙ୍ଗୁଳି ଉଠିଥାଏ । ଯଦିଓ କେତେକ ସ୍ଥଳେ ଏହାକୁ ଠିକ୍ ବୋଲି କୁହାଯାଇଛି କିନ୍ତୁ ବହୁ ସମୟରେ ଏହା ଅସିଦ୍ଧ ବୋଲି ମଧ୍ୟ ପ୍ରମାଣିତ ହୋଇଛି । ଆଜି ଏନ୍‌କାଉଣ୍ଟର ହେଲେ ଲାକେ ଭାବୁଛନ୍ତି ଯାହା ହେଉ ଅପରାଧୀଟି ଏ ଦୁନିଆରୁ ଚାଲିଗଲା । ଦଣ୍ଡ ବିଧାନ କ୍ଷମତା ପୋଲିସର ନାହିଁ, ଏ କ୍ଷମତା କେବଳ ନ୍ୟାୟପାଳିକାର । ପୋଲିସ ହାତକୁ ଏ କ୍ଷମତା ଯିବା ଉଭୟ ଗଣତନ୍ତ୍ର ଓ ନାଗରିକଙ୍କ ପାଇଁ ବିପଜ୍ଜନକ । ପୋଲିସ ବ୍ୟବସ୍ଥାରେ ସୁଧାର ପାଇଁ ଗଠିତ ଏକାଧିକ ଆୟୋଗ ଏହି ବିଷୟରେ ସୁପାରିସ କରିସାରିଥିଲେ ମଧ ବ୍ରିଟିଶ ଅମଳର ପୋଲିସଗିରି ଏଯାଏ ଦୂରାଉ ନାହିଁ । ପ୍ରକୃତପକ୍ଷେ ଗଣତନ୍ତ୍ର ଶାସନରେ ଏଭଳି କାର୍ଯ୍ୟ ଆଦୌ ଶୁଭଙ୍କର ନୁହେଁ । ସୁତରାଂ ଦ୍ରୁତ ନ୍ୟାୟିକ ପ୍ରକ୍ରିୟା ହିଁ ଏନ୍‌କାଉଣ୍ଟର ଭଳି ଘୃଣିତ ପ୍ରଥାକୁ ଦୂରେଇ ଦେବ । ଏହା ସହ ଆମ ବିଚାର ବ୍ୟବସ୍ଥାକୁ ବଳିଷ୍ଠ କରିବ ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ମାଟିମୂର୍ତ୍ତି ବିସର୍ଜନ ଯୋଗୁ ବର୍ଦ୍ଧିତ ଜଳ ପ୍ରଦୂଷଣ ରୋକିବା ଲାଗି ନାସିକ୍‌ର ତୃପ୍ତି ଗାଏକ୍ୱାଡ୍‌ଙ୍କ ଅଭିଯାନ ପ୍ରଶଂସନୀୟ । ୩୩ ବର୍ଷୀୟା ତୃପ୍ତି ଗତ ଦୁଇ ବର୍ଷ ହେବ ଭଙ୍ଗା ତଥା ବିସର୍ଜନ ହେବାକୁ ଥିବା ମୂର୍ତ୍ତିଗୁଡ଼ିକୁ ପାଣିରେ ପକାଇବା ପୂର୍ବରୁ ଅଟକାଉଛନ୍ତି ଓ ସେଥିରୁ ଗରିବ ପିଲାମାନଙ୍କ ପାଇଁ ଖେଳନା ତିଆରି କରୁଛନ୍ତି । ସେ ଏବେ ସୁଦ୍ଧା ୧୦ ହଜାର ମୂର୍ତ୍ତିକୁ ପାଣିକୁ ଯିବା ପୂର୍ବରୁ ଅଟକାଇବାରେ ସକ୍ଷମ ହୋଇଛନ୍ତି । ଏହି କାର୍ଯ୍ୟ ସେ 'ସମ୍ପୂର୍ଣ୍ଣମ୍' ସଂସ୍ଥା ମାଧ୍ୟମରେ କରୁଛନ୍ତି । ତୃପ୍ତି ପେସାରେ ଜଣେ ଓକିଲ । ୨୦୧୯ରେ ସେ ପ୍ରଥମେ ଉକ୍ତ ଅଭିଯାନ ଆରମ୍ଭ କରିଥିଲେ । ଜଳ ପ୍ରଦୂଷଣର ଭୟାଭୟତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ପରେ ସେମାନେ ମୂର୍ତ୍ତି ବିସର୍ଜନରୁ ବିରତ ହୋଇ ତାହାକୁ ତୃପ୍ତିଙ୍କୁ ଦେଉଛନ୍ତି । କେବଳ ସତିକି ନୁହେଁ, ଘରେ ଭାଙ୍ଗି ଯାଉଥିବା ମୂର୍ତ୍ତି ବା ଫଟୋକୁ ବାହାରେ କିମ୍ବା ପାଣିରେ ନ ପକାଇବା ଲାଗି ସୋସିଆଲ ମିଡିଆରେ ଅନୁରୋଧ କରିବା ସହ ସେଗୁଡ଼ିକୁ ସଂଗ୍ରହ କରୁଛନ୍ତି । ମେଶିନ୍ ମାଧ୍ୟମରେ ମୂର୍ତ୍ତିରୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌କୁ ଅଲଗା କରିବା ପରେ ସେଥିରେ ଖେଳନା ପ୍ରସ୍ତୁତ କରି ଗରିବ ପିଲାମାନଙ୍କୁ ବାଣ୍ଟୁଛନ୍ତି । ଏହା ବ୍ୟତୀତ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଦେବା ଲାଗି ଛୋଟ ଛୋଟ ପାତ୍ର ମଧ ତିଆରି କରୁଛନ୍ତି । କେବଳ ନାସିକ ନୁହେଁ, ମୂର୍ତ୍ତି ସଂଗ୍ରହ କରିବା ପାଇଁ ସେ ପୁଣେ, ନାଗପୁର ଓ ମୁମ୍ବାଇରେ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହା ସହ ମୂର୍ତ୍ତିଗୁଡ଼ିକୁ ପୁଣି ଗଢ଼ିବାର ବ୍ୟବସ୍ଥା କରୁଛନ୍ତି । ଏଥିପାଇଁ ପ୍ରତି ମୂର୍ତ୍ତିକୁ ୫୦ ଟଙ୍କା ନେଉଛନ୍ତି । ଏ ବାବଦରେ ତୃପ୍ତି ୨୦୦୦ ଲୋକଙ୍କୁ ସାହାଯ୍ୟ କରିସାରିଲେଣି ।

## ଚିରନ୍ତନୀ

ଘେନି ଆଜି ସେହି ନିଦାରୁଣ ପରିଚୟ,
ସମ୍ମୁଖେ ମୁହିଁ ଉଭା ତୋର ଚିର ଭୟ !
ମୁହିଁ ସେ ଜୀବନ, ମୁହିଁ ତୋର ମହା-ଶୋକ
ଘେନି ପରିଚୟ ହେ ଭୀରୁ ହେ ପଳାତକ ।
ପାଶେ ଆସି ତା'ର ବଢ଼ାଇଲି ଧୀରେ କର
ଆଶ୍ଳେଷ ମମ ଯାଚିଲି ନିବିଡ଼ତର ।
-(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅଗଷ୍ଟ ୧୯୯୬

- ଅପର କ୍ରିଷ୍ଣା ପ୍ରକଳ୍ପ (ଆଲମାଟ୍ଟି) ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଆହ୍ୱାନ କ୍ରମେ ସମ୍ପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କର ବୈଠକ ବିଫଳ ହୋଇଯାଇଛି ।
- ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ଭାଜପା ଅଧ୍ୟକ୍ଷ ଲାଲକୃଷ୍ଣ ଆଡଭାନୀଙ୍କ ବିରୁଦ୍ଧରେ ଆଗତ ହାୱାଲା ଅଭିଯୋଗ ଉପରେ ଦେଇଥିବା ରାୟକୁ କାଏମ ରଖିଛି ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | |
| | | | | | | 4 | | 6 |
| 5 | | 8 | | | | 9 | | |
| | 3 | | 1 | | | | 9 | 2 |
| | | | 3 | | | | | 7 |
| | 7 | 5 | 6 | 2 | | | | 1 |
| | | | | 1 | | 5 | | |
| | | | | 8 | | | | 4 |
| 1 | | 3 | 9 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 4 | 8 | 2 | 6 | 5 |
| 5 | 8 | 6 | 7 | 1 | 2 | 9 | 4 | 3 |
| 2 | 4 | 9 | 5 | 6 | 3 | 8 | 1 | 7 |
| 6 | 1 | 8 | 3 | 5 | 9 | 7 | 2 | 4 |
| 4 | 3 | 2 | 8 | 7 | 1 | 5 | 9 | 6 |
| 7 | 9 | 5 | 4 | 2 | 6 | 3 | 8 | 1 |
| 3 | 5 | 1 | 2 | 9 | 4 | 6 | 7 | 8 |
| 8 | 2 | 4 | 6 | 3 | 7 | 1 | 5 | 9 |
| 9 | 6 | 7 | 1 | 8 | 5 | 4 | 3 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ହେଉ

ମହାଶୟ,

ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ଏମାନେ ରୋଗାକ୍ରାନ୍ତ ହେଲେ ମୁଖ୍ୟତଃ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି । ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଏମାନଙ୍କର ଜୀବନ ରେଖା । ସାଧାରଣ ରୋଗୀ ସମେତ ବହୁ ଗୁରୁତର ରୋଗୀ ଏଠାରେ ସୁସ୍ଥ ହେଉଛନ୍ତି । ଲୋକଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସର୍ବାଙ୍ଗୀନ ବିକାଶ ରାଜ୍ୟ ସରକାରଙ୍କର ପ୍ରାଥମିକତା ହେବା ଉଚିତ । ବିଶେଷକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁରୋଗ, ଦନ୍ତ ଓ ଚକ୍ଷୁ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ସହ କୁକୁର ଓ ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ହେଉ ଓ ରକ୍ତଭଣ୍ଡାର ପ୍ରତିଷ୍ଠା ହେଉ । ଏହାଦ୍ୱାରା ବହୁ ଗରିବ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୩୭୦ ହଟିବା ପରେ ଜମ୍ମୁ-କଶ୍ମୀରରେ ଜାଗା କିଣିଛନ୍ତି ୨ ଜଣ**

ନୂଆଦିଲ୍ଲୀ, ୧୦।୮: ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ବାହାର ରାଜ୍ୟର ଦୁଇ ଜଣ ବ୍ୟକ୍ତି ସେଠାରେ ଜାଗା କିଣିଛନ୍ତି। ଏ ନେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଲୋକ ସଭାରେ ସୂଚନା ଦେଇଛନ୍ତି। ଅନୁଚ୍ଛେଦ ୩୭୦ ହଟାଯାଇ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବା ପରେ ଜମ୍ମୁ-କଶ୍ମୀରରେ ବାହାର ରାଜ୍ୟର ଲୋକେ ଜାଗା କିଣିବାରେ ଅସୁବିଧା ହେଉଛି କି ବୋଲି ଏକ ପ୍ରଶ୍ନର ଉତ୍ତରରେ ନିତ୍ୟାନନ୍ଦ କହିଥିଲେ, ଏ ପର୍ଯ୍ୟନ୍ତ ସେଭଳି କୌଣସି ଘଟଣା ସାମ୍ନାକୁ ଆସିନାହିଁ। ଜମ୍ମୁ-କଶ୍ମୀର ସରକାର ଦେଇଥିବା ତଥ୍ୟ ଅନୁସାରେ ବାହାର ରାଜ୍ୟର କେବଳ ୨ ଜଣ ସେଠାରେ ସମ୍ପତ୍ତି କ୍ରୟ କରିଛନ୍ତି ବୋଲି ସେ କହିଥିଲେ।

# ୩ ପଞ୍ଚାୟତରେ ୨ ମାସ ୧୪୪ ଧାରା

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

- ପୋଲିସ ଫୋର୍ସ ଲଗାଇ ପ୍ରକଳ୍ପ କାମ ଆରମ୍ଭ
- ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ୨ ପୂର୍ବତନ ବିଧାୟକ, ଶତାଧିକ ଲୋକ ଗିରଫ

କେନ୍ଦ୍ରାପଡ଼ା ଅଫିସ/ରାଜକନିକା/ଆଳି, ୧୦।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାନୀୟ ଜଳ ଯୋଗାଣ ବିବାଦ ମଙ୍ଗଳବାର ଉଗ୍ର ରୂପ ନେଇଛି। ଜିଲା ପ୍ରଶାସନ ପୋଲିସ ଫୋର୍ସ ଲଗାଇ ପ୍ରକଳ୍ପ କାମ ଆରମ୍ଭ କରିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନ ବନାମ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ଉତ୍ୟକ୍ତ ଲୋକ ବରୁଣାଡିହାଠାରେ ରାସ୍ତାରୋକୋ କରିଥିଲେ। ଆଳିର ଦୁଇ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଓ ଦୋଳଗୋବିନ୍ଦ ନାୟକ ଗିରଫ ହୋଇଛନ୍ତି। ଏଥିସହ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ବୃଦ୍ଧାବୃଦ୍ଧଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ନ ହେବା ପାଇଁ ଉପଜିଲାପାଳ ନିରଞ୍ଜନ ବେହେରା ରାଜକନିକା ବ୍ଲକ ବାଲକାଟି, ବରୁଣାଡିହା ଓ ଭାରିଗଦା ପଞ୍ଚାୟତରେ ସିଆରପିସି ୧୪୪ ଧାରା ଅକ୍ଟୋବର ୧୦ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ପ୍ରକଳ୍ପର ପାଣି ଉଠା ସ୍ଥାନ ବରୁଣାଡିହାକୁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ବଳୟ ମଧ୍ୟରେ ରଖାଯାଇଛି। ଠିକା ସଂସ୍ଥା ପକ୍ଷରୁ ସକାଳୁ ଜେସିବି ଲଗାଇ କାମ ଆରମ୍ଭ ହୋଇଛି। ୨ ମାସ ଅବଧି ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ପ୍ରଶାସନ ଚେଷ୍ଟା ଚଳାଇଛି। ରିପୋର୍ଟ ପ୍ରସ୍ତୁତ ସମୟରେ ଏସ୍‌ପି ମଡକର ସମ୍ପିତ ସମ୍ପଦ ଗିରଫ ହୋଇଥିବା ଦୁଇ ପୂର୍ବତନ ବିଧାୟକ, ସଂଗ୍ରାମ ସମିତିର କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସ ପ୍ରମୁଖଙ୍କ ସହ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ୯୧ ପଞ୍ଚାୟତର ପାନୀୟ ଜଳ ଯୋଗାଣ ନିମନ୍ତେ ୮୯୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ଆରମ୍ଭ ହୋଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ନଦୀରୁ ପାଣି ନିଆଗଲେ ଆଳି, ରାଜକନିକା ବ୍ଲକର ଜୀବନଜୀବିକା ପ୍ରଭାବିତ ହେବ। ଏଥିସହ ଜାତୀୟଉଦ୍ୟାନ ଭିତରକନିକାର କ୍ଷତି ହେବ ଦର୍ଶାଇ ଅଞ୍ଚଳବାସୀ ୨୦୧୯ରୁ ଏହାକୁ ବିରୋଧ କରି ଆସୁଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ଗତ ଶନିବାରଠାରୁ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ପ୍ରକଳ୍ପ କାମ ଆରମ୍ଭକୁ ଦେଖି ଦୁଇବର୍ଷ ଧରି ବନ୍ଦ ଦାବି କରୁଥିବା ଦୁଇ ବ୍ଲକ ଅଞ୍ଚଳର ଲୋକ ବରୁଣାଡିହା ନିକଟ ରାସ୍ତାକୁ ଅବରୋଧ କରିଥିଲେ। ୧୪୪ ଧାରାକୁ ଅମାନ୍ୟ କରିଥିବା ଅଭିଯୋଗରେ ପ୍ରାୟ ଶତାଧିକ ମହିଳାପୁରୁଷଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ନିକଟସ୍ଥ ପଟ୍ଟାମୁଣ୍ଡାଇ ଥାନା କଷଣଅଣ୍ଟାସ୍ଥିତ ହାଇସ୍କୁଲକୁ ଅସ୍ଥାୟୀ ହାଜତ କରାଯାଇ ରଖାଯାଇଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥଶର୍ମା କହିଛନ୍ତି, ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକାକୁ ମାରି ଦେଇ ଖରସ୍ରୋତାରୁ ପାଣି ଭଦ୍ରକକୁ ଦେଇ ପାରିବୁ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଏହି ଯୋଜନାକୁ କାର୍ଯ୍ୟକାରୀ କରି ଧାମରାସ୍ଥିତ ଅଦାନୀ ସଂସ୍ଥାକୁ ପାଣି ଦେବା ନିମନ୍ତେ ମସୁଧା ଚଳାଇଛନ୍ତି। ତେବେ ଖରସ୍ରୋତାରୁ ପାଣି ଗଲେ ପ୍ରାୟ ୧୦ ପଞ୍ଚାୟତର ଚାଷ ନଷ୍ଟ ହେବା ସହ ନଦୀ ପାଣି ଲୁଣି ହୋଇଯିବ। ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳ ପାଇଁ ନଦୀରେ ଆନିକଟ ସୃଷ୍ଟି କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ସଂଗ୍ରାମ ସମିତି କର୍ମକର୍ତ୍ତାମାନେ ଜୀବନ ଥିବା ଯାଏ ପାଣି ଟୋପାଏ ଦେବୁ ନାହିଁ ଜିଦ୍‌ରେ ଅଟଳ ରହିଛନ୍ତି।



ପ୍ରକଳ୍ପ କାମ ଆରମ୍ଭ ପାଇଁ ଠିକା ସଂସ୍ଥା ପକ୍ଷରୁ ମେଶିନ ନିଆଯାଉଛି।



ବରୁଣାଡିହାଠାରେ ରାସ୍ତାରୋକୋ କରିଥିବା ଶତାଧିକ ଲୋକଙ୍କୁ ପୋଲିସ ଗିରଫ କରୁଛି।

## ୨୩ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

- ଅକ୍ଟୋବର ୧୨ରେ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୦।୮(ବ୍ୟୁରୋ): ଏକକ ପିଜି ପ୍ରବେଶିକା ପରୀକ୍ଷା-୨୦୨୧ ପାଇଁ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟସୂଚୀ ଘୋଷଣା କରିଛି। ଏ ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୩ରୁ ପରୀକ୍ଷା ଆରମ୍ଭ ହୋଇ ସେପ୍ଟେମ୍ବର ୩ରେ ସରିବ। ତେବେ ୨୭ ଓ ୨୯ ତାରିଖରେ କୌଣସି ପରୀକ୍ଷା ହେବ ନାହିଁ। ଦିନକୁ ୩ଟି ସେସନରେ ପରୀକ୍ଷା ହେବ। ପ୍ରତ୍ୟେକ ସେସନର ଅବଧି ଦେଢ଼ଘଣ୍ଟା ରହିଛି। ପ୍ରଥମ ସେସନ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା, ଦ୍ୱିତୀୟ ସେସନ ଅପରାହ୍ନ ସାଢ଼େ ୧୨ଟାରୁ ୨ଟା ଏବଂ ତୃତୀୟ ସେସନ ଅପରାହ୍ନ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ହେବ। ଛାତ୍ରଛାତ୍ରୀମାନେ ୨୦ ତାରିଖ ଅପରାହ୍ନ ୨ଟାରୁ ଇ-ସ୍ପେସ୍‌ରୁ ହଲ୍ ଟିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ଅକ୍ଟୋବର ୧୨ତାରିଖ ଅପରାହ୍ନ ୨ଟା ସୁଦ୍ଧା ମେରିଟ୍ ତାଲିକା ପ୍ରକାଶ ପାଇବ।

## ଓଡ଼ିଶାକୁ ୩୭୪ କୋଟିର ସ୍ୱତନ୍ତ୍ର ସହାୟତା

ନୂଆଦିଲ୍ଲୀ, ୧୦।୮: ଆର୍ଥିକ ବର୍ଷ ୨୦୨୧-୨୨ ଲାଗି କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ପ୍ୟାକେଜରେ ଓଡ଼ିଶାକୁ ୩୭୪ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ରଦାନ କରିଛନ୍ତି। ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଏନେଇ ସ୍ପଷ୍ଟ କରିଛନ୍ତି। ୨୦୨୦-୨୧ରେ ରାଜ୍ୟଗୁଡିକୁ ଏହି ଯୋଜନାରେ ମୋଟ ୧୨ ହଜାର କୋଟିର ସ୍ୱତନ୍ତ୍ର ସହାୟତା ଦେବା ଲାଗି ଗତ ବର୍ଷ ଅକ୍ଟୋବରରେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହା ମଧ୍ୟରୁ ୧୧,୮୩୦.୨୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ରାଜ୍ୟଗୁଡ଼ିକୁ ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି। ସୁଧମୁକ୍ତ ଋଣ ଭାବେ ଏହି ରାଶି ଦିଆଯାଉଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ୨୬୦୦ କୋଟି ଏବଂ ଅନ୍ୟ ରାଜ୍ୟକୁ ୭୪୦୦ କୋଟି ଦିଆଯାଇଛି।

# ବଢ଼ିଲା ଯୁକ୍ତ୨ ସିଟ୍

**କଳା ୩୮୦୦୦, ବିଜ୍ଞାନ ୧୩୦୦୦, ବାଣିଜ୍ୟରେ ୩୯୦୦**

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ରାଜ୍ୟରେ ଯୁକ୍ତ୨ ସିଟ୍ ବୃଦ୍ଧି କରିଛନ୍ତି ସରକାର। ସାରା ରାଜ୍ୟରେ ପ୍ରାୟ ୫୫ହଜାର ସିଟ୍ ବୃଦ୍ଧି ହୋଇଛି। ଫଳରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ସିଟ୍ ସଂଖ୍ୟା ୫ଲକ୍ଷରେ ପହଞ୍ଚିଛି। ଚଳିତ ବର୍ଷ ସଂଖ୍ୟାଧିକ ଛାତ୍ରଛାତ୍ର ମାଟ୍ରିକରେ ପାସ୍ ହେବା ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ବୃଦ୍ଧି ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଶେଷରେ ସାରା ରାଜ୍ୟରେ ୫୪,୯୦୦ ସିଟ୍ ବୃଦ୍ଧି କରାଯାଇଥିବା ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ମୋଟ୍ ୭୨ହଜାର ସିଟ୍ ବୃଦ୍ଧି ନେଇ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆବେଦନ ହୋଇଥିଲା। କଳାରେ ୪୦ହଜାର ସିଟ୍ ବୃଦ୍ଧି ପାଇଁ ଆବେଦନ ହୋଇଥିବାବେଳେ ୩୮ହଜାର ସିଟ୍ ବୃଦ୍ଧି ଲାଗି ଅନୁମତି ମିଳିଛି। ସେହିଭଳି ବିଜ୍ଞାନରେ ୨୫ହଜାର ସିଟ୍ ପାଇଁ ଆବେଦନ ହୋଇଥିବାବେଳେ ୧୩ହଜାର ଏବଂ ବାଣିଜ୍ୟରେ ୪ହଜାର ସିଟ୍ ପାଇଁ ଆବେଦନ ହୋଇଥିବାବେଳେ ୩,୯୦୦ ସିଟ୍ ବୃଦ୍ଧି କରାଯାଇଛି। ପୂର୍ବରୁ ୪ଲକ୍ଷ ୪୩ ହଜାର ୩୫୪ ସିଟ୍ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୪ଲକ୍ଷ ୯୮ ହଜାର ୨୫୪ରେ ପହଞ୍ଚିଛି। ତେବେ ପିଲାଙ୍କ ନାମଲେଖା ପାଇଁ କୌଣସିମତେ ସିଟ୍ ଅଭାବ ହେବ ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଏଥର ମାଟ୍ରିକ୍‌ରେ ରେକର୍ଡ ସଂଖ୍ୟକ ପାସ୍ ହାର ୯୭.୮୯% ରହିଥିଲା। ଦଶମଶ୍ରେଣୀରେ ୬ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପାସ୍ କରିଥିବାବେଳେ ସିବିଏସ୍‌ଇ ଦଶମ ଶ୍ରେଣୀରେ ପ୍ରାୟ ୩୪ହଜାର ଛାତ୍ରଛାତ୍ର ପାସ୍ କରିଛନ୍ତି। ନାମଲେଖାକୁ ନେଇ ବହୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। କାରଣ ପାସ୍ ଛାତ୍ରଛାତ୍ରଙ୍କ ତୁଳନାରେ ଯୁକ୍ତ୨ ସିଟ୍ ସଂଖ୍ୟା କମ୍ ରହିଥିଲା। ନାମଲେଖା କିପରି ହେବ ସେ ନେଇ ଛାତ୍ରଛାତ୍ର ଚିନ୍ତାରେ ଥିଲେ। ତେବେ ସିଟ୍ ବୃଦ୍ଧି କରାଯିବା ଏକମାତ୍ର ବିକଳ୍ପ ବୋଲି ଶିକ୍ଷାବିତ୍‌ମାନେ ପରାମର୍ଶ ଦେଉଥିଲେ। ଏହାପରେ ଗଣଶିକ୍ଷା ବିଭାଗ ସିଟ୍ ବୃଦ୍ଧି ପାଇଁ ନିଷ୍ପତ୍ତି ନେବା ସହିତ ପ୍ରକ୍ରିୟା ଆରମ୍ଭ କରିଥିଲା। ଏବେ ଯୁକ୍ତ୨ ସିଟ୍ ବୃଦ୍ଧି ଫଳରେ ନାମଲେଖାକୁ ନେଇ ଛାତ୍ରଛାତ୍ର, ଅଭିଭାବକଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିଛି।

## ୧୨ରୁ ନାମଲେଖା ପ୍ରକ୍ରିୟା

- ନାମଲେଖା ଫି' ବୃଦ୍ଧି କରାଯିବ ନାହିଁ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ରାଜ୍ୟରେ ଯୁକ୍ତ୨ ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତା ୧୨ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରମାନେ ସାମ୍ସ ପୋର୍ଟାଲ ଜରିଆରେ ଅନ୍‌ଲାଇନରେ ନାମଲେଖା ପାଇଁ ଆବେଦନ କରିପାରିବେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପକ୍ଷରୁ ଆବେଦନ କରିବା ନିମନ୍ତେ ସ୍ୱତନ୍ତ୍ର ଡେସ୍କ ଖୋଲାଯାଇଛି। ଲମ୍ବା ସମୟ ଥିବାରୁ କୌଣସି ଅସୁବିଧା ହେବ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି କୋଭିଡ୍ ପାଇଁ ନାମଲେଖା ଫି' ବୃଦ୍ଧି କରାଯିବ ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଅଲିମ୍ପିକ୍ସ ପଦକ ବିଜେତାଙ୍କ ଘର ବାହୁଡ଼ା

**ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ**

ଭୁବନେଶ୍ୱର,୧୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଓଡ଼ିଆ ପୁରୁଷ ଓ ମହିଳା ହକି ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ରୋଞ୍ଜ ପଦକ ବିଜେତା ପୁରୁଷ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ସମେତ ମହିଳା ହକି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଦୀପ୍‌ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ ଘରବାହୁଡା କରିଛନ୍ତି। ଏହି ଖେଳାଳିମାନେ ମଙ୍ଗଳବାର ରାତି ୮.୩୦ରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆସି ପହଞ୍ଚିଥିଲେ। ରାଜ୍ୟ ପାଇଁ ଗୌରବ ଆଣିଦେଇଥିବା ଏହି ଖେଳାଳିମାନଙ୍କୁ ସ୍ୱାଗତ କରିବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଚେୟାରମ୍ୟାନ ତଥା କିମ୍ବଦନ୍ତୀ ହକି ଖେଳାଳି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ଭାରତୀୟ ଅଲିମ୍ପିକ୍ସ ଦଳରେ ଏହି ଖେଳାଳିମାନେ ସ୍ଥାନ ପାଇବା ପରେ ଓଡ଼ିଶାରେ ଖୁସି ଦେଖା ଦେଇଥିଲା। ଅଲିମ୍ପିକ୍ସରେ ପୁରୁଷ ଓ ମହିଳା ଦଳ ସେମିଫାଇନାଲକୁ ଉଠି ଇତିହାସ ସୃଷ୍ଟି କରିଥିଲେ। ୨୦୧୮ରୁ ଓଡ଼ିଶା ଆଗାମୀ ୫ ବର୍ଷ ପାଇଁ ଉଭୟ ପୁରୁଷ ଓ ମହିଳା ଦଳର ପ୍ରାୟୋଜକ ରହିଛି। ତେଣୁ ଓଡ଼ିଶା ପାଇଁ ଅଲିମ୍ପିକ୍ ସଫଳତା ବିଶେଷ ମହତ୍ତ୍ୱ ରଖୁଛି। ଆମ ରାଜ୍ୟର ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ତୁଷାରକାନ୍ତି କହିଛନ୍ତି। ଏମାନଙ୍କୁ ନେଇ ଆମେ ଗର୍ବିତ। ହକିର ନୂଆ ଯୁଗ ଆରମ୍ଭ ହୋଇଛି। ଆମର ଅଲିମ୍ପିଆନମାନେ ଯୁବ ହକି ଖେଳାଳିଙ୍କୁ ପ୍ରେରଣା ଯୋଗାଇଦେଇ ଆସିଛନ୍ତି। ଆଗାମୀ ଦିନରେ ହକି ନୂଆ ସୋପାନରେ ପହଞ୍ଚିବ ବୋଲି ସେ କହିଛନ୍ତି। ସେହିପରି ଦୀର୍ଘ ୪୧ ବର୍ଷ ପରେ ଭାରତ ହକିରେ ଅଲିମ୍ପିକ୍ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି ବୋଲି ଦିଲୀପ କହିଛନ୍ତି। ମହିଳା ଦଳ ମଧ୍ୟ ବିଶ୍ୱରେ ଶ୍ରେଷ୍ଠ ଦଳଗୁଡିକ ବିପକ୍ଷରେ ଭଲ ଖେଳିଥିଲା ଓ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଗାମୀ ଦିନରେ ଓଡ଼ିଶା ଜାତୀୟ ହକିରେ ନିଜର ପ୍ରଭାବକୁ ଆହୁରି ବିସ୍ତାର କରିବ ବୋଲି ସେ କହିଛନ୍ତି।

# ସ୍ୱତନ୍ତ୍ର ଓଜେଇଇ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ସ୍ୱତନ୍ତ୍ର ଓଜେଇଇ (ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍ସାମିନେଶନ) ଆବେଦନ ଅବଧିକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ଅଗଷ୍ଟ ୧୦ ତାରିଖ ଥିଲା। ଆବେଦନ ଅବଧି ବଢ଼ିବା ସହ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଫି' ଦାଖଲ ଲାଗି ଅନୁମତି ମିଳିଛି। ଯେଉଁମାନେ ଆବେଦନ କରିସାରିଛନ୍ତି ସେମାନେ ଚାହିଁଲେ ସଂଶୋଧନ ମଧ୍ୟ କରିପାରିବେ। ନିଜ ପସନ୍ଦର ସେଣ୍ଟର ପରିବର୍ତ୍ତନ କିମ୍ବା ଅନ୍ୟାନ୍ୟ ସଂଶୋଧନ ନେଇ ମଧ୍ୟ ଅନୁମତି ଦିଆଯାଇଛି। ତେବେ ଆଗାମୀ ସମୟରେ ଆଉ ଆବେଦନ ବୃଦ୍ଧି ସମୟ ବଢ଼ାଯିବ ନାହିଁ ବୋଲି ଓଜେଇଇ ଅଧ୍ୟକ୍ଷ କହିଛନ୍ତି। ପୂର୍ବରୁ ମଧ୍ୟ କରୋନା ଲାଗି ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ସୋମବାରଠାରୁ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିଛି। ଏଥିପାଇଁ କ୍ୟାମ୍ପସକୁ ସାନିଟାଇଜ୍ କରାଯିବା ସହ ଛାତ୍ରଛାତ୍ର ଯେଭଳି କରୋନାରେ ସଂକ୍ରମିତ ନ ହୁଅନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏଥିଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲୁଥିଲେ ମଧ୍ୟ ଅଗ୍ରାଧିକାର ଭିତ୍ତିରେ କେବଳ ଶେଷ ବର୍ଷର ଛାତ୍ରଛାତ୍ରଙ୍କୁ ହିଁ କ୍ଲାସ୍‌ରୁମ୍ ପାଠପଢ଼ା ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନୁମତି ଦେଇଛି। ଏ ନେଇ ଏସ୍‌ଓପି ମଧ୍ୟ ଜାରି ହୋଇଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
POST: ACCOUNTANT
Qualification: B.Com Pass, fluent in English.
SALESMAN - 2 NOS.
Qualification: B.A. Pass
OFFICE STAFF - 2 NOS.
Qualification: B.A.
Apply with C.V. & Photo
infojobapplication21@gmail.com
Last day for application 20th August 2021

**ସିଙ୍ଗାପୁରରେ କାମ ଆରମ୍ଭ ହୋଇ ଗଲାଣି ।**
Recruitment ପାଇଁ ଫୋନ୍ କରି ଆପଣଙ୍କ କାମର ସୂଚନା ନେଇ ପାରିବେ ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
ଜିଗ୍ନେଶ ସାର୍ : 9157012447
ସୋନିଆ ମ୍ୟାଡାମ୍ : 9157312448, 9104103242

**WANTED TEACHERS**
Male or Female for Odia & English Medium School, at Bhubaneswar.
Contact
9337119851, 7978084379

**REQUIRES**
a Accountant in
SRI KRISHNA INFRASSETS PVT. LTD.
Hanspal, Puri Main Canal Road, Near Global Management College.
Contact:
9658894066 | 7008297224

**APPOINTMENT**
Wanted Sales Supervisor in a Jewellery Shop at Bhubaneswar. Salary- 15,000.00. Send your Biodata to WhatsApp No.9437033691

**WANTED**
5 ତାରକା ହୋଟେଲ ପାଇଁ ଆବଶ୍ୟକ ଉଦ୍ୟାନ କୃଷକ ସୁପରଭାଇଜର। ଆଗ୍ରହୀ ପ୍ରାର୍ଥୀମାନେ 9090905678କୁ କଲ୍ କରିପାରିବେ କିମ୍ବା harris.vinoj@tridenthotels.comରେ ରିଜ୍ୟୁମ୍ ପଠାଇପାରିବେ।

**WANTED**
ଭୁବନେଶ୍ୱରରେ କେକ୍ Shop ପାଇଁ ପିଲା ଆବଶ୍ୟକ (ଯୋଗ୍ୟତା ଦଶମରୁ ଅଧିକ)। ଦରମା: Rs.6000 + ଖାଇବା ।
ଯୋଗାଯୋଗ:
7381010297, 8249724716

See Career Appointment on every Wednesday & Saturday

**RECRUITMENT OF ACCOUNTANT**
A leading Rice Mill Industry requires full time Accountant. Minimum qualification is Graduation. He/She must be very acquainted with Tally/ Rice Mill Software with good English knowledge. Candidate has to reside at Purunakatak, Boudh. Accommodation and Fooding expenses will be borne by the employer. Salary is negotiable.
Interested candidates may apply with recent passport size photo along with CV on or before **15.08.2021** in the below mentioned e-mail id. Shortlisted candidate will be called for interview.
RANISATI PADDY PROCESSING PVT. LTD.
Purunakatak, Boudh
E-Mail: ranisatipaddy@gmail.com, Mob.- 8249035739

**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/KA/Hiring of Services/Rev.Pers/2021/876 ତା.28/07/2021ରିଖ
**ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ**
କଣିହା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୧୫.୦୮.୨୦୨୧ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, କଣିହା ଏରିଆ, ପୋଷ୍ଟ-ଦେଉଳବେରା କୋଲିୟାରୀ, ଜିଲ୍ଲା-ଅନୁଗୁଳ, ଓଡ଼ିଶା-୭୫୯୧୦୨ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 01 |
| 2. | ଅମିନ | ₹15,000.00 PM | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୧.୦୮.୨୦୨୧ରିଖ ଠାରୁ ତା.୧୫.୦୮.୨୦୨୧ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ । ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ ।
R-5064
ମହାପ୍ରବନ୍ଧକ, ଏମ୍‌ସିଏଲ୍, କଣିହା ଏରିଆ


**ODISHA PUBLIC SERVICE COMMISSION**
**NOTICE**
**No. 5366/P.S.C. (IE-11-2020-21) (DR-II), Dt.10.08.2021**
Website: http://www.opsc.gov.in

**No. D-83:-** The **main written examination** for the post of Assistant Executive Engineer (Civil) in Odisha Panchayati Raj Engineering Service, under Department of Panchayati Raj & Drinking Water, pursuant to the Advertisement No.04 of 2020-21 shall be conducted **on 24.08.2021 (Tuesday)**.

**PROGRAMME OF EXAMINATION**

| Date | Session | Paper | Time |
|---|---|---|---|
| 24.08.2021 (Tuesday) | 1st Session | Paper-I (General Studies) | 09.30 A.M. to 12.00 Noon (9.30 A.M. to 12.50 P.M. for PWD candidates) |
| | 2nd Session | Paper-II (Specialized Paper-Civil Engg.) | 2.00 P.M. to 4.30 P.M. (2.00 P.M. to 5.20 P.M. for PWD candidates) |

The list of candidates admitted to the examination alongwith their centre allocation will be made available in the website of the Commission (www.opsc.gov.in) from 19.08.2021.
2. The candidates are required to download the "**Admission Certificate**" & "**Instruction to Candidates**" from website of the Commission from 19.08.2021 onwards.
***Note - The candidates can familiarize themselves for appearing on the above examination through the Mock Test Link provided in the website of the Commission.***
OIPR-12002/11/0054/2122
Sd./- Secretary

**ODISHA JOINT ENTRANCE EXAMINATION - 2021 (OJEE - 2021)**
No. OJEE/273 Date: 10.08.2021
**NOTICE REGARDING EXTENSION OF LAST DATE OF APPLICATION FOR B.TECH. COURSE (SPECIAL OJEE)**
No. KK-52: The last date for submission of online application forms for B. Tech. Course (Special OJEE), which was earlier notified as 10.08.2021 is hereby extended up to 17.08.2021 (11.59 P.M.) and last date for fee payment up to 18.08.2021 (11.59 P.M.).
During this period, the candidates, who have already submitted their applications, can log-in to the online OJEE Application Portal using their id and password, make any correction, if required in the information already filled in by them and also modify, if they want, their choice of examination centres as per their convenience.
**The interested candidates may kindly note that these dates are final and there will not be any more extension of these dates.**
Candidates are advised to visit the official website of OJEE **(www.ojee.nic.in)** regularly for updated information.
**Sd./- CHAIRMAN, OJEE, Odisha**
**OIPR-14020/11/0008/2122**

**DIRECTORATE OF HIGHER SECONDARY EDUCATION, ODISHA**
**Admission into Higher Secondary Schools of the State for the session 2021-22**
No. N-16: Online applications are invited for Class-XI Admission into Higher Secondary Schools (HSS) of the State including Self Financing HSS, Upashastri and Vocational.e-Admission Dateline for the Academic session 2021-22 is as given below.
**Eligibility**
Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent board.
**Procedure**
- Applicants can apply online on the website **www.samsodisha.gov.in**.
- The applicants are advised to read the Common Prospectus (CP)carefully before filling the online Common Application Form (CAF).
- Applicants must retain the print-out of Application form and Payment receipt after filling in the CAF, for future reference.
- The CAF Fee must be paid through online mode only (details available in CP).
- All relevant documents are to be verified at the selected Higher Secondary School at the time of admission only.
- Application fees for General Category is Rs.200/-, for ST & SC Category is Rs.100/-.

**Important Dates**

| SL # | Activites | Date Lines |
|---|---|---|
| 1. | Availability of online Common Application Form (CAF) in the website **www.samsodisha.gov.in** | 12-Aug-2021 (11.00 AM) |
| 2. | Last date of applying online CAF through **www.samsodisha.gov.in** | 05-Sep-2021 (11.45 PM) |
| 3. | Publication of merit List of **First Selection** | 13-Sep-2021 (11.30 AM) |
| 4. | Admission of the students selected in **First Selection** | 14-Sep-2021 to 21-Sep-2021 (6.00 PM) |
| 5. | Admission data updation and error reporting by Higher Secondary Schools in the e-Space | 14-Sep-2021 to 22-Sep-2021 (5.00 PM) |
| 6. | Updation of Slide-up Request form online by students taken admission in First Selection | 14-Sep-2021 to 23-Sep-2021 (5.00 PM) |
| 7. | Publication of merit list of the **Second Selection** | 27-Sep-2021 (4.00 PM) |
| 8. | Admission of the students selected in **Second Selection** | 29-Sep-2021 to 01-Oct-2021 (5.00 PM) |
| 9. | Last date for admission data updation of the student who took admission in the second selection by Higher Secondary Schools in the e-Space | 01-Oct-2021 (9.00 PM) |
| 10. | Publication of the **Spot Selection** merit list three times to the balance sheet after second merit list admission | 04-Oct-2021 (2.00 PM) |
| 11. | Last date for registration of students for spot admission in the respective Higher Secondary Schools | 04-Oct-2021 (3.00 PM) to 05-Oct-2021 (2.00 PM) |
| 12. | Publication of final list of spot admission out of the students registered at respective Higher Secondary School. | 05-Oct-2021 (5.00 PM) |
| 13. | Admission of the students selected in Spot Selection | 07-Oct-2021 |
| 14. | Admission data updation of the student who took admission in the spot selection by Higher Secondary Schools in the e-Space | 08-Oct-2021 (6.00 PM) |

**For more details, please contact Sanjog Helpline (Toll Free) number 155335, 1800-345-6770**
**Changes to the dateline (if occurs) will be notified in the newspapers & website as well.**
OIPR-11024/11/0001/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଅଗଷ୍ଟ, ୨୦୨୧

## ଗର୍ଭବତୀଙ୍କୁ କୋଭିଡ୍ ଟିକା

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ୭୦ ଜଣ ଗର୍ଭବତୀଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦେବାଶିଷ ନାୟକ ଉଦ୍‌ଘାଟନ କରିଥିଲେ। ୫ ପଞ୍ଚାୟତର ମହିଳାମାନଙ୍କୁ ଏହି ଟିକା ଦିଆଯାଇଥିଲା।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ତରଫରୁ ବିଭିନ୍ନ ଦାବି ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ, ରାଜ୍ୟପାଳ ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ଲିଙ୍ଗରାଜ ସେନା ପକ୍ଷରୁ ଖାଦ୍ୟ ବଣ୍ଟନ, ଶ୍ରୀ ଲିଙ୍ଗରାଜ ନୂତନ ମାର୍କେଟ, ସକାଳ ୮ଟା।

**କଟକ**

- ଇନରହୁଇଲ କ୍ଲବ ଅଫ କଟକ ମିଡ୍‌ଟାଉନ ପକ୍ଷରୁ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ, ସତ୍ୟବ୍ରତ ଷ୍ଟାଡିୟମ ପରିସର, ସକାଳ ୯ଟା ୧୫।

# ୧ ହଜାର ଟପିଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା



- ୨୪ଘଣ୍ଟାରେ ୩୫ ଚିହ୍ନଟ
- ସଚେତନ ହେବାକୁ ଲୋକଙ୍କୁ ପରାମର୍ଶ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ରାଜଧାନୀରେ ଡେଙ୍ଗୁ ଏବେ କାୟା ବିସ୍ତାର କରି ଚାଲିଛି। ପ୍ରତିଦିନ ଏଠାରୁ ୩୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହେଉଛନ୍ତି। ଫଳରେ ସ୍ଥିତି ଏବେ ଅଣାୟତ୍ତ ହେବାକୁ ବସିଲାଣି। ଘରେ ଘରେ ଡେଙ୍ଗୁ ଜର ଚିନ୍ତା ବଢାଉଛି। ଗତ ୨୪ଘଣ୍ଟାରେ ସହରରୁ ଆଉ ୩୫ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ରାଜଧାନୀରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ୧ହଜାର ପାର୍ କରି ୧ହଜାର ୯ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୭୦୬ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଓ ୩୦୩ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଗତ ଜାନୁଆରୀରୁ ଜୁନ୍ ୨୯ ସୁଦ୍ଧା ୧୦ ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ, ଜୁନ୍ ୩୦ରୁ ଅଗଷ୍ଟ ୧୦ ତାରିଖ (ମଙ୍ଗଳବାର)ସୁଦ୍ଧା ସହରରୁ ୯୯୯ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ବିଶେଷକରି ଶୈଳଶ୍ରୀ ବିହାର, ନିଳାଦ୍ରୀ ବିହାର, ଚିନ୍ତାମଣିଶ୍ୱର, କଳ୍ପନା, ୟୁନିଟ୍-୨ ଆଦି ଅଞ୍ଚଳରେ ଏକାଧିକ ରୋଗୀ ଚିହ୍ନଟ ହେଉଛନ୍ତି। ବିଏମ୍‌ସି ପକ୍ଷରୁ ଚାଲିଥିବା ଡେଙ୍ଗୁ ମୁକାବିଲା ଅଭିଯାନରେ ଏନେଇ ଜନସଚେତନତା ଜାରି ରହିବା ସହ ସହରର ବିଭିନ୍ନ ଅଞ୍ଚଳରେ ପରିବେଶ ସଫା କରିବା, ଅନାବଶ୍ୟକ ଗଛ କାଟିବା, ପାଣି ଜମି ରହିଥିବା ସ୍ଥାନ ସଫା କରିବା, ମଶା ତେଲ ସିଞ୍ଚନ ଆଦି ବିଭିନ୍ନ କାର୍ଯ୍ୟ କରାଯାଉଛି। ମଙ୍ଗଳବାର ସୁଦ୍ଧା ୧୦ହଜାର ୨୭୬ ପରିବାରର ୪୨ହଜାର ୫୮୮ ଲୋକଙ୍କୁ ସଚେତନ କରାଯାଇଛି। ସେହିପରି ୩୨ହଜାର ୮୧୩ ମଶା ଉତ୍ସ ନଷ୍ଟ କରାଯିବା ସହ ୩୨ହଜାର ୪୮୭ ମଶା ଲାର୍ଭା ଚିହ୍ନଟ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଲୋକମାନେ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି। ଡେଙ୍ଗୁରୋଗ ବାହକ ଏଡିସ୍ ମଶା ନିର୍ମଳ ପାଣିରେ ବଂଶ ବିସ୍ତାର କରୁଥିବାରୁ ନିଜ ଆଖପାଖ ପରିଷ୍କାର ରଖିବା, ଖାଲି ସ୍ଥାନରେ ପାଣି ଜମିବାକୁ ନ ଦେବା, ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ସରକାରୀ ହସ୍ପିଟାଲରେ ଏଲିସା ପରୀକ୍ଷା କରିବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଶ୍ରୀଜଗନ୍ନାଥ କଥାମୃତ

କଟକ ଅଫିସ, ୧୦।୮: ପୁରୀ ଚାରଣଗୋଷ୍ଠୀ କଟକ ମଣ୍ଡଳ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଓ୍ୱେବିନାର ମାଧ୍ୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଭୁଚରଣ ମହାନ୍ତି ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ଓ ପରମ୍ପରାକୁ ବିଶ୍ୱରେ ପ୍ରଚାର ପ୍ରସାର କରିବା ଚାରଣଗୋଷ୍ଠୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇଥିଲେ। ଅମ୍ବିକା ପ୍ରସାଦ ମହାନ୍ତି ବୈଷୟିକ ସହାୟତା ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ବିଶ୍ୱାଳ, ବିଜୟାନନ୍ଦ ପାଇଟାଲ ଓ ତରଣୀସେନ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଣ୍ଡଳ ସଙ୍ଗଠକ ଲିଙ୍ଗରାଜ ପତି ଅତିଥି ପରିଚୟ ପ୍ରଦାନ, ଆଧାତ୍ମିକ ପତ୍ରିକା 'ଆମ ପ୍ରଣାମ'ର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ସଭା ପରିଚାଳନା, ଚାରଣ ଶଶିଶେଖର ମହାରଣା ଧନ୍ୟବାଦ ଦେଇଥିଲେ।

## ସମସ୍ତ ସଂସ୍ଥାକୁ ସମାନ କାର୍ଯ୍ୟ ଦିଆଯାଉ




ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ବନ୍ଧେଇ ସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

କଟକ ଅଫିସ,୧୦।୮

ବିଭିନ୍ନ ଦାବି ନେଇ ଓଡ଼ିଶା ବନ୍ଧେଇ ସଂଘ ପକ୍ଷରୁ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଛି। ଏ ନେଇ ସଂଘ ସଭାପତି ଦେବେନ୍ଦ୍ର ନାଥ ମୁଦୁଲି କହିଛନ୍ତି, ନବମ ଓ ଦଶମ ଶ୍ରେଣୀର ପାଠ୍ୟପୁସ୍ତକ ବନ୍ଧେଇ କରି ଆମ୍ଭେମାନେ ପରିବାର ପ୍ରତିପୋଷଣ କରିଥାଉ। ହେଲେ ବୋର୍ଡ ପକ୍ଷରୁ ଆମକୁ ଅଳ୍ପ ସଂଖ୍ୟକ କାର୍ଯ୍ୟ ଦିଆଯାଉଛି। ଏଥିସହ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ତେବେ ସମସ୍ତ ମୁଦ୍ରଣ ଓ ବନ୍ଧେଇ ସଂସ୍ଥାକୁ ସମାନ ଭାବରେ କାର୍ଯ୍ୟ ପ୍ରଦାନ, କାର୍ଯ୍ୟାଦେଶର ନକଲ ନୋଟିସ୍ ବୋର୍ଡରେ ଲଗାଇବା ଓ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ବୋର୍ଡ ସେକ୍ରେଟାରି ଶ୍ରୀକାନ୍ତ ତରାଇଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଯଦି ୭ ଦିନ ମଧ୍ୟରେ ଦାବି ପୂରଣ ନ କରାଯିଏ ତେବେ ପୁନର୍ବାର ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ସିଏମ୍‌ସିର ସଫେଇ ଅଭିଯାନ

**ପ୍ରତି ୱାର୍ଡ ପାଇଁ ୨ ସଫେଇ କର୍ମଚାରୀ**

କଟକ ଅଫିସ,୧୦।୮

ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ଲୋକଙ୍କ ମନରେ ଡେଙ୍ଗୁ ଭୟ ଘାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସହରରେ ୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସମସ୍ତ ୱାର୍ଡରେ ମଙ୍ଗଳବାରଠାରୁ ବୁଦା ସଫେଇ ଅଭିଯାନ ଆରମ୍ଭ ହୋଇଛି। ୱାର୍ଡଗୁଡିକର ବିଭିନ୍ନ ସ୍ଥାନରେ ଜଙ୍ଗଲୀ ଲଟା ମାଡି ଯାଇଥିବାବେଳେ ସ୍ଥାନେ ସ୍ଥାନେ ବୁଦା ଦେଖିବାକୁ ମିଳୁଛି। ଏହାଦ୍ୱାରା ମଶାଙ୍କ ଉପଦ୍ରବ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ବୁଦା ସଫା କରିବା ପାଇଁ ପ୍ରତ୍ୟେକ ୱାର୍ଡରେ ଦୁଇଜଣ ଲେଖାଏ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେମାନେ ୱାର୍ଡଗୁଡିକରେ ଜଙ୍ଗଲୀଲଟା, ଅନାବନା ଗଛ ସଫା କରିବା ସହ ଔଷଧ ସିଞ୍ଚନ କରିବେ। ଏହି କାର୍ଯ୍ୟକୁ ୱାର୍ଡ ଅଫିସର ଏବଂ ଏସ୍‌ଆଇ ତଦାରଖ କରିବେ। ଏହି ସଫେଇ ଅଭିଯାନ ୨ ମାସ ଧରି ଚାଲିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଫିସର ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି।

## ମହାଳୟା ପିଣ୍ଡଦାନ ତର୍ପଣ ପ୍ୟାକେଜ

କଟକ ଅଫିସ, ୧୦।୮:ଆସୁଛି ପିତୃପକ୍ଷ ମହାଳୟା। ଏଥିରେ ଲୋକମାନେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ପାଇଁ ବାରଣାସୀ, ଗୟା, ପ୍ରୟାଗରାଜ ଆଦି ସ୍ଥାନକୁ ଯାଇଥାନ୍ତି। ସେମାନଙ୍କ ପାଇଁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ କର୍ପୋରେଶନ(ଆଇଆର୍‌ସିଟିସି) ପକ୍ଷରୁ ପ୍ରଥମଥର ଲାଗି ମହାଳୟା ପିଣ୍ଡଦାନ ତର୍ପଣ ନାମରେ ଦୁଇଟି ପ୍ୟାକେଜ କରାଯାଇଛି। ଏହି ପ୍ୟାକେଜ ଅନ୍ତର୍ଗତ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ସେପ୍ଟେମ୍ବର ୨୫ ତାରିଖରେ ବ୍ରହ୍ମପୁର ଷ୍ଟେଶନରୁ ବାହାରି ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦୁଝର ରୋଡ, ଭଦ୍ରକ, ବାଲେଶ୍ୱର ହୋଇ ବାରାଣସୀ, ଗୟା, ପ୍ରୟାଗରାଜ ଷ୍ଟେଶନରେ ପହଞ୍ଚିବ। ପୁନର୍ବାର ସେଠାରୁ ଲୋକମାନେ ବାହାରି ଅକ୍ଟୋବର ୧ ତାରିଖରେ ନିଜ ଘର ନିକଟ ଷ୍ଟେଶନରେ ଓହ୍ଲାଇବେ। ସ୍ଲିପର କ୍ଲାସ ପ୍ୟାକେଜ ପାଇଁ ଜଣକ ପିଛା ୬୬୨୦ ଟଙ୍କା ଓ ତୃତୀୟ ଶ୍ରେଣୀ ଏସି କ୍ଲାସ ପ୍ୟାକେଜ ପାଇଁ ୧୧,୦୩୦ ଟଙ୍କା ରଖାଯାଇଛି। ଏହି ପ୍ୟାକେଜରେ ଟ୍ରେନ୍ ଭଡା, ତିନି ଓଳି ଖାଇବା, ରହିବା ସମେତ ପିଣ୍ଡ ଦାନ ସ୍ଥଳକୁ ଯିବାଆସିବା ମୂଲ୍ୟ ଯୋଡିହୋଇ ରହିଛି। ଏଥିପାଇଁ ଇଚ୍ଛୁକ ଯାତ୍ରୀ ଅନ୍‌ଲାଇନରେ ଆବେଦନ କରିପାରିବେ ଏବଂ ସ୍ଥାନୀୟ ଷ୍ଟେଶନରୁ ମଧ ଟିକଟ କ୍ରୟ କରିପାରିବେ। ସେହିପରି ଆଇଆରସିଟିସି ପକ୍ଷରୁ ଭାରତ ଭ୍ରମଣ ପାଇଁ ଅନ୍ୟାନ୍ୟ ପ୍ୟାକେଜ ବ୍ୟବସ୍ଥା ରହିଛି ବୋଲି ମଙ୍ଗଳବାର କଟକ ଷ୍ଟେଶନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆରସିଟିସିର ଆଞ୍ଚଳିକ ପରିଚାଳକ କ୍ରାନ୍ତି ସାୱରକର ସୂଚନା ଦେଇଛନ୍ତି।

## 'ଅନ୍ୟ ପାଇଁ କାର୍ଯ୍ୟ କଲେ ମନୁଷ୍ୟ ଯଶସ୍ୱୀ ହୋଇଥାଏ'

କଟକ ଅଫିସ, ୧୦।୮

ପଦ୍ମିନୀ ରଥଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀରେ ଡ୍ରିମ୍‌ସ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସପ୍ରେମ ସ୍ମୃତିରେ ପଦ୍ମିନୀ ରଥ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଦ୍ଧଗିରି ପୀଠର ଅଧ୍ୟକ୍ଷ ବାବା ବିଶ୍ୱନାଥ ଦାସ ଯୋଗଦେଇ କହିଥିଲେ, ବ୍ୟକ୍ତିର ମହାନୁଭବତା ତା'ର ଆଚରଣ ଓ ଉଚ୍ଚାରଣରେ ପ୍ରତିଭାତ ହୋଇଥାଏ। ଏଣୁ ମନୁଷ୍ୟ କେବଳ ବ୍ୟକ୍ତିକୈନ୍ଦ୍ରିକ ନ ହୋଇ ଅନ୍ୟର ହିତ ପାଇଁ କାର୍ଯ୍ୟକଲେ ଯଶସ୍ୱୀ ହୋଇଥାଏ। ପଦ୍ମିନୀ ରଥ ସେଭଳି ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ। ତେଣୁ ଆଜି ସେ ସ୍ମରଣୀୟା ବୋଲି ଦାସ କହିଥିଲେ। ଡ୍ରିମ୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଅନୁଷ୍ଠାନ ପକ୍ଷରୁ ବିଶ୍ୱନାଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ନବକିଶୋର ମିଶ୍ର, ପ୍ରାଧ୍ୟାପକ ଲୋକନାଥ ବେହେରା, ଡ. ରାଜେନ୍ଦ୍ର କୁମାର ଦାସ, ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଡ. ସ୍ନିଗ୍ଧମଧୁସୂଦନ ଦାସ, ପ୍ରାଧ୍ୟାପିକା ତପସ୍ୱିନୀ ସାହୁ, ଡ. ପି. କଙ୍କନେଶ୍ୱରୀ, ପ୍ରାଧ୍ୟାପକ ଦିଲୀପ କୁମାର ମଲ୍ଲିକ, ପ୍ରଶାନ୍ତ ନାୟକ, ଆଶିଷ କୁମାର ସ୍ୱାଇଁ, ଡ. ଅଜିତ୍ ମହାପାତ୍ର ଉପସ୍ଥିତ ଥିଲେ। ପଦ୍ମିନୀ ରଥ ସ୍ମୃତି କମିଟି ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ବାବା ବିଶ୍ୱନାଥ ଦାସଙ୍କ ସହ ଅନ୍ୟମାନେ।

## 'ଭାରତରେ ହକିର ପୁନର୍ଜନ୍ମ ହୋଇଛି'

ଆଠଗଡ଼, ୧୦।୮(ସ୍ୱ.ପ୍ର.)

ଆଠଗଡ଼ ଷ୍ଟାଡିୟମ ନିକଟ ସାଇ ମନ୍ଦିର ପାଖରେ ୬ କୋଟି ୧୭ ଲକ୍ଷ ୫୮ ହଜାର ୭୦୦ ଟଙ୍କାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବ। ଏଥିରେ ଫିଜିଓଥେରାପି, ଭାର ଉତ୍ତୋଳନ, ଯୋଗ, ଟେବୁଲ୍ ଟେନିସ, ଏବଂ ଜିମ୍ନାସିୟମ ଭଳି ଖେଳ ପାଇଁ ବ୍ୟବସ୍ଥା କରାଯିବ। ଷ୍ଟାଡିୟମରେ ବହୁମୁଖୀ କାର୍ଯ୍ୟ ହୋଇପାରିବ। ରାଜ୍ୟ ସରକାର ମଞ୍ଜୁରୀ ଦେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି। ଏନେଇ ଆୟୋଜିତ ସଭାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଭାରତରେ ହକିର ପୁନର୍ଜନ୍ମ ହୋଇଛି ବୋଲି କହିଥିଲେ। ଆଠଗଡ଼ ଆଥ୍‌ଲେଟିକ ଆସୋସିଏଶନ୍ ସମ୍ପାଦକ ଶ୍ୟାମାନନ୍ଦ ମହାରଣା, ପ୍ରସନ୍ନ ରାଉତ, ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଅଜଗରକୁ ପିଟି ମାରିବା ଘଟଣା: ଆଗଉନି ତଦନ୍ତ

ଟାଙ୍ଗୀ(କଟକ),୧୦।୮(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ମଣିଆ ଗ୍ରାମସ୍ଥିତ ଏକ କାରଖାନାର ସୋଲାର ପାୱାର ପ୍ଲାଣ୍ଟ ଭିତରେ ଶନିବାର ରାତିରେ ଏକ ୧୨ଫୁଟିଆ ଅଜଗରକୁ ପିଟି ମାରି ପୋତି ଦିଆଯାଇଥିବା ବନପାଳ ମାଣିକ ମୁଣ୍ଡାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଖବରପାଇ ବନପାଳ ପହଞ୍ଚି ପୋତା ଯାଇଥିବା ସ୍ଥାନରୁ ମୃତ ଅଜଗରକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ତେବେ ଅଜଗରକୁ ମାରିଥିବା ବ୍ୟକ୍ତିଙ୍କ ପ୍ରତି ଜଙ୍ଗଲ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଣ୍ଡା କହିଥିଲେ। ହେଲେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବନ ବିଭାଗ ପକ୍ଷରୁ ଏ ନେଇ କୌଣସି ତଦନ୍ତ ହୋଇ ନ ଥିବା ଜଣାପଡିଛି। ମଣିଆ ଗ୍ରାମର ସାମାଜିକ କର୍ମୀ ମନୋଜ ଖିଲାର ଏନେଇ କଟକ ବନଖଣ୍ଡ ବୈରୀ ରେଞ୍ଜର ଅଭିରାମ ଜେନାଙ୍କୁ ମୋବାଇଲ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇଛନ୍ତି। ଏ ସମ୍ପର୍କରେ ବନପାଳ ମୁଣ୍ଡା କହିଛନ୍ତି, ଅଜଗର ସାପ ମରିବାର ତଦନ୍ତ କେବଳ ବନ ବିଭାଗର ଏସିଏଫ ସ୍ତରର ଅଧିକାରୀଙ୍କ ଦ୍ୱାରା କରାଯାଏ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବବ୍ଲୁ



@ ମିତାଲି



@ ପ୍ରତାପ



@ ସଂଗ୍ରାମ



@ ସୌମ୍ୟରଞ୍ଜନ



@ କ୍ଷୀରୋଦ

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ନିଶ୍ଚିନ୍ତକୋଇଲି, ୧୦।୮(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ନନ୍ଦ କିଶୋର ରାଉତ। ସେ ସକାଳେ ଘର ନିକଟରେ ଥିବା ଏକ ପୋଖରୀରେ ଗାଧୋଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ନନ୍ଦ କିଶୋର ପାଣିରେ ବୁଡ଼ିଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ କୂଳରେ ତାଙ୍କ ଲୁଗା ପଡ଼ିଥିବା ଦେଖି ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ନନ୍ଦ କିଶୋରଙ୍କ ମୃତଦେହ ଜବତ କରିଛି।

**ଖଜୁରିପଦା ଡବଲ ମର୍ଡର ଘଟଣା**

## ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

ବାଙ୍କୀ,୧୦।୮(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସରପଞ୍ଚ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ବର୍ଷେ ପୂର୍ବେ ହତ୍ୟା କରାଯାଇଥିଲା। ଏହି ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ପାଣ୍ଡବ ପ୍ରଧାନଙ୍କୁ ସୋମବାର ରାତିରେ ଗିରଫ କରାଯାଇଛି। ତଦନ୍ତକାରୀ ଅଧିକାରୀ ତଥା ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଖୋର୍ଦ୍ଧା ଜିଲା ଚନ୍ଦକା ଅଞ୍ଚଳର ଗୋଟିଏ ଆପାର୍ଟମେଣ୍ଟରେ ପାଣ୍ଡବ ଲୁଚି ରହିଥିବା ନେଇ କୌଣସି ସୂତ୍ରରୁ ଖବରପାଇ ତଦନ୍ତକାରୀ ଦଳ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ମଙ୍ଗଳବାର ତାଙ୍କୁ ବାଙ୍କୀ କୋର୍ଟରେ ହାଜିର କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ପାଣ୍ଡବଙ୍କୁ ବାଙ୍କୀ ଉପକାରାଗାରକୁ ପଠାଇ ଦିଆଯାଇଛି। ୨୦୨୦ ଫେବୃୟାରୀ ୧୫ରେ ସରପଞ୍ଚ ଭଗବାନ ଓ ଆଦିତ୍ୟ ବାଙ୍କୀ ବ୍ଲକ କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ କିଆପଲ୍ଲୀ ପଞ୍ଚାୟତର ଜୋକଲାଣ୍ଡିଠାରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଖଜୁରିପଦାର କେତେଜଣ ଲୋକ ଉଭୟଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆଦିତ୍ୟ ଓ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ତେବେ ହସ୍ପିଟାଲ୍ ଯିବାବାଟରେ ଭଗବାନ ଅତି କ୍ଷଣ ସ୍ୱରରେ ଅଭିଯୁକ୍ତଙ୍କ ନାମ କହିଥିଲେ। ଏହି ହତ୍ୟା ଘଟଣାରେ ଥାନାରେ ୧୮ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ. ୪୯/୨୦) ରୁଜୁ କରିଥିଲା। ମୃତ୍ୟୁକାଳୀନ ଜମାନ ବନ୍ଦୀକୁ ଆଧାର କରି ପୂର୍ବରୁ ୧୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ପ୍ରଭାସ ସିଂଙ୍କୁ ବାଙ୍କୀ ଉପକାରାଗାରକୁ ନିଆଗଲାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଚୋର ଗ୍ୟାଙ୍ଗ ଠାବ, ୮ ଗାଡ଼ି ଜବତ

**୩ ଜଣଙ୍କୁ କାବୁ କଲା ପୋଲିସ**

କଟକ ଅଫିସ,୧୦।୮

କଟକ ମଧୁପାଟଣା ପୋଲିସ ଏକ ଚୋର ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ୮ଟି ବାଇକ୍ ଓ ସ୍କୁଟି ଜବତ କରି ୩ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଯାଇଥିବାବେଳେ ଚୋରି ଗାଡି କିଣିଥିବା ଆଠଗଡ଼ ଖୁଣ୍ଟକଟା ଅଞ୍ଚଳର କୃଷ୍ଣ କୁମାର ନାୟକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ମଧୁପାଟଣା ଥାନାରେ ଜୋନ୍-୬ ଏସିପି ଏସ୍.ଏନ୍. ମୁଦୁଲି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଥାନା ଅନ୍ତର୍ଗତ ନୂଆପଡାର ମନୋଜ ଗୁପ୍ତାଙ୍କର ଏକ ସ୍କୁଟି ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୪୩/୨୧) ରୁଜୁ କରିଥିଲା। ତଦନ୍ତବେଳେ ୨ଜଣ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ପୋଲିସ ସେମାନଙ୍କୁ ସୋମବାର କାବୁ କରିଥିଲା। ପଚରାଉଚରାବେଳେ ସେମାନେ ୮ଟି ଗାଡି ମଧୁପାଟଣା, ବାଦାମବାଡି ଓ ସଦର ଥାନା ଅଞ୍ଚଳରୁ ଚୋରି କରି କୃଷ୍ଣଙ୍କୁ ବିକ୍ରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଉଭୟଙ୍କ ବୟାନ ଆଧାରରେ ପୋଲିସ କୃଷ୍ଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, କୃଷ୍ଣ ପୂର୍ବରୁ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବାବେଳେ ଖାନ୍‌ନଗରରେ ରହୁଥିଲେ।



ଜବତ ଗାଡ଼ି।

**ନନ୍ଦନକାନନ ପାଳିଲା ଅନ୍ତର୍ଜାତୀୟ ସିଂହ ଦିବସ**

ବାରଙ୍ଗ,(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପ୍ରଥମଥର ଅନ୍ତର୍ଜାତୀୟ ସିଂହ ଦିବସ ପାଳିତ ମଙ୍ଗଳବାର ହୋଇଯାଇଛି। ନନ୍ଦନକାନନ ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏହି ଅବସରରେ ପର୍ଯ୍ୟଟକମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଂହ ସୁରକ୍ଷାର ବିଭିନ୍ନ ପ୍ରଶ୍ନକୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୧୦୦ଜଣ ପର୍ଯ୍ୟଟକଙ୍କୁ ସାମିଲ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦ଜଣଙ୍କୁ ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମ୍ଳାନ କୁମାର ପରିଡ଼ା ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷାଧିକାରୀ ମିଲନ କୁମାର ପଣ୍ଡା ଓ ଶିବରାମ ସାହୁ ଏହାକୁ ପରିଚାଳନା କରିଥିଲେ। ୧୨ତାରିଖରେ ବିଶ୍ୱ ହସ୍ତୀ ଦିବସ ପାଳନ କରାଯିବ।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

ପୁଣ୍ଣା ଭୁବନେଶ୍ୱର,୧୦।୮(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିର ଗର୍ଭଗୃହ ଫଟୋ ମଙ୍ଗଳବାର ଭାଇରାଲ ହୋଇଛି। ଏହାକୁ ନେଇ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଜଣେ ସେବାୟତ ଗର୍ଭଗୃହର ଶ୍ରୀଠାରେ ପୂଜାର୍ଚ୍ଚନା କରୁଥିବା ଫଟୋକୁ କେହି ଉଠାଇ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ତେବେ ସିସିଟିଭି ଯାଞ୍ଚ କରାଗଲେ ସତ୍ୟତା ଜଣାପଡ଼ିବ। ମନ୍ଦିର ପ୍ରଶାସନର ଅବହେଳା, ସୁରକ୍ଷା କର୍ମୀଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟୁଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ଉଚ୍ଚ ଶକ୍ତିସମ୍ପନ୍ନ ଆରେଷ୍ଟର ଲାଗିବା କାର୍ଯ୍ୟାରମ୍ଭ

**ଶ୍ରୀଲିଙ୍ଗରାଜ ମନ୍ଦିର**

ପୁଣ୍ଣା ଭୁବନେଶ୍ୱର,୧୦।୮(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିର ସଂରକ୍ଷଣ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ମଙ୍ଗଳବାର ମନ୍ଦିର ଚୂଡ଼ାରେ ନୂତନ ଉଚ୍ଚ ଶକ୍ତିସମ୍ପନ୍ନ ଆର୍ଥିଂ ଆରେଷ୍ଟର (ଏକ ତମ୍ବାର ସ୍ପାଇକ) ଲଗାଇବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ବିଭାଗର ପ୍ରାୟ ୫ଜଣ କାରିଗର ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିଲାଗି ଠାକୁରଙ୍କ ନୀତି ସଅଳ କରାଯାଉଅଛି। ଅପରାହ୍ନ ୨ଟା ୩୦ ମଧ୍ୟରେ ଶ୍ରୀଜୀଉଙ୍କ ଟେରାଫିଟା ନୀତି ପରେ ଦର୍ଶନ ଅବସରରେ ମନ୍ଦିର ଚୂଡ଼ାକୁ କାରିଗରମାନେ ଚଢ଼ି କାମ ଆରମ୍ଭ କରିପାରିବା ନେଇ ସେବାୟତମାନେ ସହମତି ଦେଇଛନ୍ତି। ଏହି କାର୍ଯ୍ୟ ସାରିବା ପାଇଁ ୭ଦିନ ସମୟ ଧାର୍ଯ୍ୟ କରାଯାଇଛି। ମନ୍ଦିର ପାଦଦେଶରେ ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ ବର୍ଷା ହେବାରୁ ମଙ୍ଗଳବାର ପାଇଁ ବାତିଲ କରାଯାଇଥିଲା। ବୁଧବାର ଏହି କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି ଏଏସଆଇ ପକ୍ଷରୁ କୁହାଯାଇଛି।

### ଭକ୍ତି ସଙ୍ଗୀତରେ ମହାନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୦।୮(ବ୍ୟୁରୋ): ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ମଙ୍ଗଳବାର ‘ଭକ୍ତିପୂତ ଶ୍ରଦ୍ଧାଞ୍ଜଳି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଠଶିଳ୍ପୀମାନେ ପୁରାତନ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ସ୍ମୃତିରେ ତଥା ଭକ୍ତି ସଙ୍ଗୀତର ମହାନାୟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ପ୍ରଭାତ କୁମାର ନନ୍ଦ, ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, କୋଷାଧ୍ୟକ୍ଷ ଅଖିଳ କୁମାର ସାହୁ, ମଳୟ ଜେନା ଉପସ୍ଥିତ ଥିଲେ। ସଙ୍ଗୀତଜ୍ଞ ପ୍ରଶାନ୍ତ ପାଢ଼ୀ, ଆଶାମୁକୁଳ ବାରିକ, ପ୍ରତିମା ରାଣୀ ପଣ୍ଡା ଓ ଦାମୋଦର ସେନାପତିଙ୍କ ସହଯୋଗ କରିଥିଲେ।

### ଗଣତନ୍ତ୍ରକୁ ଘଷାମଜା କଲେ ଅଧିକ ଉଜ୍ଜ୍ୱଳ ହୁଏ

**ସଂଭାବନାର ସ୍ୱନକ୍ଷତ୍ର ଉତ୍ସବ**

ଭୁବନେଶ୍ୱର,୧୦।୮(ବ୍ୟୁରୋ): ଅଗଷ୍ଟ କ୍ରାନ୍ତି ଦିବସ ପରିପ୍ରେକ୍ଷୀରେ ସଂଭାବନା ପତ୍ରିକାର ବିଂଶତମ ସ୍ୱନକ୍ଷତ୍ର ଉତ୍ସବ ଭର୍ଚୁଆଲ ମାଧ୍ୟମରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କ ପରିଚାଳନାରେ ‘ଗଣତନ୍ତ୍ରର ସ୍ଥିତି ଓ ସଂଭାବନା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ବକ୍ତା ଭାବେ ସାହିତ୍ୟିକ ତଥା ପ୍ରାଧ୍ୟାପକ ଦାଶ ବେନହୁର ଯୋଗଦେଇ କହିଲେ ଯେ, ପୃଥିବୀରେ ଗଣତନ୍ତ୍ରର ଇତିହାସ ଖୁବ୍ ପ୍ରାଚୀନ ନୁହେଁ, ମାତ୍ର ଏହି ବ୍ୟବସ୍ଥାରେ ଦୋଷ ତ୍ରୁଟି ଥିବା ସତ୍ତ୍ୱେ ଏହାର ବିକଳ୍ପ ନାହିଁ। ପ୍ରାଚୀନ ଗ୍ରୀକ୍ ଗଣରାଜ୍ୟ ଏଥେନ୍ସ ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ଗ୍ରାମ ଦେବତୀଙ୍କୁ ମାର୍ଜନା କରିବା ପରି ଗଣତନ୍ତ୍ରକୁ ମଧ ମଝିରେ ମଝିରେ ଘଷାମଜା କଲେ ଏହା ଅଧିକ ଉଜ୍ଜ୍ୱଳ ହୋଇଥାଏ। ରାଜନୀତି ସମୀକ୍ଷକ ତଥା ସାହିତ୍ୟିକ କେଦାର ମିଶ୍ର ସମ୍ପ୍ରତି ଭାରତ ବର୍ଷରେ ଶାସକଙ୍କ ଦ୍ୱାରା ଅଧୋପତିତ ହେଉଥିବା ଗଣତାନ୍ତ୍ରିକ ଅନୁଷ୍ଠାନ ଓ ବିଧି ବ୍ୟବସ୍ଥା ବିଷୟରେ ଅବତାରଣା କରିଥିଲେ। ଏଥିସହ ଜନସାଧାରଣ ଜାଗ୍ରତ ନ ହେଲେ ଗଣତନ୍ତ୍ରର ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ନୁହେଁ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ଅନୁଷ୍ଠାନର ଟ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ‘ବବି, ପାଣ୍ଡିଆନ୍ ନବୀନଙ୍କ ଆଖି’

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ସୌମ୍ୟରଞ୍ଜନଙ୍କ ଟାର୍ଗେଟ**

- ଏହି ଦୁଇ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହେଲେ ସବୁକିଛି ନିୟନ୍ତ୍ରଣ ବାହାକୁ ଚାଲିଯିବ
- ଆଖି ସବୁବେଳେ ସତ ଦେଖି ମୁଖ୍ୟମନ୍ତ୍ରୀଙ୍କୁ କହିବ ତା’ର କିଛି ଗ୍ୟାରେଣ୍ଟି ନାହିଁ

ଭୁବନେଶ୍ୱର,୧୦।୮(ପି.ଟି.)

ଶାସକମାନେ ଜଣେ ନିର୍ଦ୍ଦିଷ୍ଟ ଅମଲାତନ୍ତ୍ରୀ କିମ୍ବା ରାଜନେତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନ ହୋଇ ସୂଚନାର ବିକଳ୍ପ ଉତ୍ସ ବାହାର କରିବା ଉଚିତ ବୋଲି ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ଉପସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସୌମ୍ୟରଞ୍ଜନଙ୍କ ଖୋଲା ଟାର୍ଗେଟ ବୋଲି ବିବେଚନା କରାଯାଉଛି। କଟକରେ ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ କହିଛନ୍ତି, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ହେଉଛନ୍ତି ନବୀନଙ୍କ ଆଖି। ସୁଶାସନ ଓ ଗଣତନ୍ତ୍ର ପାଇଁ ଗଣମାଧ୍ୟମ ରାଜ୍ୟର ‘ତୃତୀୟ ଚକ୍ଷୁ’ର ଭୂମିକା ଗ୍ରହଣ କରିବା ଉଚିତ। ବବି ଏବଂ ୫-ଟି ସଚିବଙ୍କ ଜରିଆରେ ନବୀନ ଯାହା ଦେଖିବେ ତାହା ତାଙ୍କର ଦୁନିଆ ହେବ। ତେବେ ଏହି ଦୁଇ ଆଖିର ଦୃଷ୍ଟିଶକ୍ତି ସ୍ୱାର୍ଥ ପାଇଁ ଦୁର୍ବଳ ହୋଇଗଲେ ଏବଂ ଯାହା ଠିକ୍ ନୁହେଁ, ତାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରିବସିଲେ ସବୁକିଛି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଏହି ଦୁଇ ଆଖି ଯୋଗୁ ମୁଖ୍ୟମନ୍ତ୍ରୀ ଯଦି ଏକ କାଉକୁ ଧଳା କହିବା ଆରମ୍ଭ କରନ୍ତି ତେବେ ତାହା ଆମର ଦୁର୍ଭାଗ୍ୟ ହେବ। ଏହି ଦୁଇ ଆଖି ସବୁବେଳେ ସତ ଦେଖିବେ ଓ ମୁଖ୍ୟମନ୍ତ୍ରୀଙ୍କୁ କହିବେ ତାହାର କିଛି ଗ୍ୟାରେଣ୍ଟି ନାହିଁ ବୋଲି ସୌମ୍ୟ କହିଛନ୍ତି।

ସୌମ୍ୟ ଆହୁରି କହିଛନ୍ତି, ଆଗକାଳରେ ରାଜାମାନେ ନିଜ ମନ୍ତ୍ରୀମାନଙ୍କ କଥାର ସତ୍ୟତା ଯାଞ୍ଚ ପାଇଁ ଅନ୍ଧାରି ବିଜେ କରି ଶାସନ ସମ୍ପର୍କରେ ଲୋକଙ୍କଠାରୁ ମତାମତ ନେଉଥିଲେ। ଗଣମାଧ୍ୟମ ଏକ ‘ତୃତୀୟ ନୟନ’ର ଭୂମିକା ନେଇପାରିବ କି ବୋଲି ସୌମ୍ୟ ପ୍ରଶ୍ନ କରିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ପକ୍ଷରୁ ଯୋଗାଯୋଗ କରାଯିବାରୁ ସୌମ୍ୟ କହିଥିଲେ, ଗୋଟିଏ ଟିଭି ଚ୍ୟାନେଲ ତାଙ୍କ ମନ୍ତବ୍ୟକୁ ଭିନ୍ନ ଭିନ୍ନ ପ୍ରକାରେ ପ୍ରସାର କରୁଛି। ନିର୍ଦ୍ଦିଷ୍ଟ ନେତା ଓ ଅଫିସରଙ୍କ ଉପରେ ଶାସକଙ୍କ ନିର୍ଭରଶୀଳତାର ଅବତାରଣା କରିବାବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ଅନ୍ୟମାନଙ୍କ କଥା ମଧ୍ୟ କହିଛନ୍ତି। ତେବେ ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲ କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ତାଙ୍କ ବକ୍ତବ୍ୟକୁ ଦେଖାଉଛି। ସେ ସର୍ବସାଧାରଣରେ କହିଥିବାରୁ ତାଙ୍କ ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ବବି ଓ ପାଣ୍ଡିଆନ୍‌ଙ୍କ ନାମ ନେଇଥିଲେ କି ନାହିଁ ବୋଲି ପ୍ରଶ୍ନ କରାଯିବାରୁ ସୌମ୍ୟରଞ୍ଜନ କହିଥିଲେ, ହଁ ଦୃଷ୍ଟାନ୍ତ ଭାବେ ସେମାନଙ୍କ ନାମ ନିଆଯାଇଥିଲା। ଘରକୁ ଏକ ବିନ୍ଦୁରେ ପହଞ୍ଚାଇବା ପାଇଁ ଏଭଳି ଦୃଷ୍ଟାନ୍ତ ଦେବାରେ କିଛି ଭୁଲ୍ ନାହିଁ।

ପ୍ରକଶ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜ୍ୱାଇଁ ସୌମ୍ୟରଞ୍ଜନ ୨୦୧୮ରେ ଶାସକ ବିଜେଡିରେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ୨୦୧୯ରେ ବିଧାନସଭା ନିର୍ବାଚନ ବେଳେ ବିଜେଡି ତାଙ୍କୁ ଟିକେଟ ଦେଇଥିଲା। ଗତ ଜୁଲାଇ ୧ରେ ବିଜେଡି ବିଧାୟକ ସୌମ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ଏକ ଦୈନିକ ଖବରକାଗଜରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଓଡ଼ିଶାରେ କୋଭିଡ୍-୧୯ରେ ପ୍ରାଣ ହରାଉଥିବା ଲୋକଙ୍କ ସଂଖ୍ୟା କମ୍ କରି ଦର୍ଶାଯାଉଛି। ତେବେ ପ୍ରକୃତ କରୋନା ମୃତ୍ୟୁସଂଖ୍ୟା ସାର୍ବଜନୀନ କରାଗଲେ ସରକାରଙ୍କ ବିଶେଷ କ୍ଷତି ହେବ ନାହିଁ ବୋଲି ସେ ସେଥିରେ ଉଲ୍ଲେଖ କରିଥିଲେ। ସେହିପରି ଟିକାକରଣ କେନ୍ଦ୍ରଗୁଡ଼ିକରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟରକୁ ନେଇ ମଧ୍ୟ ବରିଷ୍ଠ ବିଜେଡି ନେତା ସୌମ୍ୟରଞ୍ଜନ ବିବାଦ ସୃଷ୍ଟି କରିଥିଲେ। ସୌମ୍ୟରଞ୍ଜନ କଟକରେ ଦେଇଥିବା ମନ୍ତବ୍ୟକୁ ନେଇ ବିଜେଡିର ଔପଚାରିକ ମତାମତ ଲୋଡ଼ିବାକୁ ଚେଷ୍ଟା କରିବାରୁ ଅନେକ ନେତା ମୁହଁ ଖୋଲିବାକୁ ମନା କରିଦେଇଥିଲେ। ବିଜେଡି ଉପାଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ସୌମ୍ୟରଞ୍ଜନ କଟକ କାର୍ଯ୍ୟକ୍ରମରେ କ’ଣ କହିଥିଲେ ସେ ଦେଖିନାହାନ୍ତି।



ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ବିଜୁ ମହିଳା ଜନତା ଦଳର ଜିଲା ପର୍ଯ୍ୟବେକ୍ଷକ କର୍ମଶାଳାକୁ ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବାମ)। କର୍ମଶାଳାରେ ଉପସ୍ଥିତ ଦଳର ନେତ୍ରୀମାନେ।

# ବନ୍ଧୁକ ରଖି ଯୁବକ ଗିରଫ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

**ପୋଲିସକୁ ଜଣାଇଦେଲେ ସ୍ତ୍ରୀ**



ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ନିୟମିତ ଝଗଡ଼ା ହେଉଥିଲା। ଝଗଡ଼ା ସମୟରେ ସ୍ୱାମୀ ବନ୍ଧୁକ ଦେଖାଇ ସ୍ତ୍ରୀଙ୍କୁ ଧମକଚମକ ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ସ୍ତ୍ରୀ ଶେଷରେ ଏନେଇ ପୋଲିସକୁ ଜଣାଇଦେଲେ। ଫଳରେ ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ସ୍ୱାମୀ ବାସୁଦେବ ସାହୁ(୩୪)ଙ୍କୁ ମଙ୍ଗଳବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅଧୀନ ବେହେରା ସାହିରେ ବାସୁଦେବ ଓ ତାଙ୍କ ସ୍ତ୍ରୀ ଶୁଭଶ୍ରୀ ରହନ୍ତି। ବାସୁଦେବ ଅଧିକାଂଶ ସମୟରେ ଅଧିକ ଯୌତୁକ ଦାବି ସହ ଅନ୍ୟ ବିଷୟରେ ଶୁଭଶ୍ରୀଙ୍କୁ ମାରପିଟ୍ କରନ୍ତି। ଏଥିଯୋଗୁ ପରିବାରରେ ସବୁବେଳେ ଅଶାନ୍ତି ଲାଗିରହେ। ସୋମବାର ଏହି ଦମ୍ପତିଙ୍କ ମଧ୍ୟରେ କଳହ ହୋଇଥିଲା। ବାସୁଦେବ ପାଖରେ ରଖିଥିବା ବନ୍ଧୁକ ଆଣି ଶୁଭଶ୍ରୀଙ୍କୁ ଦେଖାଇ ଧମକାଇଥିଲେ। ସେତେବେଳ ଶୁଭଶ୍ରୀ ଭୟରେ ଚୁପ୍ ରହିଥିଲେ। ତେବେ ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୫ ଆର୍ମସ ଆକ୍ଟ ସହ ଦଫା ୪୯୮-ଏ, ୩୨୩, ୫୦୬, ୩୪ ଆଇପିସି, ୪ ଡିପି ଆକ୍ଟରେ ମାମଲା ନଂ-୩୭୪/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାସୁଦେବ ବିନା ଲାଇସେନ୍ସରେ ବନ୍ଧୁକ ରଖିଥିବା ତଦନ୍ତରୁ ଜଣାପଡ଼ିଥିଲା। ଫଳରେ ତାଙ୍କୁ ଗିରଫ କରାଯାଇଥିଲା। ପୋଲିସ କହିଛି ଯେ, ୨୦୧୭ରେ ବାସୁଦେବ ବଲାଙ୍ଗିରରେ ଏକ ସୋଲାର ପ୍ରୋଜେକ୍ଟରେ କାମ କରୁଥିବାବେଳେ ବିଲରୁ ଉକ୍ତ ବନ୍ଧୁକଟିକୁ ପାଇଥିଲେ। ସେହିଦିନଠୁ ପୋଲିସକୁ ଏ ବିଷୟରେ ନ ଜଣାଇ ବନ୍ଧୁକଟିକୁ ନିଜ ପାଖରେ ଲୁଚାଇ ରଖିଥିଲେ।

# ‘ମୂର୍ତ୍ତିର ଉଚ୍ଚତା ସହ କରୋନା କମିବା ସମ୍ପର୍କ ବୁଝି ହେଉନି’

କଟକ ଅଫିସ,୧୦।୮

- ପାର୍ବଣ ଗାଇଡ୍‌ଲାଇନକୁ ନେଇ ଅସନ୍ତୋଷ
- ତରବରିଆ ନିଷ୍ପତ୍ତି ନିଆଯାଇଛି

ପାର୍ବଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଗାଇଡ୍‌ଲାଇନ ଜାରି କରାଯାଇଥିଲା। ଏହାକୁ ନେଇ ପୂଜା କମିଟିଗୁଡିକ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ବିଜେଡି ନେତା ପ୍ରଭାତ ତ୍ରିପାଠୀ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ତରବରିଆ ଭାବରେ ନିଷ୍ପତ୍ତି ନିଆଯାଇଛି। ଲୋକଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଜଣାଇ ସରକାର ନିଷ୍ପତ୍ତିରେ କେତେକ ପରିବର୍ତ୍ତନ କରିବା ଆବଶ୍ୟକ। ମୂର୍ତ୍ତିର ଉଚ୍ଚତା ୪ ଫୁଟ୍ ଭିତରେ ରହିଲେ କରୋନା କିପରି କମିବ ବୁଝାପଡୁନାହିଁ। ଗତବର୍ଷର ନିଷ୍ପତ୍ତିକୁ ଏଥର ଆଖିବୁଜି ସରକାର ଲାଗୁ କରିଛନ୍ତି। କିଛି ମୁଣ୍ଡ ଖଟାଇବାର ଆବଶ୍ୟକତା ଥିଲା। ମୂର୍ତ୍ତି ଆଗରେ ପରଦା ଢାଙ୍କି ପୂଜା କରିବାର ମାନେ କିଛି ନାହିଁ। ନିୟମ ଟିକେ କୋହଳ ହେଲେ କରୋନା ବ୍ୟାପିବ ନାହିଁ। ସରକାରଙ୍କ ଅନ୍ୟ କୋଭିଡ୍ ଗାଇଡ୍‌ଲାଇନ ଯେପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ, ଶୋଭାଯାତ୍ରାରେ ମା’ଙ୍କୁ ନେଇ ବିସର୍ଜନ ନ କରିବା ଆଦି ଉପରେ ସବୁ କମିଟି ଶତ ପ୍ରତିଶତ ରାଜି ବୋଲି ପ୍ରଭାତ କହିଛନ୍ତି।

# ବରପୁତ୍ରଙ୍କ ତ୍ୟାଗ ଯୋଗୁ ଆମେ ସ୍ୱାଧୀନତା ସ୍ୱାଦ ପାଉଛୁ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶାର ବରପୁତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରତିଷ୍ଠିତ କୃଷିବିଜ୍ଞାନୀ ସାରଙ୍ଗଧର ଦାସ, ପ୍ରବୀଣ ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ବୀର ବୈଷ୍ଣବ ପଟ୍ଟନାୟକ, ରମାଦେବୀ, ମାଳତୀ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବଙ୍କ ସମେତ ବହୁ ନେତା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଅନେକଙ୍କୁ ବଳିଦାନ ଦେବାକୁ ପଡ଼ିଥିଲା। ସେମାନଙ୍କ ତ୍ୟାଗ ଯୋଗୁ ଆମେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିପାରୁଛୁ ବୋଲି ମଙ୍ଗଳବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ଓ ଭାରତ ସ୍ୱାଧୀନତାର ୭୫ତମ ମହୋତ୍ସବ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଅନୁଶାସନ ସଚିବ ତଥା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ମୁଖ୍ୟବକ୍ତା ଭାବେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଦେଶର ମୁକ୍ତି ସଂଗ୍ରାମ ଉପରେ ପ୍ରଦର୍ଶିତ ପୁସ୍ତକଗୁଡ଼ିକୁ ପରିଦର୍ଶନ କରିଥିଲେ। ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କିରାଣି, ୧.୬୬ କୋଟିର ସମ୍ପତ୍ତି ଠାବ

ପୁରୀ ଅଫିସ,୧୦।୮

ପୁରୀ ଜିଲା ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟର କିରାଣି କୃଷ୍ଣଚନ୍ଦ୍ର ଜେନାଙ୍କ ଘରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ତାଙ୍କ ବିରୋଧରେ ଛତୁଆ ଦୁର୍ନୀତି ଅଭିଯୋଗ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୁରୀ ସମେତ ୪ ସ୍ଥାନରେ ଚଢ଼ାଉ ଚାଲିଛି। ତାଙ୍କଠାରୁ ମୋଟ ୧ କୋଟି ୬୬ ଲକ୍ଷର ସମ୍ପତ୍ତି ମିଳିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ, ଭୁବନେଶ୍ୱରରେ ଗୋଟିଏ ଲେଖାଏ ତିନି ମହଲା କୋଠା, ପୁରୀ ଜିଲାରେ ୫ଟି ପ୍ଲଟ୍ ଓ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍। ୨ଟି କାର, ୧୦ଟି ଦୁଇ ଚକିଆଯାନ, ଫିକ୍ସଡ୍ ଡିପୋଜିଟ୍‌କୁ ମିଶାଇ ୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୭.୫୨ ଲକ୍ଷର ବୀମା ରାଶି ଜବତ ହୋଇଛି। ଚଢ଼ାଉରେ ଭୁବନେଶ୍ୱର ଡିଭିଜନର ୬ଜଣିଆ ଟିମ୍ ସହ ୨ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଥିଲେ।

# ଆଲୋକୀକରଣ ହେଲା କାନପୁର ରାସ୍ତା



କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ୫ ପଞ୍ଚାୟତ ଲାଗି ମଙ୍ଗଳବାର ଏକ ଐତିହାସିକ ଦିନ ବୋଲି ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରିମୁଣ୍ଡ ପଞ୍ଚାୟତରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସହଯୋଗରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏନ୍.ଏଚ-୫୦।ରୁ କାନପୁର ରାସ୍ତାକୁ ଆଲୋକୀକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରାଯାଇଛି। ଫଳରେ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି।

# ଥାନାରେ ଆତ୍ମାହୁତି ଉଦ୍ୟମ, ଦମ୍ପତି ଗିରଫ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଶହୀଦନଗର ଥାନାରେ ମଙ୍ଗଳବାର ଏକ ଦମ୍ପତି ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୋଲିସ ଉଭୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭିଏସ୍‌ଏସ୍ ନଗରର ରାଜୁ ଦାଶ ଓ ତାଙ୍କ ସ୍ତ୍ରୀ କିରନ୍ ଦାସ। ଅଭିଯୁକ୍ତଦ୍ୱୟ ଜାନୁଆରୀ ୧୪ରେ ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ମାମଲା (ନଂ-୨୬/୨୧)ରେ ଗିରଫ ହୋଇଥିଲେ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ରାଜୁ ଜେଲ୍‌ରୁ ଫେରିବା ପରେ ପଡ଼ୋଶୀଙ୍କ ସହ ପୁଣି ଗଣ୍ଡଗୋଳ କରିଥିଲେ। ପଡ଼ୋଶୀଙ୍କ ଅଭିଯୋଗ କ୍ରମେ କେସ୍ ନଂ-୩୧୦/୨୧ ରୁଜୁ ହୋଇଥିଲା। ସୋମବାର ପୁଣି ଝଗଡ଼ା ହେବାରୁ ଏହି ଦମ୍ପତି ଭିଏସ୍‌ଏସ୍‌ନଗର ଫାଣ୍ଡିକୁ ଯାଇଥିଲେ। ହେଲେ ପୋଲିସ ଅଧିକାରୀଙ୍କୁ ପାଇ ନ ଥିଲେ। ତେଣୁ ମଙ୍ଗଳବାର ଦୁହେଁ ଆସି କିରୋସିନ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଥାନାର କର୍ମଚାରୀମାନେ ଉଭୟଙ୍କୁ ଏଥିରୁ ନିବୃତ୍ତ କରିଥିଲେ। ଏନେଇ ମାମଲା ନଂ. ୩୧୨/୨୧ ରୁଜୁ ହୋଇଛି।

# ତ୍ରୈମାସିକ ପତ୍ରିକା ‘ପ୍ରାଚୁର୍ଯ୍ୟ’ ଉନ୍ମୋଚିତ



ଅତିଥିମାନେ ପ୍ରାଚୁର୍ଯ୍ୟ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

‘ଓଡ଼ିଶା କଲ୍‌ଚରାଲ୍ ସର୍କଲ୍’ ଅନୁଷ୍ଠାନ ପକ୍ଷରୁ ‘ପ୍ରାଚୁର୍ଯ୍ୟ’ ନାମକ ତ୍ରୈମାସିକ ପତ୍ରିକା ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହାକୁ ଉନ୍ମୋଚନ କରିଛନ୍ତି। ହାରୋ ଅଧ୍ୟକ୍ଷ ତଥା ‘ଓଡ଼ିଶା କଲଚରାଲ୍ ସର୍କଲ୍’ର ସଭାପତି ଜେ.କେ. ମହାନ୍ତିଙ୍କ ସମ୍ପାଦନାରେ ଏହି ପତ୍ରିକାଟି ପ୍ରକାଶ ପାଇଛି। ଚଳିତ ମାସରେ ‘ପ୍ରାଚୁର୍ଯ୍ୟ’ର ଏକ ଦ୍ୱିଭାଷୀ ପୋର୍ଟାଲ୍ ଲୋକାର୍ପଣ ହେବ। ପତ୍ରିକାର ସମ୍ପାଦନା ମଣ୍ଡଳୀରେ ଶିକ୍ଷାବିତ୍ ଡ. ଜେନାମଣି ସଞ୍ଜୀବ କୁମାର, କଥାକାର ଡ. ଅରବିନ୍ଦ ରାୟ ଓ ବରିଷ୍ଠ ଖବରଦାତା ଚୌଧୁରୀ ଅମିତାଭ ଦାସ ସଦସ୍ୟ ରହିଥିବା ପ୍ରକାଶକ ବିମଳ ଦାସ ସୂଚନା ଦେଇଛନ୍ତି। ପତ୍ରିକାକୁ ଉନ୍ମୋଚନ କରି ଅସିତ୍ କହିଛନ୍ତି, ରାଜ୍ୟରେ ପର୍ଯ୍ୟଟନ ପାଇଁ ବ୍ୟାପକ ସମ୍ଭାବନା ରହିଛି। ତାହାର ସଦୁପଯୋଗ କରିବା ପାଇଁ ଏବେ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ବେଳାଭୂମି, ପ୍ରାକୃତିକ ସ୍ଥାନ ଓ ଜଳାଶୟଗୁଡ଼ିକରେ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ଅଧିକ ସୁବିଧା ସୁଯୋଗ ସୃଷ୍ଟି ନିମନ୍ତେ ପଦକ୍ଷେପ ନିଆଯାଉଛି। ଏହା ସହ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ହୋଟେଲ୍ ପ୍ରତିଷ୍ଠା ପାଇଁ ଘରୋଇ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରାଯାଉଛି। ଭିତ୍ତିଭୂମି ନିର୍ମାଣ ସହ ପର୍ଯ୍ୟଟନସ୍ଥଳୀର ବ୍ୟାପକ ପ୍ରଚାର, ପ୍ରସାରର ଆବଶ୍ୟକତା ରହିଛି। ଏ ଦିଗରେ ‘ପ୍ରାଚୁର୍ଯ୍ୟ’ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନର ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ଦିଗରେ ‘ପ୍ରାଚୁର୍ଯ୍ୟ’ କାର୍ଯ୍ୟ କରିବ ବୋଲି ସମ୍ପାଦକ ଜେ.କେ. ମହାନ୍ତି କହିଛନ୍ତି।

# ଧାର ଶୁଝିବାକୁ ଧଳାଜହର ବେପାର

ଭୁବନେଶ୍ୱର,୧୦।୮(ବ୍ୟୁରୋ)

- ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ମହିଳା ଗିରଫ
- ଗ୍ରାହକ ସାଜି ଧରିଲେ ଅବକାରୀ କର୍ମଚାରୀ

ରାଜଧାନୀ ଭୁବନେଶ୍ୱରରେ ବେଧଡ଼କ ଭାବେ ବ୍ରାଉନସୁଗାର କାରବାର ଚାଲିଛି। ସହରର ବସ୍ତି ଅଞ୍ଚଳ ଏହାର ପେଣ୍ଠସ୍ଥଳୀ ପାଲଟିଛି। ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ବ୍ୟବସାୟୀଙ୍କୁ ଧରାଯାଉଥିଲେ ବି ଏହା ଉପରେ ସମ୍ପୂର୍ଣ୍ଣ ରୋକ ଲାଗିପାରୁନାହିଁ। ଦୀର୍ଘଦିନ ହେବ ସାଲିଆ ସାହିରେ ବ୍ରାଉନସୁଗାର କାରବାର ଚଳାଇଥିବା ଜଣେ ମହିଳାଙ୍କୁ ମଙ୍ଗଳବାର ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନର୍ମଦା ସାହୁ। ତାଙ୍କଠାରୁ ୯୫ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଧାର ଆଣିଥିବା ଟଙ୍କା ଶୁଝିବାକୁ ନର୍ମଦା ବ୍ରାଉନସୁଗାର ବେପାରକୁ ଆପଣାଇଥିଲେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ନର୍ମଦାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା। ଅତି ଆବଶ୍ୟକ ହେବାରୁ ସେ କେତେଜଣ ବ୍ୟକ୍ତିଙ୍କଠାରୁ ଧାରକରଜ ସୂତ୍ରରେ ପାଖାପାଖି ୧୦ ଲକ୍ଷ ଟଙ୍କା ଆଣିଥିଲେ। ଦୀର୍ଘଦିନ ଧରି



ନର୍ମଦା ସାହୁ

ଏହି ଟଙ୍କା ସେ ଶୁଝି ପାରୁ ନ ଥିଲେ। ଧାର ଦେଇଥିବା ଲୋକେ ତାଙ୍କୁ ବାରମ୍ବାର ଟଙ୍କା ମାଗୁଥିଲେ। କିପରି ଧାର ଟଙ୍କା ଶୁଝିବେ ସେନେଇ ନର୍ମଦା ଚିନ୍ତାରେ ରହୁଥିଲେ। ବ୍ରାଉନସୁଗାର କାରବାର କଲେ ସହଜରେ ଅର୍ଥ ରୋଜଗାର କରିପାରିବେ ଶୁଣିବାକୁ ପାଇ ଏଥିଲାଗି ମନ ବଳାଇଥିଲେ। ଗତ ୬ମାସ ହେଲା ସେ ଖୋର୍ଦ୍ଧା ଓ ନୟାଗଡ଼ରୁ ବ୍ରାଉନସୁଗାର୍ ଆଣି ସାଲିଆସାହିସ୍ଥିତ ନିଜ ଘରେ ଛୋଟ ଛୋଟ ପୁଡ଼ିଆ କରି ଗ୍ରାହକମାନଙ୍କୁ ବିକ୍ରି କରୁଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ମଙ୍ଗଳବାର ଜଣେ ଅବକାରୀ କର୍ମଚାରୀ ଲୁଙ୍ଗି ପିନ୍ଧି ଗ୍ରାହକ ବେଶରେ ପହଞ୍ଚି ମୁଲଚାଲ କରିବାବେଳେ ଅନ୍ୟ କର୍ମଚାରୀ ନର୍ମଦାଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରିବା ସହ ଉକ୍ତ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ସେ ସଂକ୍ରାନ୍ତରେ ତଦନ୍ତ ଜାରି ରଖିଛି।

## ବ୍ରାଉନସୁଗାର ବିକ୍ରି ବେଳେ ଯୁବକ ଗିରଫ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

**୫୦ ଗ୍ରାମ ବ୍ରାଉନସୁଗାର, ଟଙ୍କା, ମୋବାଇଲ ଓ ବାଇକ୍ ଜବତ**

ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଜଣେ ଯୁବକଙ୍କୁ ମଙ୍ଗଳବାର ନୟାପଲ୍ଲୀ ଥାନା ପୋଲିସ ଓ କୁଇକ୍ ଆକ୍ସନ୍ ଟିମ୍ ମିଳିତ ଭାବେ ଚଢ଼ାଉ କରି ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାପଲ୍ଲୀ ଥାନା ଅଧୀନ ଏକାମ୍ର ବିହାରରେ ରହୁଥିବା ରାଜେନ୍ଦ୍ର ନାୟକ (୩୧)। ତାଙ୍କଠାରୁ ୫୦ଗ୍ରାମ ବ୍ରାଉନସୁଗାର, ୨୭୦୦ ଟଙ୍କା, ଏକ ମୋବାଇଲ ଫୋନ୍ ଓ ଗୋଟିଏ ବାଇକ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ରାଜେନ୍ଦ୍ରଙ୍କ ନିଜ ଘର ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳରେ ହୋଇଥିବାବେଳେ ଭୁବନେଶ୍ୱର ନୟାପଲ୍ଲୀରେ ସେ ରହୁଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସାଲିଆ ସାହିରେ ରାଜେନ୍ଦ୍ର ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ ତାଙ୍କୁ ଧରିଥିଲା। ଏ ନେଇ କେସ୍ ନଂ-୩୭୫/୨୧ ରୁଜୁ ହୋଇଛି।

## ସଂକ୍ଷେପରେ

### ଆଜିଠୁ ମାଟ୍ରିକ ଖାତା ମୂଲ୍ୟାୟନ

**ଅଗଷ୍ଟ ଶେଷ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ**

କଟକ ଅଫିସ,୧୦।୮: ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଅଫ୍‌ଲାଇନ ପରୀକ୍ଷା ଖାତା ମୂଲ୍ୟାୟନ ବୁଧବାରଠାରୁ ଆରମ୍ଭ ହେବ। କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ ଓ ପୁରୀ ଜିଲାର ୯ଟି କେନ୍ଦ୍ରରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ୩ ଦିନ ଧରି ମୂଲ୍ୟାୟନ ପ୍ରକ୍ରିୟା ଚାଲିବ। ଏଥିପାଇଁ ୧୫୦୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟ ପରୀକ୍ଷକ, ଡେପୁଟି ଚିଫ୍ ପରୀକ୍ଷକ, ଆସିଷ୍ଟାଣ୍ଟ ପରୀକ୍ଷକମାନେ ମଙ୍ଗଳବାରଠାରୁ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚିସାରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ କେନ୍ଦ୍ର ପର୍ଯ୍ୟବେକ୍ଷକଙ୍କର ଥର୍ମାଲ ସ୍କାନିଂ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ। ଚଳିତ ମାସ ଶେଷ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସୂଚନାଥାଉକି, ଚଳିତବର୍ଷ ବିନା ପରୀକ୍ଷାରେ ଗତ ୨୫ ତାରିଖରେ ମାଟ୍ରିକ୍ ଫଳ ପ୍ରକାଶ ପାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମାର୍କକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରି ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କେନ୍ଦ୍ରରେ ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା।

### ପୂର୍ବଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ, ଯୁବକ ମୃତ

କବିସୂର୍ଯ୍ୟନଗର,୧୦।୮: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଦେଓଗାଁ ରାଧାକୃଷ୍ଣ ହାଇସ୍କୁଲ ମୁଖ୍ୟ ସଡ଼କରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦେଓଗାଁର ଜିତେନ୍ଦ୍ର ସ୍ୱାଇଁ (୪୫)। ମୃତକଙ୍କ ଭାଇ ସଂଗ୍ରାମଙ୍କ ଏତଲା ପ୍ରକାରେ ନଂ.୩୩୮/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲସରା ଓ କବିସୂର୍ଯ୍ୟନଗର ପୋଲିସ ତଦନ୍ତ ଚଳାଇଛି। ଦେଓଗାଁରେ ଦୀର୍ଘ ବର୍ଷ ହେଲା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ମଙ୍ଗଳବାର ସକାଳ ୯ଟାରେ ଜିତେନ୍ଦ୍ର ଏକ ବାଇକ୍‌ରେ ଜଣକୁ ପଛରେ ବସାଇ ବୁଢ଼ାଆମ୍ବ ଗାଁରୁ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ଦେଓଗାଁ ରାଧାକୃଷ୍ଣ ହାଇସ୍କୁଲ ଠାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସଂଘବଦ୍ଧ ଭାବେ ଖଣ୍ଡା ଓ ଚାକୁରେ ଆକ୍ରମଣ କରିଥିଲେ। ପଛରେ ବସିଥିବା ଯୁବକ ସାମାନ୍ୟ ଆହତ ହୋଇ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଗୁରୁତର ଅବସ୍ଥାରେ ଜିତେନ୍ଦ୍ରଙ୍କୁ ପ୍ରଥମେ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୋଲିସ କାହାକୁ ଗିରଫ କରି ନଥିବା ବେଳେ ଆକ୍ରମଣରେ ବ୍ୟବହୃତ ହୋଇଥିବା ବିଭିନ୍ନ ମାରଣାସ୍ତ୍ର ଜବତ ହୋଇନଥିବା କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି।

# ତାମିଲନାଡୁରୁ ଅଭିଯୁକ୍ତ ଗିରଫ

**ଋଣ ନେଇ ୫କୋଟିରୁ ଊର୍ଦ୍ଧ୍ୱ ଠକେଇ**

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ବ୍ୟାଙ୍କରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତ୍ରିଚିନାପଲ୍ଲି ଜିଲା ଥୁଭାକୁଡି ଥାନା ଗୁନାଓଲି ଗ୍ରାମର ଏସ୍. କାଥିରସାନ। ଇଓଡବ୍ଲ୍ୟୁର ଏକ ଟିମ୍ ତାଙ୍କୁ ରବିବାର ଗିରଫ କରିବା ପରେ ସୋମବାର ତ୍ରିଚିନାପଲ୍ଲୀ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରିଥିଲା। ସେଠାରୁ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ଆଣି ଓଡ଼ିଶା ଆଣିବା ପରେବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

■ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ

■ ଆଜି ଭୁବନେଶ୍ୱର ଏସ୍‌ଡିଜେଏମ୍ ନିକଟରେ ହାଜର କରାଯିବ

ସୂଚନା ଅନୁଯାୟୀ ଏସ୍‌ଏଚ୍‌ଜି ଗ୍ରୁପକୁ ଋଣ ଦେବା ଉଦ୍ଦେଶ୍ୟରେ ୨୦୦୯ରେ ଅଭିଯୁକ୍ତ ଏସ୍.କାଥିରସେନ୍, ଏମ୍/ଏସ୍ ଜଗନ୍ନାଥ ଫାଇନାନ୍ସିଆଲ୍ ସର୍ଭିସ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଏବଂ ଏମ୍/ଏସ୍ କାସ୍ ଫାଉଣ୍ଡେଶନର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସରଙ୍କ ସାହାଯ୍ୟରେ ବର୍ତ୍ତମାନର ୟୁନିଅନ୍ ବ୍ୟାଙ୍କ ତଥା ତତ୍‌କାଳୀନ କର୍ପୋରେଶନ୍ ବ୍ୟାଙ୍କରୁ ୫କୋଟିଋଣ କରିଥିଲେ। ପରେ ଏମ୍/ଏସ୍ ଜଗନ୍ନାଥ ଫାଇନାନ୍ସିଆଲ୍ ସର୍ଭିସ୍ ନାମରେ ମଞ୍ଜୁର ହୋଇଥିବା ଉକ୍ତ ୫ କୋଟି ଟଙ୍କାକୁ ସେ ଶୁଝି ପାରି ନ ଥିଲେ। ଫଳରେ ୨୦୧୧ରେ ଉକ୍ତ ଆକାଉଣ୍ଟ ଏନ୍‌ପିଏକୁ ବଦଳିଯାଇ ଋଣ ଟଙ୍କା ୫ କୋଟି ୬୩ ଲକ୍ଷକୁ ବଢ଼ିଯାଇଥିଲା। ତେବେ ଅଭିଯୁକ୍ତ ନକଲି କାଗଜପତ୍ର ଦେଇ ଉକ୍ତ ଋଣ ହାତେଇବା ସହ ଠକେଇ କରିଥିବା ବ୍ୟାଙ୍କ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଫେରାର ଥିବାରୁ ବ୍ୟାଙ୍କ ମ୍ୟାନେଜର୍ କେ.ଏନ୍. ନରସିମା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା (ନଂ–୫/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଏସିଏସ୍‌ଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ସରକାରୀ ହସ୍ପିଟାଲରେ ଖାଲି ପଦବୀ ପୂରଣ ମାମଲା**

କଟକ ଅଫିସ,୧୦।୮

ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଥିବା ବହୁସଂଖ୍ୟକ ଖାଲି ପଦବୀ ପୂରଣ ସମ୍ପର୍କିତ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଓଡ଼ିଶା ମେଡିକାଲହେଲ୍‌ଥସର୍ଭିସ(ଓଏମ୍‌ଏଚ୍‌ଏସ୍) କ୍ୟାଡର, ଓଡ଼ିଶା ମେଡିକାଲ ଏଜୁକେଶନ ସର୍ଭିସ(ଓଏମ୍‌ଇଏସ୍) କ୍ୟାଡରରେ ଖାଲିଥିବା ପଦବୀ କେତେଦିନ ମଧ୍ୟରେ ପୂରଣ କରାଯିବ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଆସନ୍ତା ସେପ୍ଟେମ୍ବର ୨୭ ସୁଦ୍ଧା ସତ୍ୟପାଠ ଆକାରରେ ଦାଖଲ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୫କୁ ଧାର୍ଯ୍ୟ କରାଯାଇଛି।

ଆବେଦନକାରୀ ଚିତ୍ତରଞ୍ଜନ ମହାନ୍ତି ପିଟିଶନରେ ଦର୍ଶାଇଥିଲେ, ବିଭିନ୍ନ ସରକାରୀ ହସ୍ପିଟାଲରେ ବହୁ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ସରକାରୀ କାର୍ଯ୍ୟ ଓ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ଏହି ଘଟଣାରେ ଗତ ଜୁନ୍ ୨୪ରେ ହାଇକୋର୍ଟଙ୍କ ନିକଟରେ ସ୍ୱତନ୍ତ୍ର ସଚିବ(ସ୍ୱାସ୍ଥ୍ୟସେବା) ଡ. ଦୀନବନ୍ଧୁ ପଣ୍ଡା ସତ୍ୟପାଠ ଦାଖଲ କରିଥିଲେ। ପରେ ଜୁଲାଇ ୨ରେ ଓଡ଼ିଶା ଲୋକସେବା ଆୟୋଗର ଯୁଗ୍ମ ସଚିବ ଯୁଧିଷ୍ଠିର ନାଏକ ଅନ୍ୟ ଏକ ସତ୍ୟପାଠ ଦାଖଲ କରିଥିଲେ।

# ‘ରାଜନୈତିକ ଥଇଥାନ କେନ୍ଦ୍ର ନ ହେଉ ଡବ୍ଲ୍ୟୁଓଡିସି’




ପୂର୍ଣ୍ଣାଙ୍ଗ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ଦାବିରେ ମଙ୍ଗଳବାର ରାଜଭବନ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା।

**ରାଜଭବନ ଆଗରେ ଭାଜପାର ଧାରଣା**

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)କୁ ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ କରା ନ ଯାଉ। ଅଧିନିୟମ–୨୦୦୦ ଧାରା ୩ (୪) ଅନୁଯାୟୀ ଡବ୍ଲ୍ୟୁଓଡିସିର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ପରିବର୍ତ୍ତେ ପରିଷଦ ଅନ୍ତର୍ଗତ ଯେ କୌଣସି ଜିଲା ସଦର ମହକୁମାରେ ସ୍ଥାପନ କରିବାକୁ ଦାବି କରିଛି ଭାଜପା। ଡବ୍ଲ୍ୟୁଓଡିସିଅଧିନିୟମ–୨୦୦୦ରଧାରା୪ ଅନୁଯାୟୀ ଏମ୍‌ପି/ବିଧାୟକଙ୍କୁ ମନୋନୀତ କରାଯାଇ ବିଶେଷଜ୍ଞ ସଦସ୍ୟଙ୍କ ନିଯୁକ୍ତି ସହ ପରିଷଦର ପୂର୍ଣ୍ଣାଙ୍ଗ କାଉନ୍‌ସିଲ ଗଠନ କରିବା ଦାବିରେ ମଙ୍ଗଳବାର ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଅବସରରେ ଦଳୀୟ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ଡବ୍ଲ୍ୟୁଓଡିସି କାର୍ଯ୍ୟାଳୟ କେବଳ ସାଇନ୍ ବୋର୍ଡରେ ସୀମିତ ନ ରହୁ। ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ, କର୍ମଚାରୀ ନିଯୁକ୍ତ ସହ ଭିତ୍ତିଭୂମି ଯୋଗାଇ ଦିଆଯାଉ। ନିର୍ବାଚିତ ଜନପ୍ରତିନିଧି ଓ ବିଶେଷଜ୍ଞ ସଦସ୍ୟଙ୍କ ଅନୁପସ୍ଥିତିରେ ବିକାଶ ପାଇଁ ନିଅଣ୍ଟିଆ ବଜେଟ କରାଯାଉଥିବାରୁ ପଶ୍ଚିମ ଓଡ଼ିଶାରେ ବିକାଶ କାର୍ଯ୍ୟ ଆଖିଦୃଶିଆ ହୋଇପାରୁ ନ ଥିବା ୨୦୧୫–୧୮ ମସିହା ସିଏଜି ରିପୋର୍ଟରେ କୁହାଯାଇଥିଲା। ସମସ୍ୟା ଦୂରୀକରଣ ଲାଗି ଦୀର୍ଘମିଆଦି ଯୋଜନା ସହ ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ବିଦ୍ୟୁତୀକରଣ ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା, ଡବ୍ଲ୍ୟୁଓଡିସିର ସମସ୍ତ ଏମ୍‌ପି/ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଭୋଟିଂ ଅଧିକାର ପ୍ରଦାନ, ଏକ ପୂର୍ଣ୍ଣାଙ୍ଗ ସ୍ୱୟଂଶାସିତ ସ୍ଥାୟୀ ପରିଷଦ ଗଠନ ଭଳି ୯ ଦାବି ନେଇ ଭାଜପା ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ସମସ୍ୟାର ସମାଧାନ ଲାଗି ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି।

### ୨୫ରୁ ସିବିଏସ୍‌ଇ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୧୦।୮(ବ୍ୟୁରୋ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଓ କମ୍ପାର୍ଟମେଣ୍ଟାଲ ପରୀକ୍ଷା ଆସନ୍ତା ୨୫ତାରିଖରୁ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ସିବିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ଦଶମ ଶ୍ରେଣୀ ପରୀକ୍ଷା ୨୫ରୁ ସେପ୍ଟେମ୍ବର ୮ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୫ରୁ ସେପ୍ଟେମ୍ବର ୧୬ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ସମସ୍ତ ସୂଚନା ସିବିଏସ୍‌ଇର ୱେବ୍‌ସାଇଟ୍ cbse.gov.inରେ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀଙ୍କୁ ପୂର୍ବାହ୍ନ ୧୦ଟାରେ ଉତ୍ତର ଖାତା ଓ ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ୧୫ମିନିଟ୍‌ସମୟ ମିଳିବ। ଏହାପରେ ପରୀକ୍ଷା ସାଢ଼େ ୧୦ଟାରୁ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ରମାନେ ନିଜ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଥିଲେ ସେମାନେ ଏହି ପରୀକ୍ଷା ଦେଇପାରିବେ। କମ୍ପାର୍ଟମେଣ୍ଟାଲ ପରୀକ୍ଷାର୍ଥୀ ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ କରାଯାଇଥିଲା। ବିକଳ୍ପ ମୂଲ୍ୟାୟନରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଘୋଷଣା କରାଯାଇଥିଲା। ତେବେ ଯେଉଁମାନେ ଏଥିରେ ସନ୍ତୁଷ୍ଟ ନ ଥିବେ ସେମାନଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା ଦେବାର ସୁଯୋଗ ଦିଆଯିବ ବୋଲି ପୂର୍ବରୁ ବୋର୍ଡ ପକ୍ଷରୁ କୁହାଯାଇଥିଲା।

# ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ରିଙ୍କେଶ ରୟଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୧୦।୮



ରିଙ୍କେଶ ରୟ

ବରିଷ୍ଠ ରେଳ ପ୍ରଶାସକ ରିଙ୍କେଶ ରୟ ମଙ୍ଗଳବାର ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୧୯୯୨ରେ ଭାରତୀୟ ରେଳ ଟ୍ରାଫିକ ସେବା (ଆଇଆରଟିଏସ) ରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରବନ୍ଧକ ଭାବରେ କାର୍ଯ୍ୟ କରିବା ପୂର୍ବରୁ ସେ ଭୁବନେଶ୍ୱରର ପୂର୍ବତଟ ରେଳ ବିଭାଗ ମୁଖ୍ୟ ପରିଚାଳନା ପରିଚାଳକ (ମାର୍କେଟିଂ) ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ପ୍ରବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ସେ ଭାରତ ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ୨୦୦୬ରୁ ୨୦୧୨ ପର୍ଯ୍ୟନ୍ତ ରେଳ ମନ୍ତ୍ରଣାଳୟର ନିର୍ଦ୍ଦେଶକ, ଯୋଜନା, ରେଳ ବୋର୍ଡ ଏବଂ ନିର୍ଦ୍ଦେଶକ ଟ୍ରାଫିକ୍ ପରିବହନ, ୨୦୧୫ ରୁ ୨୦୨୦ ପର୍ଯ୍ୟନ୍ତ ପାରାଦୀପ ପୋର୍ଟର ଚେୟାରମ୍ୟାନ୍ ତଥା ଚେୟାରମ୍ୟାନ୍ ଟ୍ୟୁଟିକୋରିନ୍, କାମରାଜ ଏବଂ ବିଶାଖାପାଟନମ୍ ବନ୍ଦର ସେହିଭଳି ଚେୟାରମ୍ୟାନ୍ ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏବଂ ହରିଦାସପୁର ପାରାଦୀପ ରେଲୱେ କର୍ପୋରେସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ରୟ, ଏନୟୁସି, ସିଙ୍ଗାପୁର ଏବଂ କେନେଡି ସ୍କୁଲ୍ ଅଫ୍ ସରକାରୀ, ହାର୍ଭାର୍ଡ ୟୁନିଭରସିଟିରୁ ଲି କୁଆନ୍ ୟେ ଫେଲୋସିପରେ ପବ୍ଲିକ୍ ମ୍ୟାନେଜମେଣ୍ଟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସେ ଭୁବନେଶ୍ୱରର ଷ୍ଟୁଆର୍ଟ ସ୍କୁଲରୁ ଶିକ୍ଷାଲାଭ ସହ ରେଭେନ୍ସା କଲେଜରୁ ଅର୍ଥନୀତିରେ ସ୍ନାତକ ହାସଲ କରିଥିଲେ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଶେଷ କରି ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ପାଇଁ ସଂକଳ୍ପ ନେଇଥିଲେ।

# କୁଷ୍ଠରୋଗୀଙ୍କ ପାଇଁ ସୁବିଧା କର: ହାଇକୋର୍ଟ

**କୁଷ୍ଠାଶ୍ରମ ସଂକ୍ରାନ୍ତ ମାମଲା**

**ବାଲେଶ୍ୱର ଜିଲାପାଳ, ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ**

କଟକ ଅଫିସ,୧୦।୮

ଗୁରୁତର କୁଷ୍ଠରୋଗୀ ମାଳତୀ ମାଝି ଓ ସୋମରାଏ ମାରାଣ୍ଡିଙ୍କୁ ତୁରନ୍ତ ନିକଟସ୍ଥ କୁଷ୍ଠରୋଗ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଉପଯୁକ୍ତ ଚିକିତ୍ସା କର। ସେହିପରି ଅନ୍ୟ ରୋଗାକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କର। ଯେଉଁଠି ହସ୍ପିଟାଲ ନାହିଁ, ନିକଟସ୍ଥ କୁଷ୍ଠରୋଗ ଚିକିତ୍ସାଳୟକୁ ରୋଗୀଙ୍କୁ ସ୍ଥାନାନ୍ତର କର। ଦରକାର ପଡ଼ିଲେ ବେଡ୍ ସଂଖ୍ୟା ବୃଦ୍ଧିକର। ଶୌଚାଳୟ ମରାମତି ସହ ନିୟମିତ ଭାବେ ସଫା ରଖ। କୁଷ୍ଠରୋଗୀଙ୍କ ଚିକିତ୍ସା ପାଇଁ ଜଣେ ନିୟମିତ ଏମ୍‌ବିବିଏସ୍ ଡାକ୍ତରଙ୍କ ସହ ଅଭିଜ୍ଞତାସମ୍ପନ୍ନ ୨ଜଣ ନର୍ସଙ୍କୁ ସେଠାରେ ନିୟୋଜିତ କର। ବାଲେଶ୍ୱର ବାମପଦାସ୍ଥିତ କୁଷ୍ଠାଶ୍ରମରେ ଏହିକାର୍ଯ୍ୟଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ହାଇକୋର୍ଟ ବାଲେଶ୍ୱର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟଗୁଡିକ ଶେଷ କରି ଆସନ୍ତା ୧୬ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ଶୁଣାଣି କରିଥିଲେ। ଆସନ୍ତା ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀ ବିପିନ ବିହାରୀ ପ୍ରଧାନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମର ଅବସ୍ଥା ସମ୍ପର୍କରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହି ଆବେଦନକୁ ହାଇକୋର୍ଟ ବିଚାରକରି ଜୁଲାଇ ୧୪ରେ ୩ଜଣ ବରିଷ୍ଠ ଆଇନଜୀବୀଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ। ପରେ ସେମାନେ ବାମପଦାସ୍ଥିତ କୁଷ୍ଠାଶ୍ରମରେ ତଦନ୍ତ କରି ଗତ ଅଗଷ୍ଟ ୩ରେ ରିପୋର୍ଟ ଦାଖଲ କରିଥିଲେ। କୁଷ୍ଠାଶ୍ରମର ଅବସ୍ଥାରେ ସୁଧାର ଆଣିବା ଓ ସେଠାକାର ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା।

# ୯ ଦିନରେ ୩୨ ପିଲା ସଂକ୍ରମିତ

**କେନ୍ଦ୍ରାପଡ଼ାରେ କରୋନା ତୃତୀୟ ଲହର ନେଇ ଆଶଙ୍କା**

କେନ୍ଦ୍ରାପଡ଼ା ଅଫିସ, ୧୦।୮

କରୋନାର ପ୍ରଥମ ଲହରରେ ବୃଦ୍ଧାବୃଦ୍ଧ, ଦ୍ୱିତୀୟ ଲହରରେ ଯୁବତୀଯୁବକ ଓ ତୃତୀୟ ଲହରରେ ଶିଶୁ ଆକ୍ରାନ୍ତ ହେବେ ବୋଲି ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପୋଷଣ କରିଥିଲେ। କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ପଡିଥିବା ନେଇ ସ୍ଥାନୀୟ ଲୋକ ଆଶଙ୍କା କରୁଛନ୍ତି। ଚଳିତ ମାସର ପ୍ରଥମ ୯ ଦିନ ମଧ୍ୟରେ ୩୨ଜଣ ୧ରୁ ୧୭ ବର୍ଷର ପିଲା କରୋନାରେ ସଂକ୍ରମିତ ହୋଇଛନ୍ତି। ପିଲାମାନେ କରୋନାରେ ଆକ୍ରାନ୍ତ ହେଉଥିବାରୁ ମାତାପିତାମାନେ ଆତଙ୍କିତ ହୋଇପଡିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଚଳିତମାସ ୯ ଦିନ ମଧ୍ୟରେ ରାଜକନିକା ବ୍ଲକ ଅଞ୍ଚଳରେ ୩ ଜଣ ପିଲା କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଡେରାବିଶ ବ୍ଲକରେ ୭ ଜଣ, ମହାକାଳପଡ଼ାରେ ୫ ଜଣ, କେନ୍ଦ୍ରାପଡ଼ାରେ ୯ ଜଣ, ପଟ୍ଟାମୁଣ୍ଡାଇ, ମାର୍ଶାଘାଇ, ଆଳି ଓ ଗରଦପୁର ବ୍ଲକ ଅଞ୍ଚଳରେ ୨ ଜଣ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ପୌରାଞ୍ଚଳରୁ ଜଣେ ବର୍ଷକର ଶିଶୁ ଓ ଡେରାବିଶ ବ୍ଲକ ପବିତ୍ରପଡା ଗାଁର ଜଣେ ୨ ବର୍ଷର ଶିଶୁ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏହି ଅବଧି ମଧ୍ୟରେ ରାଜନଗର ବ୍ଲକ ଅଞ୍ଚଳରେ ଶିଶୁ ସଂକ୍ରମଣ ହୋଇନାହାନ୍ତି। ଏହି ୩୨ ଜଣଙ୍କ ମଧ୍ୟରୁ ୨୦ ପୁଅ ଅଛନ୍ତି।

ସୂଚନାଯୋଗ୍ୟ, ୯ ଦିନ ମଧ୍ୟରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧୬ ଜଣ। ଜିଲାରେ ଅଦ୍ୟାବଧି ୨୩,୬୮୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୩,୨୩୪ ସୁସ୍ଥ ହୋଇଛନ୍ତି। ୨୯୯ ଜଣ ଚିକିତ୍ସିତ ହେଉଥିବା ବେଳେ ୧୫୧ ଜଣଙ୍କ କରୋନାରେ ଜୀବନ ଦୀପ ଲିଭି ଗଲାଣି। ଅଗଷ୍ଟରେ ଶିଶୁ ସଂକ୍ରମଣ ବଢ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଗୁଆ ସୂଚନା ଦେଇଥିଲେ। କେନ୍ଦ୍ରାପଡା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କରୋନା ସଂକ୍ରମଣ ପରିଚାଳନାର ଜିଲା ନୋଡାଲ ଅଧିକାରୀ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଅଧିକାଂଶ ଶିଶୁଙ୍କଠାରେ କୋଭିଡ୍ ୧୯ର ଅଳ୍ପ ଲକ୍ଷଣ ଦେଖାଦେଇଛି। ତେବେ ଏହାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ଦିନ ଏହି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ନିଆଯାଉଛି।

# ‘ଓଡ଼ିଶାରେ ଲାଗୁକରାଅ ଆୟୁଷ୍ମାନ ଭାରତ’

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ଭାଜପା ଏମ୍‌ପି**

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡଭୀୟଙ୍କ ନିକଟରେ ଓଡ଼ିଶାର ଭାଜପା ଏମ୍‌ପିମାନେ ଦାବି କରିଛନ୍ତି। ୨୦୧୮ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହୋଇଥିଲା। ତଦନୁଯାୟୀ ଦେଶର ପାଖାପାଖି ୧୩.୪୪ କୋଟି ପରିବାର ତଥା ୬୫ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି। କୋଭିଡ୍ ମହାମାରୀ ସମୟରେ ଅଗଣିତ ଦେଶବାସୀ ମାଗଣା ଚିକିତ୍ସାର ଲାଭ ଉଠାଇଛନ୍ତି। ୨୦୨୦ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ‘ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନ’ର ଶୁଭାରମ୍ଭ କରିଥିଲେ। ଦାଦନ ଶ୍ରମିକ ଏବଂ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ପ୍ରବାସୀଙ୍କ ପାଇଁ ଏହା ବେଶ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ରାଜ୍ୟର ୬୦ ଲକ୍ଷ ହିତାଧିକାରୀ ଏହାର ସୁଫଳ ପାଇପାରୁ ନାହାନ୍ତି। ତେଣୁ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଇବା ଲାଗି ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ଭାଜପା ଏମ୍‌ପିମାନେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିଛନ୍ତି।

ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଓଡ଼ିଶା ବହୁ ପଛରେ ପଡ଼ିଛି। ପ୍ରାୟ ୨୫ ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ଭିତରେ ବାସ କରୁଥିବା ଓଡ଼ିଆମାନେ ଉପକୃତ ହେଉଥିବା ବେଳେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରବାସୀ ଶ୍ରମିକ ଏବଂ ପ୍ରବାସୀ ଓଡ଼ିଆ ସର୍ବାଧିକ ଉପକୃତ ହୋଇପାରିବେ। ସାମ୍ଭାବ୍ୟ କୋଭିଡ୍ ସଂକ୍ରମଣର ୩ୟ ଲହରକୁ ନଜରରେ ରଖି ରାଜ୍ୟ ସରକାର ତୁରନ୍ତ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରନ୍ତୁ ବୋଲି ଭାଜପା ଏମ୍‌ପିମାନେ ଦାବି କରିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ଭାଜପା ଏମ୍‌ପିମାନେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡଭୀୟଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ହନୁମାନ ପଇସା ପାଇଁ ହତ୍ୟା କରିଥିଲେ ୪ ସାଙ୍ଗ

ଦେବଗଡ,୧୦।୮(ଡି.ଏନ.ଏ)

ଗତ ୫ ତାରିଖରେ ଦେବଗଡ ଥାନା ଅଧୀନ ରାଇତାଲ ଗାଁରେ ଥିବା ଏକ ଟ୍ରାନ୍ସଫର୍ମର ତଳୁ ଜଣେ ଯୁବକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ହନୁମାନ ପଇସା ପାଇଁ ଉକ୍ତ ଯୁବକଙ୍କୁ ତାଙ୍କ ସାଙ୍ଗମାନେ ପିଟି ପିଟି ହତ୍ୟା କରିଛନ୍ତି। ମୃତକ ହେଲେ କୃଷ୍ଣ କିସାନ। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାଣ୍ଡାଲୁ କିସାନ, ସୁରେନ୍ଦ୍ର ମାଝି, ଦୈତାରି କିସାନ ଏବଂ ପ୍ରଦୀପ ମାଝି। ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଟାଙ୍ଗିଆ, ବାଡ଼ି ଓ ମୁଗୁରା ସହ ମୃତକଙ୍କ ଘରୁ ଗୋଟିଏ ଅଷ୍ଟ୍ରେଲିଆନ ମୁଦ୍ରା ଜବତ କରାଯାଇଛି।



ଏସ୍‌ପି ରାଜକିଶୋର ପାଇକରାୟ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

**ଟ୍ରାନ୍ସଫର୍ମର ନିକଟରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା**

■ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ

■ ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଏସ୍‌ପି

ଏସ୍‌ପି ରାଜକିଶୋର ପାଇକରାୟ ମଙ୍ଗଳବାର ଦେବଗଡ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଥିଲେ, ଦେବଗଡ ଥାନା ଅନ୍ତର୍ଗତ ଟିପିରିସିଂହା ଗ୍ରାମର ଫକୀର କିସାନଙ୍କ ପୁଅ କୃଷ୍ଣଙ୍କ ନିକଟରେ ହନୁମାନ ପଇସା ଥିବା ନେଇ କୃଷ୍ଣଙ୍କ ସାଙ୍ଗ ଉକ୍ତ ଗ୍ରାମର ଚାଣ୍ଡାଲୁ, ସୁରେନ୍ଦ୍ର, ଦୈତାରି ଓ ପ୍ରଦୀପ ଜାଣିଥିଲେ। ଏହି ହନୁମାନ ପଇସାକୁ କୃଷ୍ଣଙ୍କ ନିକଟରୁ ହାତେଇବା ପାଇଁ ସେମାନେ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ, ଗତ ୪ତାରିଖ ରାତି ପ୍ରାୟ ୮ଟା ସମୟରେ ଗାଁରେ ପୂଜା ସହ ବୈଠକ ହୋଇଥିଲା। ବୈଠକ ପରେ ଚାଣ୍ଡାଲୁ, ସୁରେନ୍ଦ୍ର, ଦୈତାରି ଏବଂ ପ୍ରଦୀପ କୃଷ୍ଣଙ୍କୁ ମାଛ ଧରିବାକୁ କହି ନିକଟସ୍ଥ ରାଇତାଳ ଗାଁକୁ ଡାକି ନେଇଥିଲେ। ରାତିରେ କୃଷ୍ଣ ଘରକୁ ଫେରି ନ ଥିଲେ ଏବଂ ପରଦିନ ଅର୍ଥାତ୍ ୫ତାରିଖ ଦିନ ପ୍ରାୟ ୧୧ଟା ସମୟରେ ପରିବାର ଲୋକେ ରାଇତାଳ ଗ୍ରାମ ନିକଟସ୍ଥ ଏକ ଟ୍ରାନ୍ସଫର୍ମର ତଳେ କୃଷ୍ଣଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତଦେହରେ କ୍ଷତଚିହ୍ନ ଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ଆଶଙ୍କା କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ହନୁମାନ ପଇସାକୁ ହାତେଇବା ପାଇଁ କୃଷ୍ଣଙ୍କୁ ତାଙ୍କ ସାଙ୍ଗମାନେ ପିଟି ପିଟି ହତ୍ୟା କରିଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରିବାରୁ ସେମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। ଫଳରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଡିଆଇଜି ଡିଏସ୍‌ପି ପ୍ରଦୀପ କୁମାର କେରକେଟା ଓ ଥାନାଧିକାରୀ ସୁରେନ୍ଦ୍ର କୁମାର ନାଏକ ଉପସ୍ଥିତ ଥିଲେ।

# ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି

ପୁରୀ ଅଫିସ,୧୦।୮: ଶ୍ରାବଣ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ବୁଧବାରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ନୀତି ସମ୍ପନ୍ନ ହେବା ପାଇଁ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଏ। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକ ଲାଗିରେ ମୁଖ୍ୟତ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀଜିଉମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିବ।

# ଅଣଧାନ ଫସଲ: ମିଳିବ ଆର୍ଥିକ ପ୍ରୋତ୍ସାହନ

- ୪ ଜିଲାରେ ପାଇଲଟ ପ୍ରକଳ୍ପ
- ୩ ବର୍ଷ ପାଇଁ ମିଳିବ ପ୍ରୋତ୍ସାହନ ରାଶି
- ଧାନର ଅଭାବୀ ବିକ୍ରି ସମସ୍ୟାରୁ ଚାଷୀଙ୍କୁ ମିଳିବ ଆଶ୍ୱସ୍ତି

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସହ ରାଜ୍ୟରେ ଧାନର ଅଭାବୀ ବିକ୍ରି ସମସ୍ୟା ଦେଖାଯାଉଛି। ଚାଷୀମାନେ ଧାନ ଚାଷ ଉପରେ ଅତିମାତ୍ରାରେ ନିର୍ଭରଶୀଳ ହୋଇପଡୁଥିବାରୁ ଅଣଧାନ ଫସଲ ଚାଷ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହାଦ୍ୱାରା ରାଜ୍ୟକୁ ଡାଲି, ତୈଳବୀଜ, ଆଳୁ, ପନିପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଏବଂ ଚାଷୀମାନଙ୍କର ଆୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅଣଧାନ ଚାଷ ପ୍ରତି ପ୍ରୋତ୍ସାହନ ଦେବାକୁ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ କୃଷିନୀତି–୨୦୨୦ 'ସମୃଦ୍ଧି'ରେ ଚାଷୀଙ୍କୁ ଅଣଧାନ ଚାଷ ମୁହାଁ କରିବା ଲାଗି ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଅଣଧାନ ଫସଲ ପାଇଁ ରାଜ୍ୟ ସରକାର ଏକ ୩ ବର୍ଷିଆ ପ୍ରୋତ୍ସାହନ ସ୍କିମ୍ ଆରମ୍ଭ କରିଛନ୍ତି। ଖରିଫ ଋତୁରେ ଯେପରି ଚାଷୀମାନେ ଉଚ୍ଚ ଓ ମଧ୍ୟମ ଜମିରେ ଧାନ ପରିବର୍ତ୍ତେ ଡାଲିଜାତୀୟ, ତୈଳବୀଜ, ତନ୍ତୁ ଜାତୀୟ ଫସଲ, ପନିପରିବା ଆଦି ଅଣଧାନ ଫସଲ ପ୍ରତି ଆକୃଷ୍ଟ ହେବେ ସେ ନେଇ ଏଥିରେ ବ୍ୟବସ୍ଥା କରାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ୧.୫ ଲକ୍ଷ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାର ନିଜ ଯୋଜନାରୁ ୬୦୦ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪ ଜିଲା କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ଏହା ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯିବ। ୪ ଜିଲାର ୭ ବ୍ଲକର ୨୭ ପଞ୍ଚାୟତର ୧୦୧ ଗ୍ରାମରେ ଚକ ଭିତ୍ତିରେ ଏହା କାର୍ଯ୍ୟକାରୀ ହେବ। ୧୮ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୨,୨୦୭ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯିବ। ସେଥିରୁ ୩୩୪୩ ହେକ୍ଟର ଜମିରେ ଡାଲିଜାତୀୟ, ୩୭୪୫ ହେକ୍ଟର ଜମିରେ କପା, ୯୨୮ ହେକ୍ଟର ଜମିରେ ତୈଳବୀଜ, ୨୪୫୧ ହେକ୍ଟର ଜମିରେ ମକା, ୧୩୨୨ ହେକ୍ଟର ଜମିରେ ମାଣ୍ଡିଆ ଏବଂ ୪୧୮ ହେକ୍ଟର ଜମିରେ ପନିପରିବା ଚାଷ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ୧୬.୭୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୩ ବର୍ଷ ମଧ୍ୟରେ ଉକ୍ତ ୪ ଜିଲାରେ ୧୬,୮୯୮.୩୮ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏହି ଯୋଜନାରେ ଫସଲର ବିବିଧକରଣ କରି ଅଣଧାନ ଚାଷ କରିଥିବା ସମସ୍ତ ଚାଷୀଙ୍କୁ ୩ ବର୍ଷ ପାଇଁ ଡାଇରେକ୍ଟ ଟ୍ରାନ୍ସଫର ବେନିଫିଟ (ଡିବିଟି) ମାଧ୍ୟମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏଥିରେ ୧୬ ହଜାର ଚାଷୀ ଉପକୃତ ହେବେ। ତୈଳବୀଜ ପାଇଁ ପ୍ରତି ହେକ୍ଟରକୁ ପ୍ରଥମ ବର୍ଷ ୧୦ ହଜାର ଟଙ୍କା, ଦ୍ୱିତୀୟ ବର୍ଷ ୭ ହଜାର ଓ ତୃତୀୟ ବର୍ଷ ୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ରାଶି ପାଇଁ ୩୫୦୦, ୨୫୦୦ ଏବଂ ୧୮୦୦, ବାଦାମ ପାଇଁ ୧୧୦୦, ୭୭୦୦ ଓ ୫୫୦୦, କପା, ହରଡ଼ ପାଇଁ ୯୦୦୦,୬୩୦୦, ୪୫୦୦, ମକା ପାଇଁ ୬୫୦୦, ୪୫୦୦ ଓ ୩୩୦୦ ଏବଂ ପନିପରିବା ପାଇଁ ୨୨୦୦୦, ୧୫୦୦୦ ଏବଂ ୧୧୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଆକାରରେ ପ୍ରଦାନ କରାଯିବ।

ଚଳିତ ୨୦୨୧–୨୨ ଆର୍ଥିକ ବର୍ଷରେ ଚାଷୀମାନଙ୍କୁ କୃଷି ଉପାଦାନ ଯଥା ଅଣୁସାର, ଜୀବାଣୁସାର, କୀଟନାଶକ ଆଦି କ୍ରୟ ପାଇଁ ଦିଆଯାଉଥିବା ରିହାତି ମୂଲ୍ୟକୁ ଡିବିଟି ମାଧ୍ୟମରେ ଚାଷୀମାନଙ୍କର ବ୍ୟାଙ୍କ ଖାତାରେ ସିଧା ଜମା କରାଯିବ। ଚାଷୀମାନେ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କଠାରୁ କୃଷି ଉପାଦାନ କ୍ରୟ କରିବେ। ଚାଷୀମାନେ ଅଣଧାନ ଚାଷ ପ୍ରତି ଆକୃଷ୍ଟ ହେବା ସହ ତୈଳବୀଜ, ଡାଲି ଜାତୀୟ, ପନିପରିବା ଚାଷରେ ରାଜ୍ୟ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ରାଜ୍ୟରେ ପ୍ରତ୍ୟେକ ବର୍ଷ ଧାନ ଉତ୍ପାଦନ ବୃଦ୍ଧି ପାଉଛି। ୨୦୨୦–୨୧ ଖରିଫ ଋତୁରେ ୫୪ ଲକ୍ଷ ମେଟ୍ରିକ ଟନ ଓ ରବି ଋତୁରେ ୧୭ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ କରାଯାଇଛି। ଏହା ରାଜ୍ୟର ଆବଶ୍ୟକତା ମେଣ୍ଟାଇବା ସହ ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ ବଳକା ହେଉଛି। ସେହି ଧାନ ନେବାକୁ ଭାରତୀୟ ଖାଦ୍ୟ ନିଗମ ମଧ୍ୟ ରାଜି ହେଉନାହିଁ। ଏସବୁକୁ ଦୃଷ୍ଟିରେ ରଖି ଅଣ ଧାନ ଚାଷକୁ ସରକାର ଗୁରୁତ୍ୱ ଦେଇଛନ୍ତି।

# ୫ ଲକ୍ଷ କୋଟିର ହାଉସିଂ ପ୍ରକଳ୍ପ ବାଧାପ୍ରାପ୍ତ

- ୬ ପ୍ରମୁଖ ସହରରେ ୧.୪ ଲକ୍ଷ କୋଟିର ପ୍ରକଳ୍ପ ଅଟକିଛି
- ୩.୪୬ ଲକ୍ଷ କୋଟି ମୂଲ୍ୟର ପ୍ରକଳ୍ପ ବିଳମ୍ବ

ନୂଆଦିଲ୍ଲୀ,୧୦।୮

କରୋନା ମହାମାରୀ ବିଶ୍ୱ ବଜାରକୁ କ୍ଷତିଗ୍ରସ୍ତ କରିଛି। ଏହାର ପ୍ରଭାବରେ ଗତ ୧୮ ମାସ ହେବ ସାରା ଦେଶର ପ୍ରମୁଖ ସହରଗୁଡ଼ିକରେ ହାଉସିଂ ପ୍ରକଳ୍ପ କାର୍ଯ୍ୟ ଗଭୀର ଭାବେ ବାଧାପ୍ରାପ୍ତ ହୋଇଛି। ୧.୪୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଅଟକିଥିବା ବେଳେ ୩.୪୬ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପରେ ବିଳମ୍ବ ହେଉଥିବା ଦେଖାଯାଇଛି। ମୋଟାମୋଟି କହିବାକୁ ଗଲେ ୫.୦୫ ଲକ୍ଷ କୋଟି ଟଙ୍କାର ହାଉସିଂ ପ୍ରକଳ୍ପ କାର୍ଯ୍ୟ ମହାମାରୀ ଯୋଗୁ ବର୍ତ୍ତମାନ ବାଧାପ୍ରାପ୍ତ ହୋଇଛି। ଆନାରକ କନ୍‌ସଲଟିଂ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ନଗଦରେ ସମସ୍ୟା ଆସିବାରୁ କାମରେ ବାଧା ଉପୁଜିଛି। ଏଭଳି ଅସୁବିଧା ଯୋଗୁ ବିଲ୍ଡର ଏବଂ ଡେଭଲପର୍ସମାନେ ନିଜ ପ୍ରକଳ୍ପକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ସକ୍ଷମ ହେଉନାହାନ୍ତି। ଏହି ପ୍ରକଳ୍ପସବୁରେ ନିଜ ଘର ବୁକିଂ କରିଥିବା ଗ୍ରାହକଙ୍କୁ ଏଥିଲାଗି ସମସ୍ୟାର ସାମ୍ନା କରିବାକୁ ପଡୁଛି। ନ୍ୟାଶନାଲ କ୍ୟାପିଟାଲ ରିଜିୟନ(ଏନ୍‌ସିଆର୍) ସେ ସବୁଠାରୁ ଏଭଳି ଅଧିକ ପ୍ରକଳ୍ପ ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ୧.୩୧ ଲକ୍ଷ ୟୁନିଟ୍ ଘର ଫସି ରହିଛି। ଏହାର ମୋଟ ମୂଲ୍ୟ ପ୍ରାୟ ୮୬,୪୮୩ କୋଟି ଟଙ୍କା ହେବ। ଏହି ପ୍ରକଳ୍ପଗୁଡ଼ିକର ୫୦% ଘର ମିଡ୍ ସେଗ୍‌ମେଣ୍ଟର ବୋଲି ଜଣାପଡ଼ିଛି। ସେହିଭଳି ୨୪% ସୁଲଭ ବାସଗୃହ ଏବଂ ୨୦% ପ୍ରିମିୟମ ସେଗ୍‌ମେଣ୍ଟ ଏବଂ ୬% ଲକ୍ସ୍ୟୁରି ସେଗ୍‌ମେଣ୍ଟର ରହିଛି। ମୁମ୍ବାଇରେ ୪୧,୭୨୦ ୟୁନିଟ ଘର ଅଟକି ରହିଛି, ଯାହାର ମୂଲ୍ୟ ପ୍ରାୟ ୪୨,୪୧୭ କୋଟି ଟଙ୍କା ହେବ। ଏଥି ମଧ୍ୟରେ ୩୭% ଲକ୍ସ୍ୟୁରି, ୨୨% ସୁଲଭ, ୨୧% ପ୍ରିମିୟମ ଏବଂ ୨୦% ମିଡ୍ ସେଗ୍‌ମେଣ୍ଟର ରହିଛି।

ପୁଣେରେ ୫,୮୫୪ କୋଟି ଟଙ୍କା ମୂଲ୍ୟର ୯,୯୯୦ ୟୁନିଟ ଘର ଅଟକି ରହିଛି। ସେହିଭଳି ହାଇଦ୍ରାବାଦରେ ୨,୨୨୭ ୟୁନିଟ ବାସଗୃହ, ବେଙ୍ଗାଲୁରୁରେ ୩,୦୬୧ କୋଟି ଟଙ୍କା ମୂଲ୍ୟର ୩,୮୭୦ ୟୁନିଟ୍ ଘର ଫସି ରହିଛି। ଏନ୍‌ସିଆର୍‌ରେ ୧.୬୩ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨.୧୪ ଲକ୍ଷ ୟୁନିଟ ଘର ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହୋଇଛି। ମୁମ୍ବାଇରେ ଏହା ୧.୦୯ ଲକ୍ଷ କୋଟି ଏବଂ ବେଙ୍ଗାଲୁରୁରେ ୩୦ ହଜାର କୋଟି ମୂଲ୍ୟର ପ୍ରକଳ୍ପ କାମ ଏହି ବର୍ଗରେ ରହିଛି। ସେହିଭଳି ପୁଣେରେ ୨୩,୫୫୬ କୋଟି, କୋଲକାତାରେ ୧୭,୮୬୯ କୋଟି ଏବଂ ୯, ୦୮୩ ହଜାର କୋଟି ଟଙ୍କାର ପ୍ରକଳ୍ପରେ ବିଳମ୍ବ ହେଉଥିବା ଜଣାପଡ଼ିଛି।

# ଟିକା ନେବା ପରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଭବାନୀପାଟଣା,୧୦।୮ (ସ୍ୱ.ପ୍ର.)

କରୋନା ଟିକା ନେବାର ପ୍ରାୟ ଘଣ୍ଟାଏ ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜମରା ପଞ୍ଚାୟତ ଅଧୀନ ମାଠିଆପଡାର ବିନୋଦିନୀ ସାଗର (୩୩)। ତେବେ ଏ ନେଇ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନା ଅନୁସାରେ, ମାଠିଆପଡାର ବିନୋଦିନୀ ଟିକା ନେବା ପାଇଁ ସୋମବାର ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିଲେ ଏବଂ ମଙ୍ଗଳବାର ସକାଳେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେଇଥିଲେ। ସେଠାରେ ଟିକା ନେଇ ସାରି ପ୍ରାୟ ୪୦ ମିନିଟ ବିଶ୍ରାମ ନେବା ପରେ ବାହାରକୁ ଆସୁଥିବା ବେଳେ ତାଙ୍କର ମୁଣ୍ଡ ବୁଲାଇଥିଲା। ତାଙ୍କ ସ୍ୱାମୀ ବିନୋଦିନୀଙ୍କୁ ତୁରନ୍ତ ଡାକ୍ତରଖାନାକୁ ଆଣି ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତର ଶିବାଶିଷ ସ୍ୱାଇଁ ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିନୋଦିନୀଙ୍କ ମୃତ୍ୟୁ ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କରୋନା ଟିକା ନେବା ପରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଖବର ପାଇ କଲମପୁର ବିଡିଓ ପ୍ରସନ୍ନ ପଟେଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏ ନେଇ ବିଡିଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ଜିଲାରୁ ଏକ ଡାକ୍ତରୀ ଟିମ୍ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ, ମୃତଦେହ ବ୍ୟବଚ୍ଛେଦ କରିବା ପରେ ଘଟଣାର ସତ୍ୟତା ଜଣାପଡିବ। ତାଙ୍କ ପରିବାରକୁ ବ୍ୟବଚ୍ଛେଦ କରିବା ପାଇଁ କହିଲୁ। ପରିବାର ଲୋକେ ଏଥିରେ ରାଜି ନ ହୋଇ ମୃତଦେହ ଘରକୁ ନେଇଯାଇଥିଲେ ବୋଲି ଆଚାର୍ଯ୍ୟ କହିଛନ୍ତି।

# ୨୩ ଜିଲାରେ ସ୍ଥିତି ସଙ୍ଗିନ

- ବର୍ଷା ନାହିଁ, ଲଘୁଚାପ ଭରସା
- ୧୬ରୁ ୨୧ ସାରା ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ରାଜ୍ୟରେ ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା ଦେଖାଦେଲାଣି। ରାଜ୍ୟର ୨୩ ଜିଲାରେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଭଦ୍ରକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡ଼ା, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର। ଏସବୁ ଜିଲାରେ ୨୫ରୁ ୫୦ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଜିଲାଗୁଡ଼ିକ ଏବେ ରେଡ୍ ଜୋନ୍‌ରେ ରହିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ୧୦ ମଧ୍ୟରେ ରାଜ୍ୟରେ ୬୮୮.୧ ମିଲିମିଟର ବଦଳରେ ୪୮୮.୬ ମିଲିମିଟର ବର୍ଷା ହୋଇଛି। ଆସନ୍ତା ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ଧାନ ଫସଲ ଉଜୁଡିବା ଆଶଙ୍କା ବଢ଼ିଲାଣି। ଚାଷୀମାନେ ମୌସୁମୀ ବର୍ଷାକୁ ଚାହିଁ ରହିଛନ୍ତି। ଆସନ୍ତା ୧୬ରେ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୭ରେ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୧୮ରୁ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
e-mail: eerwsskld@gmail.com, eerwss_kld@nic.in, Phone No.: 06670-230784
**INVITATION OF BID THROUGH e-TENDERING**
**Bid Identification No.-30/EE/RWSS/2021-22 / Bpt Dated 04.08.2021**
No.O-522:- **01. Name of the work: As per ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 30/EE/RWSS/2021-22/ Bpt Dated 04.08.2021 | 11.08.2021 10.00 A.M. | 31.08.2021 05.30 P.M. | 01.09.2021 10.00 A.M. onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
OIPR-25005/11/0014/2122 Sd./- Executive Engineer, Kalahandi RWS&S Division, Bhawanipatna



DSPL-116
ନୂତନ ଭାରତବର୍ଷର ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ଯୁବଗୋଷ୍ଠୀର ଭୂମିକା
ଏଚ.ଆଇ.ଭି. ସମ୍ପର୍କରେ ସଚେତନତା | ଯକ୍ଷ୍ମା ସଂପର୍କରେ ଅବଗତି | ନିୟମିତ ରକ୍ତଦାନ
ଆସନ୍ତୁ ଆମେ ଶପଥ ନେବା ଏଚ୍.ଆଇ.ଭି ମୁକ୍ତ ନୂତନ ଭାରତ ଗଢ଼ିବା
ଅଧିକ ଜାଣିବା ପାଇଁ 1097ରେ ଯୋଗାଯୋଗ କରନ୍ତୁ
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି OSACS
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
OIPR-10009/13/0002/2122
ୱେବସାଇଟ - www.osacs.nic.in

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in
Bid identification no:- VI-30(10)/SERIFED/2021-22/966 DT.10.08.2021
**INVITATION FOR BIDS (e-Procurement)**
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work "Construction of Compound Wall and Approach road with Hume Pipe culvert" at PPC Mahulpal, Dhenkanal Dist. The bid document such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 13.08.2021 to 17.00 hours up to dt. 30.08.2021.** Online bids shall be received till **17.00 hours dt. 30.08.2021** & shall be opened at **11.30 AM on Dt. 31.08.2021.** Any addendum / corrigendum / cancellation of tender can also be seen in the said website.
Sd/- MANAGING DIRECTOR

**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, KHORHDA**
Letter No. 9044 **TENDER CALL NOTICE** Date: 10.08.21
No. E-322: The DHS Khordha invites sealed tender from registered organisation/company/agency for supply of Vehicle (5 Nos.), Food and Office Stationary. The interested parties should submit their tender in prescribed format (Technical as well as Financial Bids) along with all the relevant documents and E.M.D. through D.D. The envelope must be sealed and super scribed with **"Tender for supply of Vehicle or Food or Office Stationary"** and received through Speed Post/Regd. Post or Courier only at the Office of the C.D.M. & P.H.O., Khordha Dist.-Khordha, PIN - 752055 by 04.30 P.M. on Dt. 31.08.2021. The details of the terms and conditions can be downloaded from the district website **www.khordha.nic.in**. The undersigned reserves the right to reject any or all the tenders without assigning any reason thereof.
Sd./- Chief District Medical & Public Health Officer, Khordha
OIPR-10029/11/0006/2122

**PANCHAYAT SAMITI OFFICE, GOPABANDHUNAGAR**
At: Kirkichla, P.O.- Khunta, Dist.- Mayurbhanj, PIN - 757019
**CORRIGENDUM**
Letter No. 1780 Dt.09.08.2021
No. i-26: In continuation of this Office Tender Call Notice No. 1635 Dt.23.07.2021 for 17 Nos. of New Model AWC Building, the following points at **sl. No. 5, Sl. No. 6[b], Sl. No. 7 and Sl. No. 14** shall be deleted with inclusion of Bid Security Declaration. The same may be read as bidders shall submit duly signed **"Bid Security Declaration"** in lieu of Bid security Bids/EMD. Bids without Bid Security Declaration shall be summarily rejected. If the successful bidders withdraw or modify their bids during the period of validity of this tender, they will be suspended for one year from participating in any tender of this office.
Further, the last date of sale & receipt of tender documents is extended upto 31.08.2021 till 1.00 P.M. and opening of tender will be on Dt.31.08.2021 at 2.00 P.M. All other terms and conditions for submission of bids remains unchanged.
Sd./- Block Development Officer Gopabandhunagar
OIPR-19136/11/0001/2122

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office: Burla, Dist.-Sambalpur (Odisha)- 768017
**Corrigendum to Notice Inviting Tender (NIT)**
Tender Notice No. TPWODL-MK-O-SER-027 Date:03.08.2021
**Rate Contract for Meter installation and Associated Services in TPWODL**
The time period is hereby extended for submission of Tender Participation Fee and Authorization Letter through e-mail till 17th August 2021, 15.00 hrs., after which link from e-Tender system shall be shared. A corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd./- Chief Contracts and Stores

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Ph. No. 06673-252201, Fax: 252253, E-mail: sgmel_uihep@ohpcltd.com
**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. CAD-837 **'e' - Procurement Notice**
**Tender Call Notice No. 16/2021-22 Dated: 07.08.2021**
1. Name of the Work : "Renovation of drainage system at Sector-III of UIHEP, Mukhiguda".
2. Estimated Cost : Rs.10,16,087/- (Including GST).
3. Period of Contract: 02 (Two) Months from the date of signing of agreement
4. Date and time of availability of tender document in the portal: From 10.00 hrs. of dated 12.08.2021 to 13.00 hrs. of dated 24.08.2021.
5. Last date/time for receipt of tenders in the portal: Same as above
6. Date of opening: 24.08.2021 at 17.00 hrs.
7. EMD in shape of declaration: As per Annexure - VIII & Clause No. 4.11.6 of Section-I of tender document.
8. Cost of Bid document (in Rs.) : Rs.7,080/- including GST (Online)
9. Class of Contractor: "D" & "C" Class Contractor
10. Officer Inviting Tender: Unit Head, UIHEP, Mukhiguda.

Further details can be seen and tender document can be downloaded from the e-Procurement portal "https://tendersodisha.gov.in".
OIPR-32136/11/0012/2122 Sd./- Unit Head, UIHEP, Mukhiguda

No. C-724
WATCO
**OFFICE OF THE MANAGING DIRECTOR, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444; E-mail- mail@watcoodisha.in; md@watcoodisha.in
**INVITATION FOR BID (IFB)**
**BID Identification No. WATCO (W) - 09/2021-22 Dtd. 06.08.2021**
**WATCO No. 5643/ Dt.06.08.2021**
1. Name of the work :- **Improvement of water supply to Pandab Nagar in ward No. 57 under WATCO Sub-Division, Old Town, Bhubaneswar**
2. Estimated Cost :- Rs.94.81 Lakh (Approx.)
3. Period of completion :- 03 (Three) Months.
4. Date & time of availability of bid document in the portal :- From 11.00 AM of Dt.12.08.2021 to 5.00 PM of 26.08.2021
5. Last date/time of receipt of bids in the portal :- 5.00 PM of 26.08.2021
6. Date & time of opening of technical bids :- 12.30 PM of 27.08.2021
7. Name and address of the Officer Inviting Bid :- Managing Director, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
Sd./- Managing Director, WATCO
OIPR-13083/11/0020/2122

**OFFICE OF THE CHIEF ENGINEER & BASIN MANAGER, MAHANADI BASIN, BURLA, ODISHA, PIN-768017**
E-Mail: cebmumbburla@rediffmail.com
**Government of Odisha "e" Procurement Notice**
No. A-353 Bid Identification No.UMB-03/2021-22 (Online)

| | | |
|---|---|---|
| 1 | Online tenders are invited from prospective bidders for "Construction of Airfilled Rubber Dam (In-Stream Storage Structures) across Bheden river at Saida in Sambalpur district of State of Odisha including power connectivity works, road connectivity, staff quarters including survey, investigation, planning, design and estimate of all components with Operation and Maintenance of the project for a period of five years or five flood seasons whichever is more after successful commissioning of the project". | |
| 2 | Online tenders are invited from prospective bidders for "Construction of Airfilled Rubber Dam (In-Stream Storage Structures) across Sapei river at Kinjirma in Sundargarh district of State of Odisha including power connectivity works, road connectivity, staff quarters including survey, investigation, planning, design and estimate of all components with Operation and Maintenance of the project for a period of five years or five flood seasons whichever is more after successful commissioning of the project". | |
| A. | Period of Completion | 30 (Thirty)Calendar Months |
| B. | Date & Time of Availability of Bid Document in the Portal | 16.08.2021, 11.00 A.M. |
| C. | Period of Sale of Bidding Document | 16.08.2021 to 29.09.2021 |
| D. | Time and Date for Pre-Bid Conference | 31.08.2021 at 11.00 AM in the virtual mode |
| E. | Last Date and Time for receipt of Bids | 29.09.2021 upto 05.00 P.M. |
| F. | Place of Sale, Receipt of Bids | On-Line Through e-Procurement. |
| G. | Date and Time of Opening of Technical Bid | 30.09.2021, 11.00 A.M. |
| H. | Place of Opening of Bids | O/o. the Chief Engineer & Basin Manager, Mahanadi Basin, Burla, PIN-768017 |

Further details can be seen from the e-procurement portal **"https://tendersodisha.gov.in"**.
Any addendum/ Corrigendum/ Cancellation to the above notice will be published in the Govt. website **www.tenderodisha.gov.in**.
Chief Engineer & Basin Manager, Mahanadi Basin, Burla
OIPR-32048/11/0004/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Western Irrigation Circle, Bhawanipatna-766001**
**E-Mail-ID-sewic2012@gmail.com / Phone No.06670-230763**
**NOTICE INVITING TENDER**
**e-Procurement Notice No. ADDLCE, WIC-01/2021-22**
**PERCENTAGE RATE e-TENDER**
No.A-351:- 1. The Additional Chief Engineer, Western Irrigation Circle, Bhawanipatna, Dist.- Kalahandi, Pin- 766001 (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.
2.

| | |
|---|---|
| Package No. | ADDLCE, WIC (KID)01/2021-22 TO ADDLCE, WIC (KID) 02/2021-22 |
| Types of work | 02 (Two) Nos. Flood Protection work under NABARD Asst. Scheme. |
| Approximate value of work | Varies from Rs.151.37 to Rs.122.77 lakhs (Excluding GST) |
| Period of completion | 11 (Eleven) calendar months |
| Classification of bidder | 'B' & 'A' class contractor only |
| Tender documents available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | 13.08.2021 at 11.00 hrs. |
| Bid clarification start date & closing date | 13.08.2021 to 19.08.2021 during office hours |
| Online bid submission closing date and time | 31.08.2021 at 17.00 hrs. |
| Date, time and venue of opening of bid online | 01.09.2021 at 11.00 hrs. Office of the Addl. Chief Engineer, Western Irrigation Circle, Bhawanipatna |
| Date/time of opening of financial bid | To be intimated after evaluation of Technical Bid |

Further details can be seen from Govt. website. Any addendum/ corrigendum / cancellation to the above notice will be published in the Govt. website www.tendersodisha.gov.in only.
Sd./- Additional Chief Engineer, Western Irrigation Circle, Bhawanipatna
OIPR-32178/11/0001/2122

**GOVERNMENT OF ODISHA** No. B-283
**"e"-PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
**Bid Identification No. CE-W.B.P.(O) - 06/2021-22**
1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge works as detailed below:
2. Nature of Work : ROB Work
3. No. of Work : 1 No.
4. Cost of Tender Document : Rs.10,000.00 (On-Line)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 11.08.2021 to 5.00 P.M., 26.08.2021
7. Date of opening of Bid : 27.08.2021 at 11.30 A.M.
8. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any Addendum / Corrigendum / Cancellation of tender can also be seen in the said website.

Sd./- Chief Engineer, World Bank Project, Odisha
OIPR-34003/11/0006/2122

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**KEONJHAR (R&B) CIRCLE, KEONJHAR**
**No.3154/ Date 9.8.2021**
No.B-284:- **INVITATIONS FOR BIDS (IFB)**
**1st Corrigendum to Bid Identification No. C.C.E.K.C., Keonjahr No. 08/2021-22**
**The following amendments are made to the above invitation for Bids (IFB).**
1. Due to unavoidable reasons the bid documents in the website www.tendersodisha.gov.in shall be available from 11.00 hours of 17.08.2021 to 16.00 hours of 02.09.2021 for online bidding.
2. Bids shall be received only "Online" on or before 16.00 hours of 02.09.2021.
3. Bids received "Online" shall be opened at 12.00 hours on 03.09.2021.
4. If the office happens to be closed on the stipulated date of opening of bids as specified, the bids will be opened on the next working day at the same time and venue.

All other conditions remain same.
Sd./- Cheif Construction Engineer Keonjhar (R&B) Circle, Keonjhar
OIPR-34033/11/0011/2122


See Career Appointment on every Wednesday & Saturday

# ସ୍ୱାବଲମ୍ବୀ ହେବାର ଚେଷ୍ଟା ନୂଆ ବାଟ ଦେଖାଇଛି




**ସଫଳ ଚାଷୀ**

**ଉମେଶ ଚନ୍ଦ୍ର ସାହୁ**

ସେ ଜଣେ ଭିନ୍ନକ୍ଷମ। କିନ୍ତୁ କାହା ଉପରେ ନିର୍ଭରଶୀଳ ନୁହନ୍ତି। ସ୍ୱରୋଜଗାରକ୍ଷମ ହୋଇ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ହେଲେ ଉମେଶ ଚନ୍ଦ୍ର ସାହୁ। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବିରଞ୍ଚିପୁର ଅଞ୍ଚଳର ଏହି ଯୁବକ ନିଜ ଉଦ୍ୟମରେ ୪ହଜାର କ୍ଷମତାବିଶିଷ୍ଟ ଏକ ବ୍ରଏଲର କୁକୁଡାଫାର୍ମ କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ପ୍ରାୟ ୨ ଏକର ଜମିରେ ୪ଟି ପୋଖରୀ କରି ମାଛ ଯାଆଁଳ, ପୋଖରୀ ହୁଡାରେ କଦଳୀ, ବାଇଗଣ, କଲରା ଇତ୍ୟାଦି ପରିବା ଚାଷ କରିବା ସହିତ ଶହେ ପାମୋଲିନ ଗଛ ଲଗାଇ ଏହାର ଫଳକୁ ବିକ୍ରି କରୁଛି। ଏହାବ୍ୟତୀତ ସିଜିନ ଅନୁସାରେ ଧାନ ଓ ପନିପରିବା ମଞ୍ଜି ବିହନ ବିକ୍ରି ସହିତ ୪ଏକର ଜମିରେ ଧାନ ଚାଷ ମଧ୍ୟ କରୁଛି। ତେବେ ମାଛ ଓ କୁକୁଡାରୁ ବାର୍ଷିକ ୫ଲକ୍ଷ ଟଙ୍କା ରୋଜଗାର ହେଉଛି।''

ଉମେଶ (ମା–ରମାମଣୀ ଓ ବାପା–ପଦ୍ମଲୋଚନ ସାହୁ)ଙ୍କର ଡାହାଣ ଆଖି ଓ ବାମ ହାତ ଅକ୍ଷମ। ''ଆମେ ୫ଭଉଣୀ ଓ ୨ଭାଇଙ୍କ ମଧ୍ୟରୁ ମୁଁ ସବା ସାନ। ପୂର୍ବରୁ ବାପା ପାରମ୍ପରିକ ହିସାବରେ ଚାଷ କରୁଥିଲେ। ବଡ଼ ପରିବାର ଯୋଗୁ ସର୍ବଦା ଅଭାବ ଲାଗି ରହୁଥିଲା। ଦଶମ ଶ୍ରେଣୀ ପଢ଼ିବା ସମୟରୁ ମୋତେ ପରିବାର ଚିନ୍ତା ଘାରିଥିଲା। ମା' ଦେଇଥିବା ମାତ୍ର ୭ହଜାର ଟଙ୍କାରୁ ଆରମ୍ଭ କରିଥିଲି ନିଜର ଚାଷ କାମ। ପ୍ରଥମେ ୨ଶହ ଅଷ୍ଟ୍ରେଲିଆ କୁକୁଡ଼ା ପାଳନରୁ ବ୍ୟବସାୟ ଆରମ୍ଭ କରିଥିଲି। ୨୦୧୨ର କୁକୁଡା ଫାର୍ମ ଓ ମାଛ ପୋଖରୀ ପ୍ରସ୍ତୁତ କରି ବ୍ୟବସାୟ ଚଳାଇଛି ବୋଲି କହନ୍ତି ସେ।'' ଉମେଶ ଖଇରା କଲେଜରେ ଯୁକ୍ତ୨ ଓ ପରେ ଆଇଟିଆଇ ପାଠ ମଧ୍ୟ ପଢ଼ିଛନ୍ତି। ''ତେବେ ସରକାର ବ୍ୟବସାୟକୁ ଘରୋଇକରଣ କରିଦେଉଥିବାରୁ କଞ୍ଚାମାଲର ଦର ଆଶାତୀତ ବୃଦ୍ଧି ପାଉଛି। ଫଳରେ ତାଙ୍କ ପରି ଛୋଟଛୋଟ ବ୍ୟବସାୟୀମାନେ ପ୍ରଭାବିତ ହେଉଛନ୍ତି। ମାଛ ଓ କୁକୁଡ଼ା ଦାନାର କଞ୍ଚାମାଲ ଦର ବୃଦ୍ଧି ଯୋଗୁଁ ତାଙ୍କ ଆୟ ପୂର୍ବାପେକ୍ଷା ଅଧା ହୋଇଯାଇଛି। ତେଣୁ ଜଣେ ଯୁବକ ବର୍ତ୍ତମାନ ସ୍ୱାବଲମ୍ବୀ ହେବା ପାଇଁ ଚାହିଁଲେ ତାହା କଷ୍ଟକର ହୋଇପଡୁଛି ଉମେଶ।''

**–ସନ୍ତୋଷ କୁମାର ନାୟକ**

# ନଳିତା ଶଢ଼ାଇବା ସମୟରେ...



କାଟିବା ପରେ ନଳିତା ଗଛଗୁଡ଼ିକୁ ପାଣିରେ ୧୦–୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ଲାଗି ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ଲାଗି ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡ଼ିକୁ ୬୦ସେ.ମି. ପାଣିଥିବା ସ୍ଥାନରେ ୨–୩ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫–୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କବକ କଲ୍‌ଚର ବ୍ୟବହାର କରନ୍ତୁ। ଅପରପକ୍ଷେ ନଳିତାଗଛରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ; ଯଦ୍ଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡ଼ି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ଏକଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।

# ବହୁସ୍ତରୀୟ ସଘନ କୃଷି



ପ୍ରତ୍ୟୁଷ ପଣ୍ଡା



''ବହୁସ୍ତରୀୟ ସଘନ କୃଷି କରିବା ପାଇଁ ପ୍ରଥମେ ଗୋଟିଏ ସମତଳ ଭୂମି କିମ୍ବା ନିଜ ଜମିକୁ ସମତଳ ଭୂମିରେ ପରିଣତ କରନ୍ତୁ। ତାକୁ ଭଲ ଭାବରେ ହଳ କଲାପରେ ସେଥିରେ ଗୋବର ଖତ ଦେଇ ଜମି ପ୍ରସ୍ତୁତ କରାଯାଏ। ତୃତୀୟ ଭାଗରେ ଜମିରେ ପ୍ରଥମେ ଭୂମିତଳ ଫସଲ ଅର୍ଥାତ୍ ଅଦା, ଆଳୁ କିମ୍ବା ଚିନାବାଦାମ୍ ମଧ୍ୟରୁ କିଛି ନେବା, ତା' ପରସ୍ପର ଜମିକୁ ଆଚ୍ଛାଦନ କରି ରଖିଥିବା ଏବଂ ତା' ଚେର ଅଧିକ ତଳକୁ ନ ଯାଉଥିବା ଫସଲ ଅର୍ଥାତ୍ ଶାଗ, କିମ୍ବା ଧନିଆଁ ପତ୍ର ଫସଲକୁ ନେବା। ତା'ପରେ ଜମିରେ ବାଉଁଶ ପୋତି ସେଥିରେ ଲତା ଜାତୀୟ ଫସଲକୁ ଲଗାଇପାରିବା। ଶେଷରେ ଏକ ବଡ଼ଗଛ ଅର୍ଥାତ୍ ଅମୃତଭଣ୍ଡା କିମ୍ବା କଦଳୀକୁ ଲଗାଇ ପାରନ୍ତି।''

ଦିନକୁ ଦିନ ଲୋକସଂଖ୍ୟା ବଢ଼ିବା ସହ ଖାଦ୍ୟର ଆବଶ୍ୟକତା ମଧ୍ୟ ବଢ଼ିବାକୁ ଲାଗିଛି, ତା' ସହିତ ଆମ ଚାଷ ଉପଯୋଗୀ ଜମିର ପରିମାଣ ମଧ୍ୟ ହ୍ରାସ ପାଇବାରେ ଲାଗିଲାଣି। ଆମ ଦେଶରେ ଶତକଡା ୮୬% ପ୍ରତିଶତ ଚାଷୀଭାଇ କ୍ଷୁଦ୍ର ଏବଂ ନାମକୁ ମାତ୍ର ଚାଷୀ ଯାହାଙ୍କ ପାଖରେ ୧ ଏକର କିମ୍ବା ୨ ଏକର ଚାଷ ଜମି ଅଛି, ତେଣୁ ଏହି କମ୍ ଚାଷ ଜମିରେ ଆମେ କିପରି ୩ରୁ ୪ ଫସଲ ସ୍ତରସ୍ତର କରି ଲଗାଇ ବର୍ଷକୁ ୮ରୁ ୧୦ ଲକ୍ଷ ଟଙ୍କା ଏକ ଏକରରୁ ରୋଜଗାର କରିପାରିବା। ତାକୁ ବିଚାରକୁ ନେଇ ଏହି ବହୁସ୍ତରୀୟ ସଘନ କୃଷିର ପରିକଳ୍ପନା।

**ବହୁସ୍ତରୀୟ ସଘନ କୃଷି କ'ଣ :** ବହୁସ୍ତରୀୟ ଅର୍ଥ ଅନେକ ସ୍ତରରେ ଅର୍ଥାତ୍ ଜମିର ତଳେ ହୋଇଥିବା ଫସଲ, ଜମିର କିଛି ଉପରେ ହେଉଥିବା ଫସଲ, ଲତା ଜାତୀୟ ଫସଲ ଏବଂ ଏକ ବଡ ଫସଲ ସମସ୍ତ ପ୍ରକାର ଫସଲ ଗୋଟିଏ ଜମିରେ କରିବାକୁ ବହୁ ସ୍ତରୀୟ ସଘନ କୃଷି କୁହାଯାଏ।

**ବହୁସ୍ତରୀୟ ସଘନ କୃଷି କରିବା କିପରି :** ବହୁସ୍ତରୀୟ ସଘନ କୃଷି କରିବା ପାଇଁ ପ୍ରଥମେ ଗୋଟିଏ ସମତଳ ଭୂମି କିମ୍ବା ନିଜ ଜମିକୁ ସମତଳ ଭୂମିରେ ପରିଣତ କରନ୍ତୁ। ତା'ପରେ ତାକୁ ଭଲ ଭାବରେ ହଳ କଲା ପରେ ସେଥିରେ ଗୋବର ଖତ ଦେଇ ଜମି ପ୍ରସ୍ତୁତ କରାଯାଏ। ତୃତୀୟ ଭାଗରେ ଜମିରେ ପ୍ରଥମେ ଭୂମିତଳ ଫସଲ ଅର୍ଥାତ୍ ଅଦା, ଆଳୁ କିମ୍ବା ଚିନାବାଦାମ ମଧ୍ୟରୁ କିଛି ନେବା, ତା' ପରସ୍ପର ଜମିକୁ ଆଚ୍ଛାଦନ କରି ରଖିଥିବା ଏବଂ ତା' ଚେର ଅଧିକ ତଳକୁ ନ ଯାଉଥିବା ଫସଲ ଅର୍ଥାତ୍ ଶାଗ, କିମ୍ବା ଧନିଆଁ ପତ୍ର ଫସଲକୁ ନେବା। ତା'ପରେ ଜମିରେ ବାଉଁଶ ପୋତି ସେଥିରେ ଲତା ଜାତୀୟ ଫସଲ ଲଗାଇବା। ଶେଷରେ ଏକ ବଡଗଛ ଅର୍ଥାତ୍ ଅମୃତଭଣ୍ଡା କିମ୍ବା କଦଳୀକୁ ଲଗାଇ ପାରନ୍ତି।

**ବହୁସ୍ତରୀୟ ସଘନ କୃଷିର ଏକ ମଡେଲ**

ଏହି ବହୁସ୍ତରୀୟ ମଡେଲରେ ବର୍ଷ ପ୍ରାରମ୍ଭରୁ ଜମିକୁ ପ୍ରସ୍ତୁତ କରାଯାଏ। ତା'ପରେ ଫେବୃୟାରୀ ମାସରେ ପ୍ରଥମେ ଅଦାରୋପଣ କରାଯାଏ। ତାକୁ ୩୦X୧୦ ସିଏମ୍ ବ୍ୟବଧାନରେ ରୋପଣ କରିପାରିବା ଏବଂ ଏହି ଭିତରେ ଯେକୌଣସି ଶାଗ ରୋପଣ କରିପାରିବା ଏବଂ ତା'ପରେ ଚିତ୍ରରେ ଥିବାଭଳି ପୂରା ଜମିରେ ବାଉଁଶ ଏବଂ ଘାସ ଦ୍ୱାରା ଛାମୁଣ୍ଡିଆ କରିବା ଏବଂ ଏହି ବାଉଁଶକୁ ଭରାଦେଇ କୁନ୍ଦୁରୀ ଗଛ ଲଗାଇ ପାରିବା ଏବଂ ଶେଷରେ ୧୮X୧୨ ଫୁଟ୍ ବ୍ୟବଧାନରେ ଅମୃତଭଣ୍ଡା ରୋପଣ କରିପାରିବା।



**ଲାଭକ୍ଷତି :** ଏହି କ୍ଷତିର ହିସାବ ଗୋଟିଏ ଏକର ପାଇଁ କରାଯାଇଛି ଯେଉଁ ଗୋଟିଏ ଏକର ଜମିରେ ଆଦୌ ୫୦,୦୦୦ ଟଙ୍କା ଲଗାଇ ଶାଗରୁ ୩ରୁ ୪ ମାସ ଅର୍ଥାତ୍ ଫେବୃୟାରୀରୁ ଜୁନ୍ ମାସ ଭିତରେ ୨ ଲକ୍ଷ ଟଙ୍କା, କୁନ୍ଦୁରୀ ଫେବୃଆରୀ ମାସରୁ ଲାଗିଲେ ନଭେମ୍ବର ମାସ ଯାଏ ଅର୍ଥାତ୍ ଫସଲ ୨୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ଦିଏ ଗୋଟିଏ କିଲୋ କୁନ୍ଦୁରୀକୁ ୧୦ ଟଙ୍କା ହିସାବରେ ୨ ଲକ୍ଷ ଟଙ୍କା, ସେହିପରି ଅମୃତଭଣ୍ଡାରୁ ୨ ଲକ୍ଷ ଟଙ୍କା ଏବଂ ଅଦାରୁ ୩ ଲକ୍ଷ ଟଙ୍କା ଅର୍ଥାତ୍ ୮ରୁ ୯ ଲକ୍ଷ ଟଙ୍କା ରୋଜଗାର କରିପାରିବା ଗୋଟିଏ ଏକରରୁ।

**ବହୁସ୍ତରୀୟ କୃଷି କରିବା କ'ଣ ପାଇଁ**

* ଗୋଟିଏ ଜମିରୁ ବହୁତ ଫସଲ କରି ଅଧିକ ରୋଜଗାର କରିପାରିବା।
* ଫସଲର ସମୟ ବଦଳାଇ ଅଧିକ ରୋଜଗାର କରିପାରିବା ଅର୍ଥାତ୍ ଅଦାର ଅମଳ ଅଗଷ୍ଟ ମାସରେ ହେଲେ ବଜାରରେ ଅଦାର ଫସଲ ନ ଥିବ ତେଣୁ ଅଧିକ ଦରରେ ଅଦାର ବିକ୍ରି ହେବ ଏବଂ ବର୍ଷା ଦିନ ହେତୁ ଅଦାର ଆକାର ବହୁତ ଭଲ ଥିବ।
* ଫସଲରେ ଅଧିକ ପାଣି ଦେବାର ଆବଶ୍ୟକତା କମ୍।
* ଶାଗ ଏକ ଆଚ୍ଛାଦନ ପରି କାମ କରିବ ଯେଉଁଥିପାଇଁ ଘାସ କମ୍ ହେବ।।
* ଚେରର ଗଭୀରତା ଭିନ୍ନ ଭିନ୍ନ ଫସଲର ଭିନ୍ନ ଥିବାରୁ ଜମିର ପ୍ରତି ସ୍ତରରେ ଥିବା ସାର ଏବଂ ଜଳର ପୂର୍ଣ୍ଣ ଉପଯୋଗ ହୋଇପାରିବ। ଅର୍ଥାତ୍ ଶାଗର ଚେର ୫ ସେ.ମି. ତଳକୁ ଯାଇ ସେ ସେଥିରୁ ପର ଖାଦ୍ୟ ଜଳ ସଂଗ୍ରହ କରିବ, ୫ ସେ.ମି.ରୁ ୧୮ ସେ.ମି. ମଧ୍ୟରେ ଅଦାର ପରବର୍ତ୍ତୀ ଆବଶ୍ୟକତା ପୂର୍ଣ୍ଣ କରିବ। ସେହିପରି ଅମୃତଭଣ୍ଡା ୩୦ ସେ.ମି.ରୁ ୬୦ ସେ.ମି. ଏବଂ କୁନ୍ଦୁରୀ ୪୫ ସେ.ମି. ତଳରୁ ନିଜ ଖାଦ୍ୟ ସଂଗ୍ରହ କରିବ।
* ପନିପରିବା ଫସଲରେ କୋଡ଼ାଖୁସାର ଆବଶ୍ୟକତା ଥାଏ କିନ୍ତୁ ଆମେ ଶାଗକୁ ମୂଳରୁ ଉପାଡ଼ିବା ଦ୍ୱାରା ଜମି ନିଜେ ନିଜେ କୋଡ଼ାଖୁସା ହୋଇଯିବ ତେଣୁ କୋଡ଼ାଖୁସାର ଖର୍ଚ୍ଚ ମଧ୍ୟ କମ୍ ପଡ଼ିବ।

**କିଛି ସାବଧାନତା**

* ଖର୍ଚ୍ଚକୁ ବହୁ ପରିମାଣରେ କମ୍ କରିବାକୁ କେବଳ ଜୈବିକ ସାରର ପ୍ରୟୋଗ କରିବା ଉଚିତ।
* ପନିପରିବା ଫସଲର ଦେଶୀ ବିହନକୁ ଉପଯୋଗ କରିବା, ଯାହାଦ୍ୱାରା ଫସଲରେ ରୋଗ ପୋକ ହେବାର ସମ୍ଭାବନା କମ୍ ଏବଂ ଖର୍ଚ୍ଚ ମଧ୍ୟ କମ୍।

ଏହିପରି ଭାବରେ ବହୁସ୍ତରୀୟ ମଡେଲକୁ ଆପଣାଇ ଏକ କ୍ଷୁଦ୍ର ଚାଷୀ ନିଜର ଆୟକୁ ବହୁଗୁଣିତ କରିପାରିବ।

–ଚତୁର୍ଥ ବର୍ଷ କୃଷିଛାତ୍ର, ଭୁବନେଶ୍ୱର
ମୋ: ୭୮୭୩୮୨୭୮୩୦

# ମଲ୍ଲୀ ଗଛରେ ସାର ପ୍ରୟୋଗ

ମଲ୍ଲୀ ଗଛରେ ଅଧିକ ତଥା–ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳର ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଯଦି ଉକ୍ତ ଏସିଡ୍ ନ ମିଳେ ସେରାଡେକସ୍–ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା କରାଯାଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରିପାରିବେ।



# କପା ଚାଷରେ କୋଡ଼ାଖୁସା

କପା ଚାଷ କରୁଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇବାର ବ୍ୟବସ୍ଥା କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ। ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ। ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ।



# ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଆପଣାଇ ପାରିଲେ ଅଧିକ ଅମଳ ମିଳିବ। ଏହି ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ସକାଶେ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।





# ରାଶି ବିହନ ବୁଣିବା ପୂର୍ବରୁ...

ରାଶି ବିହନ ବୁଣିବା ପୂର୍ବରୁ କେତୋଟି ବିଷୟ ପ୍ରତି ନଜର ଦେବା ଆବଶ୍ୟକ। ଏକର ପ୍ରତି ୪ କିଗ୍ରା ରାଶି ବିହନ ଦରକାର ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହିତ ୬କିଗ୍ରା ଯବକ୍ଷାରଜାନ, ୬କିଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା–ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ।



# ଚାଷୀଙ୍କ ପାଇଁ...

ଚାଷୀଭାଇମାନେ ଯଦି ଧାନରୁଆ କାମ ସାରିନାହାନ୍ତି, ତେବେ ଅଗଷ୍ଟ ପ୍ରଥମ ପକ୍ଷ ଶେଷ ସୁଦ୍ଧା ରୁଆକାମ ସମ୍ପୂର୍ଣ୍ଣ କରିଦିଅନ୍ତୁ। ଯେଉଁ ଅଞ୍ଚଳରେ କମ୍ ବର୍ଷା ଯୋଗୁଁ ଜମି ଶୁଖିଲା ହୋଇଯାଇଛି ଏବଂ ଜଳସେଚନର ସୁବିଧା ନାହିଁ, ସେଠି ମାଟିର ବତର ଦେଖି ସାର ପ୍ରୟୋଗ କରିବେ। ଶୁଖିଲା ଜମିରେ ସାର ପ୍ରୟୋଗ କରନ୍ତୁ ନାହିଁ। ଡେରିରେ ରୁଆ କାର୍ଯ୍ୟ କରୁଥିଲେ ଛୋଟ ଧାନ କିସମରେ ୨୫–୩୦ ଦିନର ତଳି ଏବଂ ବଡ଼ ଧାନରେ ୪୫–୫୦ ଦିନର ତଳି ରୋପଣ କଲେ ଅମଳ ବିଶେଷ କମେ ନାହିଁ। ରୋଇବାବେଳେ ବୁଦାପ୍ରତି ୪ରୁ ୫ଟି ତଳି ଅଳ୍ପ ଗଭୀରରେ ସିଧା ଭାବେ ଧାଡି କରି ରୁଅନ୍ତୁ। ଯେଉଁ ଜମିରେ ମାଟିଆଗୁଣ୍ଡି ପୋକ ଦେଖାଯିବାର ଆଶଙ୍କା ଥାଏ, ସେଠାରେ ୮ରୁ ୧୦ ଧାଡ଼ି ଧାନ ରୋଇବା ପରେ ଗୋଟିଏ ଧାଡି ଖାଲି ଛାଡ଼ନ୍ତୁ। ଧାନ ରୋପଣ ଯନ୍ତ୍ରରେ ଧାନ ରୋଇବା ପାଇଁ ମେଟ୍ ବା ଗାଲିଚା ଜାତୀୟ ତଳିଘେରା ପ୍ରସ୍ତୁତ କରନ୍ତୁ। ତଳିଘେରାରେ ଖାଦ୍ୟଶସ୍ୟ ଅଭାବଜନିତ ଲକ୍ଷଣ, ଯେପରିକି ପତ୍ର ହଳଦିଆ କିମ୍ବା ପତ୍ରଅଗ ଖଇରିଆ ପଡିଲେ ୫ ଗ୍ରାମ ଜିଙ୍କ୍ ସଲଫେଟ୍ ସହିତ ୨.୫ ଗ୍ରାମ୍ ୟୁରିଆ ୧ ଲିଟର ପାଣିରେ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ। ଏପରି କଲେ ହୃଷ୍ଟପୁଷ୍ଟ ତଳି ପାଇପାରିବେ।

– ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

## ସଂକ୍ଷେପରେ

### ଡାହାଣୀ କହି ମା' ଝିଅଙ୍କୁ ବାନ୍ଧି ପିଟିଲେ

ଖୁଣ୍ଟା,୧୦।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଗୋଡିଗାଁ ଗ୍ରାମରେ ଡାହାଣୀ ସନ୍ଦେହରେ ସ୍ଥାନୀୟ ଲୋକେ ମା' ଓ ଝିଅଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୩୭/୨୧)ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଗୌରମଣି ମୁର୍ମୁ (୫୫) ନାମ୍ନୀ ଜଣେ ବିବାହିତା ମହିଳା ବାପ ଘର ଗୋଡିଗାଁ ଗ୍ରାମରେ ତାଙ୍କ ମା'ଙ୍କ ସହିତ ରହିଆସୁଥିଲେ। ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ମା' ଝିଅଙ୍କୁ ଡାହାଣୀ ଆଖ୍ୟା ଦେଇ ଆସୁଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଡାହାଣୀ ବୋଲି କହି ଗାଳିଗୁଲଜ କରିବା ସହିତ ଦୁଇହାତ ବାନ୍ଧି ମାଡ଼ ମାରିଥିଲେ। ଦିନ ତମାମ ମା' ଝିଅ ଭୋକ ଉପାସରେ ବନ୍ଧା ହୋଇ ରହିଥିବା ବେଳେ ସନ୍ଧ୍ୟାରେ ସେମାନଙ୍କୁ ମୁକ୍ତ କରାଯାଇଥିଲା। ରାତିରେ ଗୌରମଣି ଏ ସଂକ୍ରାନ୍ତରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବାନ୍ଧି ପକାଇ ତାଙ୍କ ଘରୁ ଅଳଙ୍କାର ଓ ବାସନ କୁସନ ଇତ୍ୟାଦି ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

### ମନ୍ତ୍ରୀଙ୍କୁ କଳା ପତାକା ଦେଖାଇଲେ ମହିଳା

ବଲାଙ୍ଗୀର ଅଫିସ, ୧୦।୮: ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ବଲାଙ୍ଗୀର ଜିଲା ତୁଷରା ଗସ୍ତରେ ଯାଉଥିବାବେଳେ ଜଣେ ମହିଳା ତାଙ୍କୁ କଳା ପତାକା ଦେଖାଇଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ଆଖି ଆଗରେ ରଖି ତୁଷରାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହାସତ୍ତ୍ୱେ ଅଫିସର କଲୋନୀ ଗଳିରେ ମନ୍ତ୍ରୀ ଗାଡିରେ ଯାଉଥିବାବେଳେ ଏହି ଘଟଣା ଘଟିଛି। କଳାପତାକା ଦେଖାଇବା ବେଳର ଭିଡିଓ ଭାଇରାଲ ହୋଇଛି। ପୂର୍ବରୁ ମନ୍ତ୍ରୀଙ୍କ ତୁଷରା ଗସ୍ତ ବେଳେ ଦୁଇଥର କଳା ପତାକା ଦେଖାଯାଇଥିଲା। ମଙ୍ଗଳବାର ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୪ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିଲା।

# ଚାଷୀଙ୍କୁ ବିହନ ନ ବାଣ୍ଟି ନଷ୍ଟ ହେଉଛି

ଖଇରପୁଟ,୧୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲାର କୁଡୁମୁଲୁଗୁମ୍ମା, କୋରକୋଣ୍ଡା ଏବଂ ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ୫୮ଟି ଗ୍ରାମରେ ଆଦିମ ଜନଜାତି ଡିଡାଇ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏହି ସମ୍ପ୍ରଦାୟର ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ବିକାଶ ଲାଗି ଡିଡାଇ ଉନ୍ନୟନ ସଂସ୍ଥା ଗଠିତ ହୋଇଛି। ଏହି ସମ୍ପ୍ରଦାୟର ଲୋକ ଚାଷ ଉପରେ ନିର୍ଭର କରୁଥିବାରୁ ସେମାନଙ୍କୁ ଉନ୍ନତ କିସମର ବିହନ ଯୋଗାଇବାକୁ ସରକାର ବ୍ୟବସ୍ଥା କରିଛନ୍ତି। ହେଲେ ଚାଷୀଙ୍କୁ ବିହନ ବଣ୍ଟନରେ ବ୍ୟାପକ ଅନିୟମିତା ହେଉଛି। ଏପରି କି ଚାଷୀଙ୍କ ଉଦ୍ଦେଶ୍ୟରେ ଆସୁଥିବା ବିହନକୁ ନ ବାଣ୍ଟି ନଷ୍ଟ କରାଯାଉଥିବା ସ୍ଥାନୀୟଅଞ୍ଚଳର ଚାଷୀ ରାମ ପାଙ୍ଗି, ମନୋ ବିଶୋୟୀ ପ୍ରମୁଖ ଅଭିଯୋଗ କରିଛନ୍ତି।

ଡିଡାଇ ସମ୍ପ୍ରଦାୟର ଲୋକମାନେ ମୁଖ୍ୟତଃ ଧାନ, ମାଣ୍ଡିଆ, ଅଦା, ହଳଦୀ, ସୁଆଁ, କନ୍ଦମୂଳ ଆଦି ଖାଦ୍ୟଶସ୍ୟ ଉତ୍ପାଦନ କରି ବଜାରରେ ବିକି ଚଳିଥାନ୍ତି। ଏମାନଙ୍କ ଉନ୍ନତି ନିମନ୍ତେ ଡିଡାଇ ଉନ୍ନୟନ ସଂସ୍ଥାର ଏକ କାର୍ଯ୍ୟାଳୟ କୁଡୁମୁଲୁଗୁମ୍ମାରେ କାର୍ଯ୍ୟ କରୁଛି। ଏହି ସଂସ୍ଥା ଡିଡାଇ ଅଧିବାସୀ ବସବାସ କରୁଥିବା ଗ୍ରାମକୁ ରାସ୍ତାଘାଟ ସହ ଏମାନଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ଏହି ଆଦିମ ଜନଜାତିଙ୍କ ପାଇଁ ଓଡ଼ିଶା ବିକାଶ ନିର୍ବାହ ପ୍ରକଳ୍ପ(ଓପିଲିପି) ମାଧ୍ୟମରେ ୫୮ଟି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ସମିତି (ଭିଡିସି) କାର୍ଯ୍ୟ କରୁଛି। ହେଲେ

**ଡିଡାଇ ଉନ୍ନୟନ ସଂସ୍ଥାରେ ଅନିୟମିତତା**



ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏହି ଜନଜାତିର ଲୋକେ ଅବହେଳିତ ହୋଇ ରହିଛନ୍ତି। ଏପରି କି ଅଦା ହଳଦୀ, କନ୍ଦମୂଳ ଇତ୍ୟାଦି ବିହନ ଡିଡାଇ ଲୋକଙ୍କୁ ପ୍ରଦାନ କରା ନ ଯାଇ ଏଣେତେଣେ ଫିଙ୍ଗିବା ପରି ପକାଇ ରଖାଯାଉଛି। ଯନ୍ତ୍ରୀ ଘାଟରେ ପ୍ରାୟ ୧୪୦ ପ୍ୟାକେଟ ଅଦା, ହଳଦୀ ବିହନ ଗ୍ରାମବାସୀଙ୍କୁ ବାଣ୍ଟିବା ପାଇଁ ମାସେ ତଳୁ ରଖାଯାଇଛି। ଘାଟରେ ପଡ଼ିରହିଥିବାରୁ ଏହା ନଷ୍ଟ ହେବାକୁ ବସିଲାଣି। ତେବେ ଲୋକଦେଖାଣିଆ ଭାବେ ନାକାମାମୁଡି ଏବଂ ଅଣ୍ଡ୍ରାପାଲି ପଞ୍ଚାୟତର କେତେକ ଗ୍ରାମରେ ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ଏହି ବିହନ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ଜଣକୁ ୨/୩ କୁଇଣ୍ଟାଲ ବିହନ ଦେବାକୁ ପ୍ରଶାସନିକ ନିର୍ଦ୍ଦେଶ ଥିବା ବେଳେ ୩ ଜଣଙ୍କୁ ମାତ୍ର ଗୋଟିଏ ବସ୍ତାରେ ଅଦା, ହଳଦୀ ବିହନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଡିଡାଇର ସ୍ୱତନ୍ତ୍ର ଅଧିକାରୀ ତଥା ମାଥିଲି ବିଡିଓ ଆଶିଷ କୁମାର ଭୋଇ କିଛି ଜାଣି ନ ଥିବା କହୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### କୃଷକର ଉନ୍ନତି ଲାଗି ଦକ୍ଷତା ବିକାଶର ଭୂମିକା ମହତ୍ତ୍ୱପୂର୍ଣ୍ଣ: ମନ୍ତ୍ରୀ

ଭୁବନେଶ୍ୱର, ୧୦।୮(ବ୍ୟୁରୋ): କୃଷି ଓ କୃଷକର ଉନ୍ନତି ଦିଗରେ ଦକ୍ଷତା ବିକାଶର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାଷୀଙ୍କୁ ତାଲିମ ଦେବାରେ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପରିଷଦର ସଭାପତି ତଥା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି । କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍)ର ସାଧାରଣ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା କହିଛନ୍ତି। ସାଧାରଣ ପରିଷଦର ବୈଠକ ବର୍ଷକୁ ଦୁଇଥର କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି। କୃଷି ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପବନ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଦିନକରେ ୨ ହାତୀଙ୍କ ମୃତ୍ୟୁ

- ୨ ମାସରେ ଗଲାଣି ୫ ଜୀବନ
- ଜଣାପଡୁନି କାରଣ, ବଢୁଛି ଚିନ୍ତା

କେନ୍ଦୁଝର (ସ୍ୱ.ପ୍ର.)/ କାମାକ୍ଷାନଗର (ଡି.ଏନ୍.ଏ.), ୧୦।୮

କେନ୍ଦୁଝର ଜିଲାରେ ଲଗାତର ହାତୀଙ୍କ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। କେନ୍ଦୁଝର ଜିଲା ଭୂୟାଁ-ଜୁଆଙ୍ଗ ପୀଢ଼ ରେଞ୍ଜ୍ ଏବଂ ଢେଙ୍କାନାଳ ସୀମାନ୍ତ ରଙ୍ଗାଗଡ଼ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ଦୁଇହାତୀଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗତ ୨ ମାସ ମଧ୍ୟରେ ୫ ହାତୀଙ୍କ ମୃତ୍ୟୁ ଘଟିଲାଣି। କେଉଁ କାରଣରୁ ହାତୀଙ୍କ ଏଭଳି ମୃତ୍ୟୁ ହେଉଛି ତାହା ଅସ୍ପଷ୍ଟ ଥିବାବେଳେ, ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ପରିବେଶବିତ୍।

ଭୂୟାଁ-ଜୁଆଙ୍ଗ ପୀଢ଼ ରେଞ୍ଜ୍ ଅନ୍ତର୍ଗତ ପାରାଭାଡ଼ି ଜଙ୍ଗଲରେ ସୋମବାରଠାରୁ ଏକ ମାଈ ହାତୀଟି ମରି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ରେଞ୍ଜ୍ ଅଧିକାରୀ ମାନସ ମୁର୍ମୁ ହାତୀମୃତ୍ୟୁ ବିଷୟରେ ଜାଣି ନ ଥିବା ସୂଚନା ଦେଇଛନ୍ତି। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ ରଙ୍ଗାଗଡ଼ ସଂରକ୍ଷିତ ଜଙ୍ଗଲର ଗହଳମୁଣ୍ଡାରେ ମଙ୍ଗଳବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍‌ରୁ ଅସୁସ୍ଥ ଅବସ୍ଥାରେ ଉକ୍ତ ଦନ୍ତା ସୋମବାର ସକାଳେ ପୂର୍ବାଞ୍ଚଳ ରେଞ୍ଜ୍ ଅଧୀନ ଏକୁଲସେକୁଲ ଅଞ୍ଚଳକୁ ଚାଲି ଆସିଥିଲା। ଗହଳମୁଣ୍ଡା ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ ବିଭାଗ ପକ୍ଷରୁ ହାତୀଟିର ଚିକିତ୍ସା ଆରମ୍ଭ ହୋଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଏହାର ମୃତ୍ୟୁ ଘଟିଥିବା ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି।



## ଶତାଧିକ କଂଗ୍ରେସ, ଭାଜପା କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଓ ଜଟଣୀ ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବହୁ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ସାମିଲ ଅଛନ୍ତି।

ମଙ୍ଗଳବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିର ବହୁ କର୍ମକର୍ତ୍ତା, ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ସମସ୍ତ କଂଗ୍ରେସ ଓ ଭାଜପା ନେତୃବୃନ୍ଦଙ୍କୁ ଦଳକୁ ସ୍ୱାଗତ କରିଥିଲେ। ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ସାଂଗଠନିକ ସମ୍ପାଦକ ଆହ୍ୱାନ ଦେଇଥିଲେ। ଏଥିରେ ବିଜେଡିର ଖୋର୍ଦ୍ଧା ଜିଲା ସଭାପତି ବିଭୂତି ବଳବନ୍ତରାୟ, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହାଦ୍ୱାରା ଦଳ ଅଧିକ ସୁଦୃଢ଼ ହେଲା ବୋଲି ମତପ୍ରକାଶ କରିଥିଲେ। ମିଶ୍ରଣ ପର୍ବରେ ଟାଙ୍ଗୀ ବ୍ଲକର ଜନଜାଗରଣ ମହାମେଣ୍ଟ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଓ ନିରାକାରପୁର ପଞ୍ଚାୟତ ସମିତି ସଭ୍ୟ ବିପିନ କୁମାର ଜୟସିଂହ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶୁଭମ୍ ଦାସ, ରାମେଶ୍ୱର ସରପଞ୍ଚ ପ୍ରମୋଦ ତ୍ରିପାଠୀ, ଭାଜପା ୯ନମ୍ବର ଜିଲା ପରିଷଦ ଜୋନ୍ ସଭ୍ୟ ମମତା ଜେନା, ଡିଆ ସରପଞ୍ଚ ମମତା ବେହେରା, ରାମେଶ୍ୱର ସମିତିସଭ୍ୟା ପ୍ରଭାସିନୀ ସ୍ୱାଇଁ, ଉଜଳା ଗୋପୀନାଥପୁର ସରପଞ୍ଚ ମାନକୁସି ସରକାର,ଉଜଳା ଗୋପୀନାଥପୁର ସମିତି ସଭ୍ୟା ସୁପ୍ରିୟା ମାଦଳ, ସୁନ୍ଦରପୁର ପଞ୍ଚାୟତ ସଭ୍ୟ ଯୁଧିଷ୍ଠିର ସାହୁ, ଭୂଷଣ୍ଡପୁର ପଞ୍ଚାୟତ ସଭ୍ୟ ରାଜକିଶୋର ନାୟକ, ପୂର୍ବତନ ସରପଞ୍ଚ ପ୍ରଭାକର ରାଉତରାୟଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଜଟଣୀ ନିର୍ବାଚନ ମଣ୍ଡଳୀର ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ କୁମାର ନାୟକ, ଛତାବର ସମିତିସଭ୍ୟା ମୋହିନୀ ନାୟକ, କଂଗ୍ରେସର ପୂର୍ବତନ ସମିତି ସଭ୍ୟ ଦିଲୀପ ବେହେରା, କଂଗ୍ରେସ ୱାର୍ଡ ସଭ୍ୟ ଭାଗୀରଥି ବେହେରା, ଅର୍ପୀ ସାହୁ, କଂଗ୍ରେସ ଦଳିତ ମହାସଂଘ ସଭାପତି ରଘୁନାଥ ନାୟକ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ ।




ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ ଓ ଭାଜପା କର୍ମୀମାନେ ।

## ଖେଳ ଖବର

# ବିଶ୍ୱ ଚାମ୍ପିୟନଶିପ୍ ଉପରେ ନୀରଜଙ୍କ ନଜର

ନୂଆଦିଲ୍ଲୀ,୧୦।୮(ପି.ଟି.)

ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିବା ନୀରଜ ଚୋପ୍ରା ଏବେ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଉପରେ ନଜର ରଖିଛନ୍ତି। ଭାରତର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍ଲେଟ ଭାବେ ଅଲିମ୍ପିକ୍ସରେ ପ୍ରଥମ ପଦକ ହାସଲ କରିଥିବା ନୀରଜ ପୂର୍ବରୁ ମଧ୍ୟ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ଟାଇଟଲ ହାସଲ କରିଥିଲେ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଭାରତୀୟ କ୍ରୀଡ଼ାର ପୋଷ୍ଟର ବୟ ତଥା ସୁପରଷ୍ଟାର ବନିଯାଇଥିବା ନୀରଜ ଏବେ ଆସନ୍ତାବର୍ଷ ଆମେରିକାରେ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ ଉପରେ ଫୋକସ କରିଛନ୍ତି।

ଆମେରିକାର ୟୁଗେନେରେ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଯିବା ଫଳରେ ବିଶ୍ୱ ଚାମ୍ପିୟନଶିପ୍‌କୁ ମଧ୍ୟ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ଏବେ ଏହି ମେଗା ଇଭେଣ୍ଟ ଆସନ୍ତାବର୍ଷ ଜୁଲାଇ ୧୫ରୁ ୨୪ ମଧ୍ୟରେ ଆୟୋଜନ ହେବ।

ଏସିଆନ ଚାମ୍ପିୟନଶିପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏବେ ଅଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛି। ଏବେ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଚାହୁଁଛି ବୋଲି ଆଥ୍ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ନୀରଜ କହିଛନ୍ତି। ଶନିବାର ନୀରଜ ୮୭.୫୮ ମିଟର ଜାଭେଲିନ ଥ୍ରୋ କରି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବିଶ୍ୱ ଚାମ୍ପିନୟନଶିପ୍ ହେଉଛି ଏକ କଷ୍ଟକର ତଥା ହାଇପ୍ରୋଫାଇଲ ଇଭେଣ୍ଟ। ଏହା ଅଲିମ୍ପିକ୍ସଠାରୁ ମଧ୍ୟ ଅଧିକ କଷ୍ଟକର ତଥା ଗୁରୁତ୍ୱପୂର୍ଣ୍ଣ ବୋଲି ନୀରଜ କହିଛନ୍ତି। ସେହିପରି ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସଠାରୁ ଆହୁରି ଅଧିକ ଭଲ ପ୍ରଦର୍ଶନ କରି ପୁଣି ସ୍ୱର୍ଣ୍ଣ ଜିତିବାକୁ ଚାହୁଁଛି ବୋଲି ସେ କହିଛନ୍ତି।

୨୦୧୫ରେ କେରଳରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିବା ପରେ ଏଏଫ୍‌ଆଇ ମୋଟ ଜାତୀୟ କ୍ୟାମ୍ପରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା ବୋଲି ୨୩ ବର୍ଷୀୟ ନୀରଜ କହିଛନ୍ତି। ୨୦୧୫ରେ ଜାତୀୟ କ୍ୟାମ୍ପରେ ଯୋଗ ଦେବା ପୂର୍ବରୁ ନୀରଜ ପଞ୍ଚକୁଲାର ତଉ ଦେବୀ ଲାଲ ଷ୍ଟାଡିୟମରେ ଟ୍ରେନିଂ ନେଉଥିଲେ। ଏହାପୂର୍ବରୁ ସେ ପାନିପତସ୍ଥିତ ଶିବାଜୀ ଷ୍ଟାଡିୟମରେ ଅଭ୍ୟାସ କରୁଥିଲେ। ପଞ୍ଚକୁଲାରେ ଆମେ ଟ୍ରେନିଂ ନେଉଥିଲୁ। ତେବେ ସେଠାରେ ସୁବିଧା ସୁଯୋଗ, ସରଞ୍ଜାମ, ଭଲ ଖାଦ୍ୟପେୟର ଉପଲବ୍ଧ ନ ଥିଲା। କିନ୍ତୁ ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ)ରେ ଜାତୀୟ କ୍ୟାମ୍ପରେ ଯୋଗଦେବା ପରେ ସବୁକିଛି ବଦଳିଯାଇଥିଲା ବୋଲି ସେ କହିଛନ୍ତି। ଜାତୀୟ କ୍ୟାମ୍ପରେ ଯୋଗ ଦେବା ପରେ ସବୁକିଛି ଉପଲବ୍ଧ ହୋଇଥିଲା। ଭଲ ସୁବିଧା ସୁଯୋଗ ସହିତ ସରଞ୍ଜାମ ଓ ଭଲ ଡାଏଟ ମିଳିଥିଲା। ଦେଶରେ ଶ୍ରେଷ୍ଠ ଜାଭେଲିନ ଥ୍ରୋୟରଙ୍କ ସହିତ ଟ୍ରେନିଂ ନେବାର ସୁଯୋଗ ପାଇଥିଲି। ଏହାର ଅନୁଭୂତି ନିଆରା ଥିଲା। ଜାତୀୟ କ୍ୟାମ୍ପରେ ଯୋଗ ଦେବା ପରେ କ୍ୟାରିୟରରେ ପରିବର୍ତ୍ତନ ଆସିଥିଲା। ଏଥିପାଇଁ ଏଏଫ୍‌ଆଇକୁ ସେ କୃତଜ୍ଞତା ଜଣାଇଛନ୍ତି। ଜାତୀୟ କ୍ୟାମ୍ପରେ ନୀରଜ ସ୍ୱର୍ଗତ ଅଷ୍ଟ୍ରେଲୀୟ କୋଚ୍ ଗ୍ୟାରୀ କାଲଭର୍ଟଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଇଥିଲେ। ଏହାପରେ ସେ ପୂର୍ବତନ ବିଶ୍ୱ ରେକର୍ଡଧାରୀ ଉୱେ ହୋନଙ୍କ ତତ୍ତ୍ୱାବଧାନରେ କୋଚିଂ ନେଇଥିଲେ। ଏଥିସହ ସେ ବାୟୋ-ମେକାନିକ୍ସ ଏକ୍ସପର୍ଟ କ୍ଲାଉସ ବେର୍ଟୋନିଏଜଙ୍କ ପରାମର୍ଶରେ ଟ୍ରେନିଂ ନେଇଥିଲେ। କ୍ଲାଉସ୍ ମଧ୍ୟ ନୀରଜଙ୍କ ସହ ଟୋକିଓ ଯାତ୍ରା କରିଥିଲେ। ହୋନ ସାରଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ତାଙ୍କ ତତ୍ତ୍ୱାବଧାନରେ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲି। ଆଥ୍ଲେଟଙ୍କ ଶରୀରକୁ ଦୃଷ୍ଟିରେ ରଖି କ୍ଲାଉସ୍ ଟ୍ରେନିଂ ଦେଇଥାନ୍ତି। ସେ ବିଭିନ୍ନ ଦେଶର ଆଥ୍ଲେଟଙ୍କ ସହ କାର୍ଯ୍ୟ କରି ବେଶ୍ ସଫଳ ରହିଛନ୍ତି। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛି ବୋଲି ବିଶ୍ୱାସ କରିପାରି ନ ଥିଲି। ଏହା ମୋ ପାଇଁ ସ୍ୱପ୍ନ ସଦୃଶ ଥିଲା। ଜାଭେଲିନ ଥ୍ରୋ କରିବା ବେଳେ ଆଙ୍ଗଲ ପରିବର୍ତ୍ତନ କରିବାକୁ ପ୍ରୟାସ କରିବି। ଏହା ହେଲେ ୯୦ ମିଟର ମାର୍କ ପାର କରିବି। ୯୦ ମିଟର ମାର୍କ ହେଉଛି ମୋର ପ୍ରଥମ ଲକ୍ଷ୍ୟ। ଏଥିପାଇଁ କୋଚ୍‌ଙ୍କ ସହ କାର୍ଯ୍ୟ କରିବି ବୋଲି ନିରଜ ପ୍ରକାଶ କରିଛନ୍ତି।




## ଭୁବନେଶ୍ୱର ବି, କଟକ ଏ, ଯାଜପୁର ବିଜୟୀ

**କଳାହାଣ୍ଡି କପ୍ କ୍ରିକେଟ**

ଭୁବେନଶ୍ୱର,୧୦।୮(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଦିନିକିଆ ଫର୍ମାଟ୍‌ରେ ଚାଲିଥିବା କଳାହାଣ୍ଡି କପ୍ ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଭୁବନେଶ୍ୱର ବି, କଟକ ଏ, ଯାଜପୁର ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ବି ୧୩୦ ରନରେ ପୁରୀକୁ ହରାଇଛି। ସେହିପରି ବଲାଙ୍ଗୀର ୩୯ ରନରେ ଝାରସୁଗୁଡାକୁ, ବରଗଡ଼ ୪ ଉଇକେଟରେ ସୋନପୁରକୁ, କଟକ ଏ ୨୩୬ ରନରେ ପାରାଦୀପକୁ, ଯାଜପୁର ୫୭ ରନରେ କିଟ୍‌କୁ, କେନ୍ଦୁଝର ୬୪ ରନରେ କନ୍ଧମାଳକୁ ପରାସ୍ତ କରିଛି। ସେହିପରି ଅନ୍ୟ ମ୍ୟାଚଗୁଡିକରେ ଜଗତ୍‌ସିଂହପୁର ୫ ଉଇକେଟରେ ଗଜପତିକୁ, ରାଉରକେଲା ୧୩୭ ରନରେ ରାୟଗଡାକୁ, ମୟୂରଭଞ୍ଜ ୩ ଉଇକେଟରେ ସମ୍ବଲପୁରକୁ ହରାଇଛି।

**୧୬ ବର୍ଷରୁ କମ୍ କ୍ରିକେଟ: ଭୁବନେଶ୍ୱର ଏ, ଖୋର୍ଦ୍ଧା, ସୋନପୁର ବିଜୟୀ**

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଭୁବନେଶ୍ୱର ୧୫୫ ରନରେ ନୟାଗଡକୁ, ନୂଆପଡା ୫ ଉଇକେଟରେ ଗଜପତିକୁ, ଖୋର୍ଦ୍ଧା ୫ ରନରେ ଦେବଗଡକୁ, ଝାରସୁଗୁଡା ୭ ଉଇକେଟରେ ବଲାଙ୍ଗୀରକୁ, ସୋନପୁର ୯ ରନରେ ବରଗଡକୁ ହରାଇଛି।

## ବିଶ୍ୱ ରେକର୍ଡ ଭାଙ୍ଗିଲେ ଭାରତୀୟ

**୧୮ ବର୍ଷରୁ କମ୍ କମ୍ପାଉଣ୍ଡ ଆର୍ଚରୀ**

ୱାରସ, ୧୦।୮ (ପି.ଟି.): ଏଠାରେ ଚାଲିଥିବା ୱାର୍ଲ୍ଡ ୟୁଥ୍ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭାରତୀୟ କମ୍ପାଉଣ୍ଡ ବାଳିକା ଓ ମିକ୍ସଡ ଟିମ୍ ସେମାନଙ୍କ ର୍‍ୟାଙ୍କିଙ୍ଗ ରାଉଣ୍ଡରେ ମଙ୍ଗଳବାର ୧୮ ବର୍ଷରୁ କମ୍ ବିଭାଗରେ ଦୁଇଟି ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ପ୍ରିୟା ଗୁର୍ଜାର, ପ୍ରଣିତ କୌର ଓ ରିଧୁ ସେନ୍ଥିଲକୁମାରଙ୍କୁ ନେଇ ବାଳିକା ଦଳ ମୋଟ ୨୦୬୭ ସ୍କୋର କରି ପୁରୁଣା ରେକର୍ଡକୁ ୨୨ ପଏଣ୍ଟ ବ୍ୟବଧାନରେ ଭାଙ୍ଗି ଦେଇଛନ୍ତି। ମିକ୍ସଡ ପେୟାର ବିଭାଗରେ ପ୍ରିୟା ଓ କୁଶାଲ ଦଲାଲ (୭୦୫) ମିଳିତ ଭାବେ ୧୪୦୧ ସ୍କୋର କରି ଡାନିଶ ଯୋଡ଼ି ନାତାଚା ଷ୍ଟୁଜ୍ ଓ ମାଥିଆସ ଫୁଲରଟନଙ୍କ ରେକର୍ଡ (୧୩୮୭୦) ଭଙ୍ଗ କରିଛନ୍ତି। ଡାନିଶ ଯୋଡ଼ି ୨୦୧୯ ମାଡ୍ରିଡ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ବିଶ୍ୱ ରେକର୍ଡ କରିଥିଲେ।

## ଏନ୍‌ସିଏ ମୁଖ୍ୟ ପଦବୀ ପାଇଁ ପୁଣି ଆବେଦନ କରିପାରନ୍ତି ଦ୍ରାବିଡ୍

ନୂଆଦିଲ୍ଲୀ, ୧୦।୮ (ପି.ଟି.)

ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ପାଇଁ ଦରଖାସ୍ତ ଆହ୍ୱାନ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ବର୍ତ୍ତମାନ ଏହି ପଦବୀରେ ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଅଛନ୍ତି। ଭାରତୀୟ କ୍ରିକେଟ ଦଳର ବେଞ୍ଚ ଷ୍ଟ୍ରେନ୍ଥ ବୃଦ୍ଧିରେ ତାଙ୍କର ଅବଦାନ ରହିଛି। ୧୯ ବର୍ଷରୁ କମ୍ ଏବଂ ଏ'ଦଳର କୋଚ୍ ଭାବେ ଜୁନିୟର ଖେଳାଳିଙ୍କ ସହ କାର୍ଯ୍ୟ କରିବା ପରେ ୨୦୧୯ ଜୁଲାଇରେ ସେ ଏନସିଏର ମୁଖ୍ୟ ଭାବେ ନିଯୁକ୍ତି ପାଇଥିଲେ। ପ୍ରୋଟୋକଲ ଅନୁସାରେ ତାଙ୍କ ୨ ବର୍ଷିଆ ଚୁକ୍ତି ଶେଷ ହୋଇଥିବାରୁ ବିସିସିଆଇ ଏହି ପଦବୀ ପାଇଁ ସାନି ଦରଖାସ୍ତ ଆହ୍ୱାନ କରିଛି। ଦ୍ରାଭିଡ ସମ୍ଭବତଃ କାର୍ଯ୍ୟକାଳ ମିଆଦ ୨ବର୍ଷ ବୃଦ୍ଧି ପାଇଁ ପୁନଃ ଆବେଦନ କରିପାରନ୍ତି। ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୧୫ ରଖାଯାଇଛି। ଅନ୍ୟପକ୍ଷରେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଟି୨୦ ବିଶ୍ୱକପ୍ ପରେ ୨୦୨୧ ନଭେମ୍ବରରେ ଶେଷ ହେଉଛି। ଦ୍ରାଭିଡଙ୍କୁ ମୁଖ୍ୟ କୋଚ୍ ପଦବୀକୁ ପଦୋନ୍ନତିର ଯଥେଷ୍ଟ ସମ୍ଭାବନା ରହିଛି।

## ଚେନ୍ନାଇନ ଏଫ୍‌ସି ଦଳରେ ଏରିଏଲ

ଚେନ୍ନାଇ, ୧୦।୮ (ପି.ଟି.): ଆସନ୍ତା ସିଜନ ପାଇଁ ପୂର୍ବତନ ବୁନ୍ଦେସଲିଗା ମିଡ୍‌ଫିଲ୍ଡର ଏରିଏଲ୍ ବୋରିସୁଇକ୍‌ଙ୍କୁ ବର୍ଷିକିଆ ଚୁକ୍ତି କରିଛି ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଚାମ୍ପିୟନ ଚେନ୍ନାଇନ ଏଫ୍‌ସି। ବୋରିସୁଇକ୍ ତାଙ୍କ ଦୀର୍ଘ ୧୪ ବର୍ଷର ପ୍ରଫେସନାଲ କ୍ୟାରିୟରରେ ୩୫୦ କ୍ଲବ ମ୍ୟାଚ ଖେଳିଛନ୍ତି। ଚେନ୍ନାଇନ ଏଫ୍‌ସିରେ ଯୋଗ ଦେବା ପୂର୍ବରୁ ସେ ପୋଲାଣ୍ଡର ଜାଗିଲୋନିଆ ବିୟାଲିସ୍ତୋକ୍ ଦଳ ତରଫରୁ ୨ ବର୍ଷ ଖେଳିଥିଲେ। ୨୦୧୦ରେ ଏକ ସିନିୟର ଦଳରେ ପଦାର୍ପଣ ପୂର୍ବରୁ ସେ ଜୁନିୟର ସ୍ତରରେ ପୋଲାଣ୍ଡ ତରଫରୁ ୧୭ ବର୍ଷରୁ କମ୍ ଏବଂ ୨୧ ବର୍ଷରୁ କମ୍ ଦଳରେ ଖେଳିଛନ୍ତି। ପୋଲାଣ୍ଡ ତରଫରୁ ସେ ୧୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଚେନ୍ନାଇନ୍ ଏଫ୍‌ସି ସହମାଲିକ ଭିଟା ଡାନି କହିଛନ୍ତି, ଏରିଏଲ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ପାଇ ଆମେ ଆନନ୍ଦିତ। ଆସନ୍ତା ସିଜନରେ ଦଳ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା।



## ଆମ୍ବ୍ରି ଆଇଏନ୍‌ସିରେ ରିଲାଏନ୍ସର ନିବେଶ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍(ଆର୍‌ଆଇଏଲ୍)ର ସମ୍ପୂର୍ଣ୍ଣ ଅଧିକୃତ ସହଯୋଗୀ ସଂସ୍ଥା ରିଲାଏନ୍ସ ଏନର୍ଜି ସୋଲାର ଲିମିଟେଡ୍ ପକ୍ଷରୁ ଆମ୍ବ୍ରି ଆଇଏନ୍‌ସିରେ ୧୪ କୋଟି ଡଲାର ନିବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଶକ୍ତି ସଂରକ୍ଷଣ ସିଷ୍ଟମ ବିକଶିତ କରିବାରେ ଏହା ସହାୟକ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

**ସଂକ୍ଷେପରେ**

### ସେଣ୍ଟ୍ରାଲ ବ୍ୟାଙ୍କର ଅଭିନବ ଋଣ ସୁବିଧା

**ମୁମ୍ବାଇ,୧୦।୮:** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ପକ୍ଷରୁ ବ୍ୟାଙ୍କର ପ୍ରତିଷ୍ଠାତା ସାର ସୋରାବଜୀ ପୋଚଖାନାୱାଲାଙ୍କର ୧୪୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ସୋମବାର ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟକାର୍ଯ୍ୟାଳୟର ଐତିହ୍ୟ ସୌଧରେ ତାଙ୍କର ଜନ୍ମ ଦିବସକୁ କୋଭିଡ କଟକଣା ମଧ୍ୟରେ ପାଳନ କରାଯାଇଛି। ଏହି ପବିତ୍ର ଦିବସ ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଏମ.ଭି ରାଓଙ୍କ ସମେତ ଅନ୍ୟ ନିର୍ବାହୀ ନିର୍ଦ୍ଦେଶକଗଣ ଏବଂ ବହୁ ମାନ୍ୟଗଣ୍ୟ ଅତିଥି ଏବଂ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କ ସହ ବ୍ୟାଙ୍କର କର୍ମଚାରୀ ଓ ଗ୍ରାହକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ମିସ୍‌ଡ କଲ ସେବାର ଶୁଭାରମ୍ଭ କରାଯାଇଥିଲା। ଫଳରେ ଏହା ଜରିଆରେ ଋଣ ସୁବିଧା ସହ ବ୍ୟାଙ୍କର ଅନ୍ୟ ସେବାଗୁଡ଼ିକ ମଧ୍ୟ ପାଇପାରିବେ। ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ୯୨୨୩୯୦୧୧୧୧ କୁ ଡାଏଲ କରି ଗ୍ରାହକ ଋଣ ସମ୍ପର୍କିତ ସମସ୍ତ ସୂଚନା ପାଇପାରିବେ।

### ଓଡ଼ିଶାରେ ମୋଦି କେୟାରର ବିକ୍ରି ଅଭିବୃଦ୍ଧି

**ଭୁବନେଶ୍ୱର,୧୦।୮:** ମହାମାରୀ ସମୟରେ ପରିସ୍ଥିତିର ମୁକାବିଲା କରିବା ସହ ମୋଦି କେୟାର ଲିମିଟେଡ୍ ଗତ ଏକ ବର୍ଷ ଭିତରେ ଓଡ଼ିଶାରେ ବିକ୍ରିରେ ୫୨% ଅଭିବୃଦ୍ଧି ହାସଲ କରାଯାଇଛି। କମ୍ପାନୀ ଗତବର୍ଷ ଓଡ଼ିଶାରେ୧୬୦ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଚଳିତ ବର୍ଷ ୨୧୫ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଏହା ଲକ୍ଷ୍ୟ ରଖିଛି। କମ୍ପାନୀ ରୌପ୍ୟ ଜୟନ୍ତୀ ପାଳନ କରୁଥିବା ବେଳେ ଏଭଳି ସଫଳତା ହାସଲ କରିଛି। ୧୯୯୬ରେ ଆରମ୍ଭ ହୋଇଥିବା ମୋଦି କେୟାର ହେଉଛି ଭାରତରେ ପ୍ରତ୍ୟକ୍ଷ ବିକ୍ରି ଶିଳ୍ପର ଏକ ପ୍ରମୁଖ କମ୍ପାନୀ। ବିଶ୍ୱସ୍ତରୀୟ ଉତ୍ପାଦ ବର୍ଗମାଳା ଓ ଦୃଢ଼ କନ୍‌ସଲଣ୍ଟାଣ୍ଟ ସଂଖ୍ୟା ସହ ମୋଦି କେୟାର ଉଲ୍ଲେଖନୀୟ ଗତିରେ ଆଗକୁ ବଢ଼ିଛି ବୋଲି ଏହାର ସିଇଓ ସମୀର ମୋଦି କହିଛନ୍ତି।

# ନୂଆ ରେକର୍ଡ ସ୍ତରରେ ପୁଞ୍ଜିବଜାର

**ମୁମ୍ବାଇ, ୧୦।୮**

ଦେଶର ପୁଞ୍ଜିବଜାର ନୂଆ ରେକର୍ଡ ସ୍ତରରେ ରହିଛି। ବଜାର ରେକର୍ଡ ଉଚ୍ଚ ସ୍ତରରେ ରହି ବନ୍ଦ ହୋଇଛି। ସେନ୍‌ସେକ୍ସ

**୫୪,୭୭୯ ପଏଣ୍ଟ ସ୍ତରରେ ସେନ୍‌ସେକ୍ସ**

୫୪,୭୭୯.୬୬ ପଏଣ୍ଟ ଏବଂ ନିଫ୍ଟି ୧୬,୩୫୯.୨୫ ପଏଣ୍ଟ ସ୍ତର ଛୁଇଁଥିଲା। ସେନ୍‌ସେକ୍ସ ୧୫୧.୮୧ ପଏଣ୍ଟ ସ୍ତର ଉଚ୍ଚରେ ରହି ୫୪,୫୫୪.୬୬ ପଏଣ୍ଟ ଏବଂ ନିଫ୍ଟି ୨୧.୮୫ ପଏଣ୍ଟ ସ୍ତର ଉଚ୍ଚରେ ରହି ୧୬,୨୮୦.୧୦ ପଏଣ୍ଟରେ ବନ୍ଦ ହୋଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସର ୧୫ ଶେୟାର ଭଲ କାରବାର କରିଥିବା ବେଳେ ୧୫ ଶେୟାରର କାରବାର ପ୍ରଭାବିତ ରହିଛି। ଭାରତୀ ଏୟାରଟେଲର ଶେୟାର ୩.୭୩% ବୃଦ୍ଧି ଦେଖାଯାଇଛି। ସେହିଭଳି ଟେକ୍ ମହିନ୍ଦ୍ରାର ଶେୟାର ୨.୬୫% ଭଲ କାରବାର କରିଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ରେ ଆଇଟି ସୂଚକାଙ୍କ ୦.୮୭% ବୃଦ୍ଧି ହୋଇଛି। ଟେକ୍ ମହିନ୍ଦ୍ରା ଶେୟାର ୨.୭୬% ବଢ଼ିଛି। ବଜାରକୁ ଆଇଟି ଶେୟାର କାରବାର ସହାୟତା କରିଛି। ସୋମବାର ବିଦେଶୀ ସଂସ୍ଥାଗତ ନିବେଶକମାନେ ୨୧୧ କୋଟି ଟଙ୍କା କାରବାର କରିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ୩୩୩୪ ଶେୟାର କାରବାର ହୋଇଛି। ୭୦୯ଟି ଶେୟାରର କାରବାର ଉର୍ଦ୍ଧ୍ୱଗାମୀ ରହିଛି। ୨୫୫୯ଟି ଶେୟାରର କାରବାର ଖସିଛି। ଏହି ସମୟରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜୀକରଣ ୨୩୬.୮୨ ଲକ୍ଷ କୋଟି ଟଙ୍କା ରହିଛି।

ଏହା ପୂର୍ବରୁ ସୋମବାର ପୁଞ୍ଜିବଜାର ରେକର୍ଡ ସ୍ତରରେ ମଧ୍ୟ ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ପୁଞ୍ଜିବଜାର ଉର୍ଦ୍ଧ୍ୱଗାମୀ ହୋଇ ଚାଲିଛି। ବଜାରର କଟକଣା କୋହଳ ହେବା ସହ ବିଦେଶୀ ବଜାରର ପ୍ରଭାବ ଭାରତୀୟ ପୁଞ୍ଜିବଜାର ଉପରେ ପଡ଼ିଛି। କମ୍ପାନୀଗୁଡ଼ିକର ତ୍ରୈମାସ ଲାଭରେ ଉନ୍ନତି ହେବା ସହ କରୋନା ମାମଲା ବର୍ତ୍ତମାନ ସୁଧାରକୁ ଆସୁଛି। ମୋଟାମୋଟି ଭାବେ କହିବାକୁ ଗଲେ ନିବେଶକଙ୍କ ମନୋଭାବ ସକାରାତ୍ମକ ରହିଥିବାରୁ ଭାରତୀୟ ବଜାର ଉପରେ ଏହାର ପ୍ରଭାବ ଭଲ ରହିଛି।




# ପ୍ରଥମ ତ୍ରୈମାସରେ ୧.୬୭ ଲକ୍ଷ କୋଟିର ଜିଏସ୍‌ଟି

**ମୁମ୍ବାଇ, ୧୦।୮**

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ) ଅବଧିରେ କେନ୍ଦ୍ର ସରକାର ୧.୬୭ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ୨୦୨୧-୨୨ରେ ଜିଏସ୍‌ଟି ଆଦାୟ ୬.୩୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ସରକାର ବଜେଟରେ କହିଛନ୍ତି। ପ୍ରଥମ ତ୍ରୈମାସରେ ସଂଗ୍ରହ ହୋଇଥିବା ଜିଏସ୍‌ଟି ପରିମାଣର ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୨୬.୬% ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଲୋକସଭାକୁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୦-୨୧ରେ ୫.୪୮ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଥିଲା। ଏହା ସଂଶୋଧିତ ଅନୁମାନର ୯୭.୮% ରହିଛି।

ଚୌଧରୀ କହିଛନ୍ତି ଯେ, ଟିକସ ଜନିତ ରାଜସ୍ୱ ବଢ଼ାଇବା ଲାଗି ସରକାର ଜୋରଦାର ପ୍ରୟାସ କରୁଛନ୍ତି।




# ସେଞ୍ଚୁରିଆନ ୟୁନିଭର୍ସିଟି ପୁରସ୍କୃତ



**ଭୁବନେଶ୍ୱର,୧୦।୮**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମହାତ୍ମା ଗାନ୍ଧୀ ନ୍ୟାଶନାଲ କାଉନସିଲ ଅଫ୍ ରୁରାଲ ଏଡୁକେଶନ ଦ୍ୱାରା 'ୱାନ୍ ଡିଷ୍ଟ୍ରିକ ୱାନ୍ ଗ୍ରୀନ୍ ଚାମ୍ପିୟନ' ସମ୍ମାନରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସମ୍ମାନିତ ହୋଇଛି। ସ୍ୱଚ୍ଛତା ଆକ୍ସନ ପ୍ଲାନ୍ ୨୦୨୦-୨୧ ଅଧୀନ ଅନୁଷ୍ଠାନ ଏଭଳି ପୁରସ୍କାର ପାଇବାକୁ ସକ୍ଷମ ହୋଇଛି। ୨୦୨୦-୨୧ରେ ସାରା ଭାରତରୁ ୪୦୦ କଲେଜର ମଧ୍ୟରେ ବିଶ୍ୱବିଦ୍ୟାଳୟର ନାମ ସ୍ଥାନ ପାଇଛି। ବିଶ୍ୱବିଦ୍ୟାଳୟ ଓଡ଼ିଶାର ଗଜପତି ଜିଲାରେ ସବୁଠାରୁ ସ୍ୱଚ୍ଛ କ୍ୟାମ୍ପସ ଭାବେ ମନୋନୀତ ହୋଇଛି। ବିଶ୍ୱବିଦ୍ୟାଳୟ ସର୍ବଦା ପରିବେଶ ସଚେତନତା ଏବଂ ଧାରଣୀୟ ଜୀବନଯାପନକୁ ଅଗ୍ରାଧିକାର ଦିଏ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ସେଞ୍ଚୁରିଆନ ସର୍ବଦା ଟେକ୍ନୋଲୋଜି ଓ ଶିକ୍ଷାର ଅଗ୍ରଗତି ସହ ପରିବେଶର ମହତ୍ତ୍ୱ ସ୍ୱୀକାର କରିବା ଏବଂ ଏହାକୁ ସୁରକ୍ଷା ଦେବା ଉପରେ କାର୍ଯ୍ୟ କରୁଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଏହି ପୁରସ୍କାର ଘୋଷଣା କରିବା ସହ ଏହାକୁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଏମ୍‌ଜିଏନ୍‌ସିଆର୍‌ଇ କୋଅର୍ଡିନେଟର ତୃପ୍ତି ପଣ୍ଡା ଏହି କାର୍ଯ୍ୟକ୍ରମର ସ୍ୱାଗତ ଏବଂ ସଂଯୋଜନା କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଭାରତ ମସଲା ପକ୍ଷରୁ ବିପର୍ଯ୍ୟୟ ସଚେତନତା

**କଟକ,୧୦।୮**

କ୍ରାନ୍ତି ଦିବସ ଆଧାରରେ ସ୍ଥାନୀୟ ରାମଦାସପୁରର 'ଜୟ ଭାରତ ସ୍ପାଇସେସ୍ ଲିମିଟେଡ୍' ପରିସରରେ ଭାରତ ମସଲା ଓ ଏନ୍‌ଡିଆର୍‌ଏଫ୍ (୩ୟ ବାଟାଲିୟନ)ର ମିଳିତ ସହଯୋଗରେ 'ଆଜାଦ କା ଅମୃତ ମହୋତ୍ସବ'ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍‌ର ଅଧିକାରୀ ଅରବିନ୍ଦ ଗଜରାଜ, ଡିପି ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ମସଲାର କର୍ମଚାରୀମାନଙ୍କୁ ଅକସ୍ମାତ ବିପର୍ଯ୍ୟୟର ମୁକାବିଲା ନେଇ ସଚେତନ କରାଯାଇଥିଲା। ବ୍ୟକ୍ତିବିଶେଷ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କଲେ ତାକୁ ମେଡିକାଲ ନେବା ପର୍ଯ୍ୟନ୍ତ ପ୍ରାଥମିକ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା କରିହେବ ସେ ସମ୍ପର୍କରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କତା ନେଇ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସେହିପରି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଜିଏମ୍ ଅଶ୍ୱିନୀ କୁମାର ଦାସ, ଇନ୍‌ଚାର୍ଜ ପ୍ରଦ୍ୟୁମ୍ନ ନବକୃଷ୍ଣ ପ୍ରଧାନଙ୍କ ସମେତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନର ଅଧିକାରୀମାନେ ଉପସ୍ଥିତ ଥିଲେ।




# ମିସ୍‌ଡ କଲରେ ମିଳିବ ଗ୍ୟାସ୍ ସଂଯୋଗ

**ଭୁବନେଶ୍ୱର,୧୦।୮**

ଇଣ୍ଡିଆନ ଅଏଲ ପକ୍ଷରୁ ମିସ୍ କଲର ସୁବିଧା ଆରମ୍ଭ କରିଛନ୍ତି। ଫଳରେ ଏହାର ନୂତନ ଏଲ୍‌ପିଜି ସଂଯୋଗ ନିମନ୍ତେ ୮୪୫୪୯୫୫୫୫୫ ନମ୍ବରକୁ ମିସ୍ କଲ କଲେ ଗ୍ରାହକଙ୍କୁ ନୂତନ ସଂଯୋଗ ମିଳି ପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମୟରେ ଇଣ୍ଡିଆନ ଅଏଲ ହେଉଛି ଏକ ମାତ୍ର ଅଏଲ ମାର୍କେଟିଂ କମ୍ପାନୀ ଯିଏ କି ନିଜର ପୁରୁଣା ଏବଂ ନୂତନ ଗ୍ରାହକ ମାନଙ୍କ ପାଇଁ ଏହି ସୁବିଧା ଯୋଗାଇ ଦେଉଛି। ଗ୍ରାହକଙ୍କ ପାଇଁ ଏହି ସୁବିଧା ଆରମ୍ଭ କରିବାକୁ ଯାଇ ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ଏସ୍.ଏମ୍.ବୈଦ୍ୟ କହିଛନ୍ତି ଯେ, ଏକ ବୃହତ ଗ୍ରାହକ ବିଶେଷ କମ୍ପାନୀ ଭାବେ ଗତକାଲିର ଅନୁଭୂତିଠାରୁ ଆଜିର ଅନୁଭୂତିକୁ ଉତ୍ତମ କରିବା ହେଉଛି ଆମର ନିରନ୍ତର ପ୍ରୟାସ।

**ଫୁର୍‌ସତ୍**



କରିନା କପୁର ଖାନ୍

## ପ୍ରଯୋଜିକା ହେବେ ବେବୋ

**ମୁମ୍ବଇ:** ଅଭିନୟ ଛାଡ଼ି ଫିଲ୍ମ ପ୍ରଯୋଜକ ହେବାକୁ ମନ ବଳାଇଛନ୍ତି କରିନା କପୁର ଖାନ୍ (ବେବୋ)। ଏକତା କପୁରଙ୍କ ବାଲାଜୀ ଟେଲିଫିଲ୍ମ ସହଯୋଗରେ ନିର୍ମାଣ ହେବାକୁ ଥିବା ଏକ ଥ୍ରିଲର ଫିଲ୍ମର ସେ ପ୍ରଯୋଜକ ହେବେ କରିନା। ଫିଲ୍ମର ନାମ କ'ଣ ରହିବ ଜଣାପଡ଼ି ନ ଥିଲେ ହେଁ ଏହା ସତ୍ୟ ଘଟଣା ଉପରେ ଆଧାରିତ ରହିବ। ଖୁବ୍‌ଶୀଘ୍ର ଫିଲ୍ମର ଶୁଟିଂ ମଧ୍ୟ ଆରମ୍ଭ ହେବାକୁ ଯାଉଛି। ଦ୍ୱିତୀୟ ଥର ମା' ହେବା ପରେ କରିନା ପ୍ରଯୋଜକ ଭାବେ କାମ କରିବାକୁ ଯାଉଛନ୍ତି।

# ନୀରଜ ନାମଧାରୀଙ୍କୁ ପୁରସ୍କାର




**ଅହମ୍ମଦାବାଦ:** ଏଥର ଟୋକିଓ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ପାଇବା ପରେ ନୀରଜ ଚୋପ୍ରାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ହେଲେ ଅଲିମ୍ପିକ ଖେଳି ନ ଥିଲେ ବି ଏବେ ସବୁ ନୀରଜ ନାମଧାରୀ ବ୍ୟକ୍ତିଙ୍କୁ ମିଳୁଛି ପୁରସ୍କାର। କଥାଟା ଶୁଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବ। ଏମିତି ଦେଖିବାକୁ ମିଳିଛି ଗୁଜରାଟର ଭରୁଚରେ। ଏକ ପେଟ୍ରୋଲ ପମ୍ପରେ ନୀରଜଙ୍କ ସଫଳତାକୁ ପାଳନ କରିବା ପାଇଁ ସବୁ ନୀରଜ ନାମଧାରୀ ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ ପେଟ୍ରୋଲ ଦିଆଯାଉଛି। କୁହାଯାଏ ନାଁରେ କିଛି ନ ଥାଏ ବରଂ ଜଣଙ୍କର କାମ ହିଁ ତା ପରିଚୟ ସୃଷ୍ଟି କିରଥାଏ। କିନ୍ତୁ ବେଳେବେଳେ ନାଁ ଯୋଗୁଁ ବି ଅନେକ ଫାଇଦା ମିଳିଥାଏ। ଯାହାର ଉଦାହରଣ ଗୁଜୁରାଟରେ ଦେଖିବାକୁ ମିଳିଛି। ଏଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ନୀରଜ ନାମଧାରୀ ବ୍ୟକ୍ତିଙ୍କୁ ମାଗଣାରେ ଦିଆଯାଉଛି ୫୦୧ ଟଙ୍କାର ପେଟ୍ରୋଲ। ଅଲିମ୍ପିକ ବିଜେତା ନୀରଜଙ୍କ ସଫଳତାକୁ ପାଳନ କରିବା ପାଇଁ ପେଟ୍ରୋଲ ପମ୍ପର ମାଲିକ ଏଭଳି ଏକ ଘୋଷଣା କରିଛନ୍ତି। ତେଣୁ ତାଙ୍କ ପେଟ୍ରୋଲ ପମ୍ପରେ ନୀରଜ ନାଁ ଥିବା ଲୋକେ ନିଜର ପରିଚୟ ପତ୍ର ଦେଖାଇ ମାଗଣା ପେଟ୍ରୋଲ ନେଇ ପାରୁଛନ୍ତି। ପେଟ୍ରୋଲ ପମ୍ପର ମାଲିକ ଅୟୁବ ପଠାନ କହିଛନ୍ତି ଟୋକିଓ ଅଲିମ୍ପିକରେ ନୀରଜ ଭାରତ ପାଇଁ ଗର୍ବ ଆଣିଛନ୍ତି। ତେଣୁ ତାଙ୍କର ଏହି ସଫଳତାକୁ ଆମେ ସମସ୍ତେ ପାଳନ କରିବା ଉଚିତ୍। ନୀରଜ ନାଁରେ ଥିବା ସମସ୍ତଙ୍କୁ ସେ ମାଗଣା ପେଟ୍ରୋଲ ଦେଇ ଲୋକମାନଙ୍କ ପାଖରେ ଅଲିମ୍ପିକ ସଫଳତାର ଖୁସି ପହଞ୍ଚାଇବାକୁ ପ୍ରୟାସ କରୁଥିବା କହନ୍ତି। ତେବେ ପେଟ୍ରୋଲ ପମ୍ପରେ ଦୁଇ ଦିନ ପାଇଁ ଏଭଳି ମାଗଣା ପେଟ୍ରୋଲ ଦେବାର ଯୋଜନା କରାଯାଇଥିଲା। ଏଭଳି ଏକ ଘୋଷଣା ସମ୍ପର୍କରେ ଶୁଣିବା ପରେ ପ୍ରଥମେ ଲୋକେ ବିଶ୍ୱାସ କରି ପାରି ନ ଥିଲେ। କିନ୍ତୁ ପରିଚୟ ପତ୍ର ଦେଖାଇ ମାଗଣାରେ ପେଟ୍ରୋଲ ପାଇବା ପରେ ଲୋକେ ବିଶ୍ୱାସ କରିଥିଲେ।

# ଜୀବନ ବଞ୍ଚାଇଦେଲା କେଶ

**ପୁଣେ:** ବାଲ୍‌କୋନିରେ କେଶ ଶୁଖାଇବା ସମୟରେ ଜଣେ ଯୁବତୀ ଖସି ପଡ଼ିବା ପରେ ସେହି କେଶ ତାଙ୍କ ଜୀବନ ରକ୍ଷା କରିଛି। ପୁଣେର ଯୁବତୀ ଜଣକ ଖସିପଡ଼ିବା ପରେ ତାଙ୍କ କେଶ ଝରକା ଗ୍ରିଲରେ ଲାଗିଯାଇଥିଲା। ଦୀର୍ଘ ୨ ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

**ପଞ୍ଚମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା**



**ଶ୍ରଦ୍ଧା ସାମନ୍ତ**
ଜଳେଶ୍ୱର, ବାଲେଶ୍ୱର
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ। ତୋର ଚଳାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:- ବାପା, ମା, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ମଉସା ଓ ପରିବାରବର୍ଗ।
ଧ-୨୧୩୧୫

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



**ଶ୍ରୀୟାଂଶୁ ସେଠୀ (ଶ୍ରୀନୁ)**
ଜନ୍ମ ତା. ୨୪।୦୭।୨୦୨୦
ଗ୍ରାମ: ଓଳାଷ, ଜିଲ୍ଲା: ଜଗତ୍‌ସିଂହପୁର
ତୋର ୧ମ ଜନ୍ମବାର୍ଷିକରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇନାଥ ତୋତେ ଦୀର୍ଘାୟୁ, ଯଶସ୍ୱୀ କରିବା ସହ ତୋର ଚଳାପଥ କୁସୁମିତ କରନ୍ତୁ। ଆଶୀର୍ବାଦ: ବଡ଼ ଭଉଣୀ: ସାଇସ୍ନେହା ସେଠୀ, ମାତା: ନିରୁପମା ସେଠୀ, ବାପା: ବଳରାମ ସେଠୀ, ବାବା, ମମି, ଦାଦା, ଖୁଡ଼ୀ, ଜେଜେମା, ଆଈ, ମାମୁ, ମାଇଁ, ରେନି, ରାହୁଲ ଏବଂ ସିଂହ ପରିବାରବର୍ଗ।
ଧ-୨୧୩୧୦

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


# ହସ୍ପିଟାଲରୁ ଫେରିଲେ ସେଓ ଓଜନର ଶିଶୁ

**ସିଙ୍ଗାପୁର:** ଦୁନିଆର ସବୁଠାରୁ ଛୋଟ ଶିଶୁ ଦୀର୍ଘ ୧୩ ମାସ ହସ୍ପିଟାଲରେ ରହିବା ପରେ ଏବେ ଡିସଚାର୍ଜ ହୋଇ ଘରକୁ ଯାଇଛନ୍ତି। କ୍ୱେକ ୟୁ ଜୁଆନ ନାମ୍ନୀ ଶିଶୁ କନ୍ୟାଟି ୯ ଜୁନ ୨୦୨୦ରେ ସିଙ୍ଗାପୁରର ନ୍ୟାଶନାଲ ୟୁନିଭର୍ସିଟି ହସ୍ପିଟାଲରେ ଜନ୍ମ ହୋଇଥିଲେ। ତାଙ୍କ ଓଜନ ୨୧୨ ଗ୍ରାମ ଓ ଲମ୍ବ ୨୪ ସେଣ୍ଟିମିଟର ଥିଲା। ଶିଶୁଟି ୫ ମାସରେ ଭୂମିଷ୍ଠ ହୋଇଥିଲେ ଏବଂ ତାଙ୍କର ଅନେକ ଅଙ୍ଗ ବିକଶିତ ହୋଇ ନ ଥିଲା। ଏହି କାରଣରୁ, ଜନ୍ମ ସମୟରେ ତାଙ୍କର ଓଜନ ଏକ ସେଓର ଓଜନ ସହିତ ସମାନ ଥିଲା। ଜନ୍ମ ପରେ, କ୍ୱେକ ୟୁ ଜୁଆନ ଆଇସିୟୁରେ ୧୩ ମାସ ରହିଥିଲେ। ଏବେ ଝିଅଟି ସୁସ୍ଥ ଅଛି ଏବଂ ଡିସଚାର୍ଜ ସମୟରେ କ୍ୱେକ ୟୁ ଜୁଆନଙ୍କ ଓଜନ ୬.୩ କିଲୋଗ୍ରାମ ରହିଛି। ଡାକ୍ତରମାନେ କହିଥିଲେ, ତାଙ୍କର ଚର୍ମ ଏତେ ସୂକ୍ଷ୍ମ ଥିଲା ଯେ ଏହାକୁ ପରୀକ୍ଷା କରିବା ସହଜ ନ ଥିଲା। ଔଷଧକୁ ମଧ୍ୟ ଦଶମିକ ସଂଖ୍ୟାରେ ଗଣିବାକୁ ପଡିଥିଲା।



**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅଲେଖ ବିହାରୀ ଦାସ**
Water works road- Puri
ଜନ୍ମ: ୧୫।୦୯।୧୯୩୪, ତିରୋଧାନ:୦୧।୦୮।୨୦୨୧
ଆପଣଙ୍କର ବିୟୋଗ ଆମ୍ଭ ସମସ୍ତଙ୍କୁ ବ୍ୟଥିତ ଏବଂ ମର୍ମାହତ କରିଛି। ଆପଣଙ୍କର ଶୂନ୍ୟସ୍ଥାନ ଅପୂରଣୀୟ ହୋଇ ରହିବ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା ଓ ଭଲ ପାଇବା ଆମ୍ଭମାନଙ୍କର ଚିର ପାଥେୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
-:ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:-
ମାଖନ, ତୋଫାନ, ଜବାନ, ବୁନୁ, ଟୁକୁଲି, ପିଙ୍କି, ରୀତା, ସ୍ୱୀତା, ସ୍ନିଗ୍ଧା, ପ୍ରକାଶ, ବାଦଲ, ଶମ୍ଭୁ, ନାତି, ନାତୁଣୀ ଓ ଶୋକସନ୍ତପ୍ତ ପରିବାର
ଧ-୬୯୦୪୬

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ରଜନୀ ଦେବୀ**
ପୁରୁଣା ଭୁବନେଶ୍ୱର
ତୁମେ ଆମ ଗହଣରେ ନାହଁ ସତ କିନ୍ତୁ ତୁମର ଉପସ୍ଥିତି ଆମେ ସବୁବେଳେ ଅନୁଭବ କରିବୁ। ଭଗବତ୍ ପ୍ରେମ, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୁମ ଆଦର୍ଶ ଓ ଆଶୀର୍ବାଦ ଆମ ଚଳାପଥକୁ ଆଲୋକିତ କରୁଥାଉ।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁପରିବାରବର୍ଗ ଓ ଉମା ଫ୍ରେମିଙ୍ଗ୍ ସେଣ୍ଟର ଅଶୋକନଗର, ଭୁବନେଶ୍ୱର
ଧ-୭୦୯୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ପାଣ୍ଡବ ଜାଲି**
ଆବିର୍ଭାବ: ୦୫।୧୦।୧୯୫୫
ତିରୋଧାନ: ୨୩।୦୭।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଗୁପ୍ତେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-ବିଜୟ, ବିଚିତ୍ର, ନେତ୍ରାନନ୍ଦ, ବସନ୍ତ, ସୁକାନ୍ତ, ଶ୍ୱେତ, ପ୍ରମିଳା, ସୁଷମା, ମାମାଲି, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୩୧୪

**ଏକାଦଶାହ ଉପଲକ୍ଷେ**



**୰ଗୌରଚରଣ ପଟ୍ଟନାୟକ**
ପ୍ଲଟ୍- H9/7, ପଞ୍ଚସଖା ନଗର, ଡୁମ୍‌ଡୁମା, ଭୁବନେଶ୍ୱର
ଆବିର୍ଭାବ: ୧୫।୧୧।୧୯୩୯
ତିରୋଧାନ: ୦୧।୦୮।୨୦୨୧
ଆପଣଙ୍କର ସ୍ନେହ, ତ୍ୟାଗ, ମହାନତା, ସମାଜସେବା, ଶିକ୍ଷା, ପରୋପକାରିତା ଓ ଦରଦୀ ବ୍ୟକ୍ତିତ୍ୱ ଆମକୁ ସମାଜର ଉପଯୁକ୍ତ ନାଗରିକ କରି ଗଢ଼ି ତୋଳିଛି। ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ।
ଧ-୨୧୩୦୦

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।




1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457719344
9458657264

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛୋଟିଆ ଦେଶର ବଡ଼ ସଫଳତା

ୟୁରୋପ ମହାଦେଶର ଏକ ଛୋଟିଆ ଦେଶ ସାନ ମାରିନୋ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ୬୧ ବର୍ଗ କି.ମି. ବିଶିଷ୍ଟ ବିଶ୍ୱର ଏହି ପଞ୍ଚମ କ୍ଷୁଦ୍ରତମ ଦେଶ ଟୋକିଓ ଅଲିମ୍ପିକ୍ସରେ ଆଶାତୀତ ସଫଳତା ହାସଲ କରିଛି। ୩୩,୮୬୦ଜଣ ନାଗରିକ ରହୁଥିବା ଏହି ଦେଶର ୫ଜଣ ଆଥ୍‌ଲେଟ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୩ଜଣ ଆଥ୍‌ଲେଟ ପଦକ ହାସଲ କରିଛନ୍ତି। ଏଥିରେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସାମିଲ ରହିଛି। ୧୯୬୦ ରୋମ୍ ଅଲିମ୍ପିକ୍ସରେ ସାନ ମାରିନୋ ପଦାର୍ପଣ କରିଥିଲା। ଏହାର ୬୧ ବର୍ଷ ପରେ ସାନି ମାରିନୋ ଟୋକିଓ ଅଲିମ୍ପିକ୍ସରେ ପ୍ରଥମ ପଦକ ହାସଲ କରିଛି।

ସାନ ମାରିନୋ ଇଟାଲୀର ଉତ୍ତର-କେନ୍ଦ୍ରୀୟ ଅଞ୍ଚଳ ମଧ୍ୟରେ ଅବସ୍ଥିତ। ଅର୍ଥାତ୍ ଏହି ଦେଶ ଚାରିପଟୁ ଇଟାଲୀ ଦ୍ୱାରା ପରିବେଷ୍ଟିତ। ପାର୍ବତ୍ୟାଞ୍ଚଳକୁ ନେଇ ଗଠିତ ଏହି ଦେଶ ବେଶ୍ ଐତିହ୍ୟସମ୍ପନ୍ନ। ତେବେ କ୍ରୀଡ଼ାରେ ମଧ୍ୟ ଏହା ଆଦୌ ପଛରେ ପଡିନାହିଁ ବୋଲି ପ୍ରମାଣ କରିଛି। ଜୁଲାଇ ୨୯ ତାରିଖରେ ସାନ ମାରିନୋ କ୍ଷୁଦ୍ରତମ


ମାଇଲ୍ସ ନାଜେମ ଅମିନ


ଆଲେଜାଣ୍ଡ୍ରା ପେରିଲି ଓ ଜିଆନ ମାର୍କୋ ବେର୍ଟି

ଦେଶ ଭାବେ ଅଲିମ୍ପିକ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ୫ଜଣରୁ ୩ଜଣ ଆଥ୍‌ଲେଟ ପଦକ ଜିତିବା ଏହାର ସଫଳତା ହାର ଉଚ୍ଚକୋଟୀର ବୋଲି ଦର୍ଶାଉଛି।

ମହିଳା ଶୁଟର ଆଲେଜାଣ୍ଡ୍ରା ପେରିଲି ମହିଳା ଟ୍ରାପ୍ ଶୁଟିଂରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଟୋକିଓରେ ପଦକ ଜିତିବା ପରେ ସେ ଖୁସି ଜାହିର କରିଛନ୍ତି। ପଦକ ଜିତିବା ପରେ ଗର୍ବ ଅନୁଭବ କରୁଛି ବୋଲି ସେ

**ଟୋକିଓ ଅଲିମ୍ପିକ୍ସ**
**୫ରୁ ୩ ଆଥଲେଟ ପଦକ ବିଜେତା**

କହିଛନ୍ତି। ଲଣ୍ଡନରେ ପଦକର ନିକଟତର ହୋଇଥିଲେ ମଧ ପୋଡିୟମ ଫିନିଶ କରିପାରି ନ ଥିଲୁ। ପୂର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲୁ। କିନ୍ତୁ ଏହି ପଦକ ମୋର ଓ ମୋ ଦେଶର ପ୍ରଥମ ଅଲିମ୍ପିକ ପଦକ। ଛୋଟିଆ ଦେଶ ହୋଇଥିଲେ ମଧ୍ୟ ଆମେ ଗର୍ବିତ ବୋଲି ସେ କହିଛନ୍ତି। ପଦକ ଗ୍ରହଣ କରିବା ବେଳେ ପେରିଲି ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ଆମ ଉପରେ ଚାପ ଆଦୌ ନ ଥିଲା। କିନ୍ତୁ ସାରା ଦେଶ, ଆମ ଟିମ୍, ଫେଡେରେଶନ ଓ ଅଲିମ୍ପିକ କମିଟି ଆମକୁ ସମର୍ଥନ କରିଥିଲା ଓ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଛରେ ଛିଡ଼ା ହୋଇଥିଲା।

ବ୍ରୋଞ୍ଜ ଜିତିବା ସହ ପେରିଲି ଏହି ଅଲିମ୍ପିକ୍ସରେ ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ। ମିକ୍ସଡ ଟ୍ରାପ୍ ଇଭେଣ୍ଟରେ ସେ ଓ ଜିଆନ ମାର୍କୋ ବେର୍ଟି ଫାଇନାଲରେ ସ୍ପେନଠାରୁ ପରାସ୍ତ ହୋଇ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ ଓ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ତେବେ ପେରିଲି ଓ ବେର୍ଟି ଏହି ଇଭେଣ୍ଟରେ ଆମେରିକାକୁ ହରାଇଥିଲେ। ସେହିପରି ରେସଲର ମାଇଲ୍ସ ନାଜେମ ଅମିନ ତୃତୀୟ ଅଲିମ୍ପିକ୍ସ ପଦକ ଜିତିଥିଲେ। ୮୬ କେ.ଜି. ବର୍ଗ ପୁରୁଷ ଫ୍ରିଷ୍ଟାଇଲ ରେସଲିଂ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥିସହ ଅମିନ ସାନ ମାରିନୋର ସର୍ବପ୍ରଥମ ଅଲିମ୍ପିକ୍ ରେସଲିଂ ମଡୋଲିଷ୍ଟ ସାବ୍ୟସ୍ତ ହୋଇଛନ୍ତି। ସବୁଠାରୁ ମଜାର କଥା ହେଉଛି ଅମିନ ଭାରତର ଦୀପକ ପୁନିଆଙ୍କୁ ଶେଷ ମୁହୂର୍ତ୍ତରେ ସିଙ୍ଗଲ ଲେଗ୍ ଶଟ୍‌ରେ ୩-୨ରେ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଥିଲେ। ଅମିନ ମୂଳତଃ ଆମେରିକାର ମିଚିଗାନ ଅଧିବାସୀ। ତେବେ ତାଙ୍କ ପରିବାର ସାନ ମାରିନୋର ନାଗରିକତା ହାସଲ କରିଥିଲେ। ଅମିନଙ୍କ ଭାଇ ମଧ୍ୟ ଜଣେ ରେସଲର। ଉଭୟ ଏବେ ସାନ ମାରିନୋ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଦୁଇ ଭାଇଙ୍କୁ ସାନ ମାରିନୋ ନାଗରିକାତ ପ୍ରଦାନ କରିଥିଲା। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଅମିନ ସାନ ମାରିନୋର ପତାକା ବହନ କରିଥିଲେ।

# ଲାଇଫ୍ ସପୋର୍ଟରେ କ୍ରିସ୍ କେର୍ନସ



**ମେଲବୋର୍ନ, ୧୦।୮ (ପି.ଟି.)**

ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର କ୍ରିସ୍ କେର୍ନସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ସେ ଆକସ୍ମିକ ବେହୋସ ହୋଇପଡ଼ିବା ପରେ କାନବେରାସ୍ଥିତ ଏକ ହସ୍ପିଟାଲରେ ତାଙ୍କୁ ଲାଇଫ୍ ସପୋର୍ଟରେ ରଖାଯାଇଛି। ତାଙ୍କୁ ଖୁବ୍ ଶୀଘ୍ର ସିଡ୍‌ନୀରେ ଥିବା ଏକ ସ୍ୱତନ୍ତ୍ର ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। କେର୍ନସ ତାଙ୍କ ସମୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ବିବେଚିତ ହେଉଥିଲେ। ସେ ତାଙ୍କ କ୍ୟାରିୟରରେ ୧୯୮୯ ଓ ୨୦୦୬ ମଧ୍ୟରେ ନ୍ୟୁଜିଲାଣ୍ଡ ପାଇଁ ୬୨ ଟେଷ୍ଟ, ୨୧୫ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ତାଙ୍କ ପିତା ଲାନ୍ସ କେର୍ନସ ମଧ୍ୟ ନ୍ୟୁଜିଲାଣ୍ଡ ପାଇଁ ଖେଳିଛନ୍ତି। ୫୧ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ବର୍ତ୍ତମାନ କାର୍ଯ୍ୟକ୍ଷମ ନ ଥିବା ଇଣ୍ଡିଆ କ୍ରିକେଟ ଲିଗ୍‌ରେ ୨୦୦୮ରେ ଖେଳିଥିଲେ। ଏଥିରେ ସେ ମ୍ୟାଚ ଫିକ୍ସିଂରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବା ଲାଗି ତାଙ୍କୁ ଏକାଧିକ ଆଇନଗତ ଲଢେଇର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୨ରେ ଆଇପିଏଲ୍ ପ୍ରତିଷ୍ଠାତା ଲଳିତ ମୋଦିଙ୍କ ବିପକ୍ଷରେ ଏକ ମାନହାନି ମକଦ୍ଦମାରେ ସେ ବିଜୟ ଲାଭ କରିଥିଲେ। ପରେ ତାଙ୍କ ବିରୋଧରେ ନିଜ ଦେଶର ଦୁଇ କ୍ରିକେଟର ଲୋଉ ଭିନ୍‌ସେଣ୍ଟ ଓ ବ୍ରେଣ୍ଡନ ମ୍ୟାକ୍‌କୁଲମ ଫିକ୍ସିଂ ଅଭିଯୋଗ ଆଣିଥିଲେ। ଏଥିରୁ ସେ ଦୋଷ ମୁକ୍ତ ହୋଇଥିଲେ।

# ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା କ୍ରିକେଟ ଦଳ



**ନୂଆଦିଲ୍ଲୀ, ୧୦।୮ (ପି.ଟି.)**

ଭାରତୀୟ ମହିଳା କ୍ରିକେଟ ଦଳ ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଟ୍ରେନିଂ କ୍ୟାମ୍ପରେ ଯୋଗଦେବା ଲାଗି ଖେଳାଳିମାନେ ବେଙ୍ଗାଲୁରୁରେ ପହଞ୍ଚିବାରେ ଲାଗିଲେଣି। ପୂର୍ଣ୍ଣାଙ୍ଗ ଟୁର୍ ପାଇଁ ଯଦିଓ ଖେଳାଳି ଘୋଷଣା କରାଯାଇ ନାହିଁ, ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୩୦ କ୍ରିକେଟରଙ୍କୁ ବେଙ୍ଗାଲୁରୁରେ ପହଞ୍ଚିବା ଲାଗି କୁହାଯାଇଛି। ଛଅ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଖେଳାଳିମାନେ ଟ୍ରେନିଂ ଆରମ୍ଭ କରିବେ। ବର୍ତ୍ତମାନ ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟରେ ଭାଗ ନେଉଥିବା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ୍, ଦୀପ୍ତି ଶର୍ମା ଓ ଶେଫାଳୀ ବର୍ମା ପ୍ରମୁଖଙ୍କୁ ଅଗଷ୍ଟ ୨୨ ସୁଦ୍ଧା ବେଙ୍ଗାଲୁରରେ ଜାତୀୟ ଦଳ ସହ ଯୋଗ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚଳିତମାସ ଶେଷରେ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ସେମାନଙ୍କୁ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ୟୁନାଇଟେଡ କିଙ୍ଗ୍‌ଡମ୍‌ରେ ଚାଲିଥିବା ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟ ଅଗଷ୍ଟ ୨୧ରେ ଶେଷ ହେବ। ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ ଖେଳାଳିମାନେ ସେଠାରେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଡାଉନ୍ ଅଣ୍ଡରରେ ଭାରତୀୟ ମହିଳା କ୍ରିକେଟ ଦଳ ଆୟୋଜକ ଦେଶ ବିପକ୍ଷରେ ୩ ଅନ୍ତର୍ଜାତୀୟ ଦିନିକିଆ, ଏକ ଦିବାରାତ୍ର ଟେଷ୍ଟ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବ। ଅଷ୍ଟ୍ରେଲିଆରେ ଖେଳାଳିମାନଙ୍କୁ ପ୍ରଥମ ସପ୍ତାହ କଠିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। କ୍ୱାରାଣ୍ଟାଇନ୍ ପିରିୟଡର ପରବର୍ତ୍ତୀ ୭ଦିନ ଟ୍ରେନିଂ ସହ ଶେଷ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଆସନ୍ତା ବର୍ଷ ନ୍ୟୁଜିଲାଣ୍ଡରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ହେବ। ଏଥିଲାଗି ଇଂଲଣ୍ଡ ଟୁର୍ ପରେ ଭାରତ ପାଇଁ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍। ପର୍ଥର ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ (ୱାକା) ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏକ ପିଙ୍କ୍ ବଲ୍ ଟେଷ୍ଟ ଦଳ ପାଇଁ ଟୁର୍‌ରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ଟ୍ରେନିଂ କ୍ୟାମ୍ପ ବେଳେ ଖେଳାଳିମାନେ ପିଙ୍କ୍‌ବଲ୍‌ରେ ଅଭ୍ୟାସ କରିବେ ବୋଲି ଆଶା କରାଯାଉଛି।

## ମିଶନ ଅଲିମ୍ପିକ ୱିଙ୍ଗ୍ ଅଧୀନରେ ତାଲିମ ନେଉଛନ୍ତି ୪୫୦ ଆଥଲେଟ

**ନୂଆଦିଲ୍ଲୀ, ୧୦।୮ (ପି.ଟି.):** ଭାରତୀୟ ଆର୍ମିର 'ମିଶନ ଅଲିମ୍ପିକ୍ସ ୱିଙ୍ଗ୍' ଅଧୀନରେ ବର୍ତ୍ତମାନ ୪୫୦ରୁ ଅଧିକ ସିନିୟର ଆଥ୍‌ଲେଟ ଟ୍ରେନିଂ ନେଉଛନ୍ତି ବୋଲି ଜଣେ ସିନିୟର ଅଫିସିଆଲ କହିଛନ୍ତି। ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ୨୦୧୬ ମେ'ରେ ଆର୍ମିରେ ଯୋଗଦେବା ପରଠାରୁ ମିଶନ ଅଲିମ୍ପିକ୍ସ ୱିଙ୍ଗ୍ ଅଧୀନରେ ଟ୍ରେନିଂ ନେବା ଲାଗି ମନୋନୀତ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। 'ମିଶନ ଅଲିମ୍ପିକ୍ସ ୱିଙ୍ଗ୍' ଭାରତୀୟ ଆର୍ମିର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏଥିରେ ୧୧ଟି ଖେଳର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଟ୍ରେନିଂ ଦିଆଯାଇଥାଏ। ଆର୍ମି ଅଫିସିଆଲଙ୍କ କହିବା ଅନୁସାରେ ମିଶନ ଅଲିମ୍ପିକ୍ସ ୱିଙ୍ଗ୍‌ରେ ୫ଟି ନୋଡ୍ ରହିଛି। ସେଗୁଡ଼ିକ ହେଲା ରୋଇଂ ନୋଡ୍, ମାର୍କସମ୍ୟାନଶିପ୍ ନୋଡ୍ (ଶୁଟରମାନଙ୍କ ଲାଗି), ଇକ୍ୱେଷ୍ଟ୍ରିଆନ୍ ନୋଡ୍, ସେଲିଂ ନୋଡ୍ ଏବଂ ଆର୍ମି ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ (ଏଏସ୍ଆଇ)। ଏଏସ୍ଆଇ ୭ଟି ବିଭାଗ ଯଥା ଆଥ୍‌ଲେଟିକ୍ସ, ଆର୍ଚେରୀ, ବକ୍ସିଂ, ରେସ୍‌ଲିଂ, ୱେଟଲିଫ୍ଟିଂ, ଫେନ୍‌ସିଂ ଓ ଡାଇଭିଂରେ ୨୦୦ରୁ ଅଧିକ ସିନିୟର ଆଥ୍‌ଲେଟଙ୍କୁ ଟ୍ରେନିଂ ଦିଆଯାଇଥାଏ। ପ୍ରାୟ ୧୦୦ଶୁଟର ମାର୍କସମ୍ୟାନଶିପ୍ ମୋଡ୍‌ରେ ଟ୍ରେନିଂ ନେଉଛନ୍ତି। ରୋଇଂ ମୋଡ୍, ସେଲିଂ ମୋଡ୍ ଓ ଇକ୍ୱେଷ୍ଟ୍ରିଆନ୍ ମୋଡ୍‌ରେ ବର୍ତ୍ତମାନ ଯଥାକ୍ରମେ ୯୦, ୫୦ ଓ ୧୦ ସିନିୟର ଆଥ୍‌ଲେଟ ଟ୍ରେନିଂ ନେଉଛନ୍ତି।


ନୂଆଦିଲ୍ଲୀସ୍ଥିତ ଛତ୍ରସାଲ ଷ୍ଟାଡିୟମରେ ରେସ୍‌ଲରମାନଙ୍କୁ ତାଲିମ ଦିଆଯାଉଛି।

# କ୍ରିକେଟକୁ ସାମିଲ ଲାଗି ବିଡ୍ ଦାଖଲ କରିବ ଆଇସିସି

**ଦୁବାଇ, ୧୦।୮ (ପି.ଟି.)**

୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। କ୍ରିକେଟକୁ ଇଭେଣ୍ଟ ହିସାବରେ ଏହି ଅଲିମ୍ପିକ୍ସରେ ସାମିଲ କରିବା ନେଇ ଆଇସିସି ନିଜର ଇଚ୍ଛା ସ୍ପଷ୍ଟ କରିଛି। ଏ ନେଇ ଆଇସିସି ବିଡ୍ ଆରମ୍ଭ କରିବ ବୋଲି କହିଛି। ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏ ନେଇ ଆଇସିସିକୁ ସମର୍ଥନ କରିବାକୁ ଅଣ୍ଟା ଭିଡିଛି।

**୨୦୨୮ ଅଲିମ୍ପିକ୍ସ**

ପୂର୍ବରୁ ଅବଶ୍ୟ ବିସିସିଆଇ ଏ ନେଇ ସେତେଟା ଉତ୍ସାହିତ ନ ଥିଲା। ଏହା ଦ୍ୱାରା ବୋର୍ଡର ସ୍ୱାୟତତା ନଷ୍ଟ ହେବ ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ର ପ୍ରଭାବ ବଢିବ ବୋଲି ବିସିସିଆଇ ଆଶଙ୍କା କରୁଥିଲା। କିନ୍ତୁ ଏବେ ବିସିସିଆଇ ଆଇସିସିର ଏହି ଆଭିମୁଖ୍ୟକୁ ସମର୍ଥନ କରୁଛି। ଆଇସିସି ଏଥିପାଇଁ ଏକ ଅଲିମ୍ପିକ ୱାର୍କିଂ ଗ୍ରୁପ୍ ଗଠନ କରିଛି। ୨୦୨୮ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ନେଇ ଏହି ଗ୍ରୁପ୍ କାର୍ଯ୍ୟ କରିବ। ଏହି ଆଭିମୁଖ୍ୟ ପଛରେ ସମ୍ପୂର୍ଣ୍ଣ କ୍ରିକେଟଜଗତ ଏକାଠି ଅଛି ବୋଲି ଆଇସିସି ଅଧ୍ୟକ୍ଷ ଗ୍ରେଗ ବାର୍କଲେ କହିଛନ୍ତି। ବିଶ୍ୱରେ ୧୦୦ କୋଟିରୁ ଊର୍ଦ୍ଧ୍ୱ କ୍ରିକେଟ ପ୍ରଶଂସକ ରହିଛନ୍ତି। ପ୍ରାୟ ସବୁ ପ୍ରଶଂସକ ଅଲିମ୍ପିକ୍ସରେ କ୍ରିକେଟ ଦେଖିବାକୁ ଚାହୁଁଛନ୍ତି। କେବଳ ଦକ୍ଷିଣ ଏସିଆରେ ୯୨ ପ୍ରତିଶତ ପ୍ରଶଂସକ ରହୁଛନ୍ତି। ଆମେରିକାରେ ୩ କୋଟି କ୍ରିକେଟ ପ୍ରଶଂସକ ରହୁଛନ୍ତି। ପୁଣି ୧୯୯୮ ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ମଧ୍ୟ କ୍ରିକେଟ ଫେରିବାକୁ ଯାଉଛି। ୨୦୨୨ ବର୍ମିଂହାମ ସଂସ୍କରଣରେ ମହିଳା କ୍ରିକେଟ ପ୍ରଥମଥର ପାଇଁ ସାମିଲ ହେବ। ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେଲେ, ଏହା ଏକ ବଡ଼ ପଦକ୍ଷେପ ହେବ। ତେବେ ଏହି ପ୍ରକ୍ରିୟା ଆଦୌ ସହଜ ନୁହେଁ। ତେବେ ସେ ଏ ନେଇ ଆଶାବାଦୀ ଅଛନ୍ତି ବୋଲି ବାର୍କଲେ କହିଛନ୍ତି। ଉଲ୍ଲେଖଥାଉ କି, ୧୯୦୦ ପ୍ୟାରିସ ଅଲିମ୍ପିକ୍ସରେ କେବଳ ଥରେ ମାତ୍ର କ୍ରିକେଟକୁ ସାମିଲ କରାଯାଇଥିଲା। ଏଥିରେ ଏକ ଦୁଇ ଦିନିଆ ମ୍ୟାଚ୍‌ରେ ଇଂଲଣ୍ଡ ଫ୍ରାନ୍ସକୁ ହରାଇ ଚାମ୍ପିୟନ ହୋଇଥିଲା।

# ଭିନେଶ ସସ୍‌ପେଣ୍ଡ, ସୋନମଙ୍କୁ ନୋଟିସ୍

**ନୂଆଦିଲ୍ଲୀ, ୧୦।୮ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ବେଳେ ବିଶୃଙ୍ଖଳା ପାଇଁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଷ୍ଟାର ରେସ୍‌ଲର ଭିନେଶ ଫୋଗଟ୍‌ଙ୍କୁ ସସ୍‌ପେଣ୍ଡ କରିଥିବାବେଳେ ସୋନମ ମଲିକଙ୍କୁ ନୋଟିସ୍ ଜାରି କରିଛି। ଭିନେଶ ଟୋକିଓ ଅଲିମ୍ପିକ୍ସ କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇଥିଲେ। ଅଗଷ୍ଟ ୧୬ ସୁଦ୍ଧା ନୋଟିସର ଜବାବ ରଖିବା ଲାଗି ତାଙ୍କୁ ନିର୍ଦ୍ଦେଶ ହୋଇଛି। ଭିନେଶ କୋଚ୍ ଉଲର ଆକସଙ୍କ ସହିତ ହଙ୍ଗେରୀରେ ଟ୍ରେନିଂ ନେଇ ସାରିବା ପରେ ଅଲିମ୍ପିକ୍ସରେ ଭାଗ ନେବାଲାଗି ଟୋକିଓ ଗସ୍ତ କରିଥିଲେ। ହେଲେ ଗେମ୍ସ ଭିଲେଜରେ ସେ ରହିବାକୁ ଏବଂ ଭାରତୀୟ ଦଳର ଅନ୍ୟ ସଦସ୍ୟଙ୍କ ସହ ଟ୍ରେନିଂ ନେବାକୁ ସେ ମନା କରିଦେଇଥିଲେ। ଭାରତୀୟ ଦଳର ଅଫିସିଆଲ ପ୍ରାୟୋଜକଙ୍କ ପୋଷାକ ପରିବର୍ତ୍ତେ ତାଙ୍କ ବାଉଟ୍ ବେଳେ ଏକ ନାଇକ୍ ସିଙ୍ଗ୍‌ଲେଟ୍ ବ୍ୟବହାର କରିଥିଲେ। ତାଙ୍କୁ ସାମୟିକ ଭାବେ ସସ୍‌ପେଣ୍ଡ କରାଯାଇଛି। ସମସ୍ତ ପ୍ରକାର ରେସ୍‌ଲିଂ କାର୍ଯ୍ୟକଳାପରୁ ତାଙ୍କୁ ବାଦ୍ ଦିଆଯାଇଛି। ସେ ଜବାବ ଦାଖଲ କରିବା ପରେ ଡବ୍ଲ୍ୟୁଏଫ୍ଆଇ ତାଙ୍କ ବିରୋଧରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ସେ ପର୍ଯ୍ୟନ୍ତ ସେ କୌଣସି ଜାତୀୟ କିମ୍ବା ଅନ୍ୟ କୌଣସି ଘରୋଇ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ। ଖବର ଅନୁସାରେ ଡବ୍ଲ୍ୟୁଏଫ୍ଆଇ ସେମାନଙ୍କ ଆଥ୍‌ଲେଟଙ୍କୁ ନିୟନ୍ତ୍ରଣରେ ରଖିପାରୁ ନାହିଁ ବୋଲି ଦର୍ଶାଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତରଫରୁ ଡବ୍ଲ୍ୟୁଏଫ୍ଆଇକୁ ଏକ ନୋଟିସ ଜାରି କରାଯାଇଛି। ଖବର ଅନୁସାରେ ଭିନେଶଙ୍କୁ ତାଙ୍କ ଭାରତୀୟ ଟିମ୍‌ମେଟ୍ ସୋନମ, ଅଂଶୁ ମଲିକ ଓ ସୀମା ବିସ୍‌ଲାଙ୍କ ନିକଟରେ ରହିବା ଲାଗି ଏକ ରୁମ୍ ଦିଆଯାଇଥିଲା। ମାତ୍ର ଏହି ରେସ୍‌ଲରମାନେ ଭାରତରୁ ଆସିଥିବାରୁ କରୋନା ଭାଇରସ ସଂକ୍ରମଣ ଆଶଙ୍କା ରହିଥିବା ଦର୍ଶାଇ ସେମାନଙ୍କ ପାଖାପାଖି ନ ରହିବା ପାଇଁ ସେ ଅଡି ବସିଥିଲେ। ସେ ଭାରତୀୟ ରେସ୍‌ଲରମାନଙ୍କ ସହ ଟ୍ରେନିଂ ମଧ୍ୟ ନେଇ ନ ଥିଲେ। ହଙ୍ଗେରୀରୁ ଆସିଥିବାରୁ ଭାରତୀୟ ଦଳ ସହ ଟ୍ରେନିଂ ନେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଦର୍ଶାଇଥିଲେ। ଜଣେ ସିନିୟର ରେସ୍‌ଲରଙ୍କଠାରୁ ଏଭଳି ଆଚରଣ ଆଶା କରାଯାଏ ନାହିଁ ବୋଲି ଜଣେ ଅଫିସିଆଲ କହିଛନ୍ତି। ଭିନେଶଙ୍କଠାରୁ ଏଥର ପଦକ ଆଶା କରାଯାଉଥିଲା। ମାତ୍ର ସେ ବେଲାରୁଷର ଭାନେସାଙ୍କଠାରୁ ହାରିଯାଇଥିଲେ। ଅନ୍ୟପକ୍ଷରେ ଖରାପ ଆଚରଣ ବ୍ୟବହାର ପାଇଁ ୧୯ ବର୍ଷୀୟା ସୋନମଙ୍କ ବିରୋଧରେ ମଧ୍ୟ ନୋଟିସ ଜାରି କରାଯାଇଛି। ସେ ନିଜକୁ ଜଣେ ଷ୍ଟାର ଆଥ୍‌ଲେଟ ମଣିଥିଲେ। ଟୋକିଓ ଗସ୍ତ ପୂର୍ବରୁ ସେ ନିଜ ପାଇଁ ହେଉ ଅବା ତାଙ୍କ ପରିବାର ଡବ୍ଲ୍ୟୁଏଫ୍ଆଇ କାର୍ଯ୍ୟାଳୟରୁ ପାସ୍‌ପୋର୍ଟ ସଂଗ୍ରହ କରିବା କଥା। କିନ୍ତୁ ତାଙ୍କ ତରଫରୁ ପାସ୍‌ପୋର୍ଟ ସଂଗ୍ରହ ପାଇଁ ସେ ସାଇ ଅଫିସିଆଲଙ୍କୁ କହିଥିଲେ। ଏହା ଆଦୌ ଗ୍ରହଣୀୟ ନୁହେଁ। ଅଲିମ୍ପିକ୍ସ ପଦାର୍ପଣରେ ସୋନମ ବିନା ପଦକରେ ସ୍ୱଦେଶ ଫେରିଛନ୍ତି।


ସୋନମ ମଲିକ ଓ ଭିନେଶ ଫୋଗଟ।

# ପ୍ୟାରିସ୍‌ରେ ମେସିଙ୍କୁ ଜୋର୍‌ଦାର ସ୍ୱାଗତ

**ପ୍ୟାରିସ,୧୦।୮(ଏପି):** ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଜଣାଶୁଣା ଫୁଟବଲ କ୍ଲବ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ରେ ଯୋଗ ଦେବାକୁ ରାଜି ହୋଇଛନ୍ତି। ଏଥିପାଇଁ ମଙ୍ଗଳବାର ମେସି ପ୍ୟାରିସ୍‌ରେ ପହଞ୍ଚିବା ପରେ ତାଙ୍କୁ ଜୋର୍‌ଦାର ସ୍ୱାଗତ କରାଯାଇଛି। ପ୍ରଶଂସକମାନେ 'ମେସି ମେସି' ବୋଲି ଉଚାରଣ କରି ତାଙ୍କୁ ସ୍ୱାଗତ କରିଥିଲେ। ବାର୍ସିଲୋନାରେ ଦୀର୍ଘ ବର୍ଷର କ୍ୟାରିୟର ଶେଷ କରି ମେସି ଏବେ ନୂଆ କ୍ଲବରେ ଯୋଗ ଦେବା ନିଶ୍ଚିତ ହୋଇଛି ବୋଲି ଆସୋସିଏଟେଡ ପ୍ରେସ୍ ରିପୋର୍ଟ ପ୍ରକାଶ କରିଛି। ମେସି ଦୁଇବର୍ଷିଆ ଚୁକ୍ତି କରିବାକୁ ରାଜି ହୋଇଛନ୍ତି। ଏ ସଂକ୍ରାନ୍ତରେ ଖୁବ୍ ଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ନୂଆ ଚୁକ୍ତି ଅନୁସାରେ ମେସି ବର୍ଷକୁ ୩୫ ମିଲିୟନ ୟୁରୋ ବା ୪୧ ମିଲିୟନ ଆମେରିକୀୟ ଡଲାର ଅର୍ଥ ଉପାର୍ଜନ କରିବେ। ବାର୍ସିଲୋନା ସହ ଚୁକ୍ତି ଶେଷ ହେବା ପରେ ମେସିଙ୍କୁ ନିଜ ଦଳରେ ସାମିଲ କରିବାକୁ ବିଭିନ୍ନ କ୍ଲବ୍ ତତ୍ପର ହୋଇଛନ୍ତି। ମେସିଙ୍କୁ ବାର୍ସିଲୋନା ରଖିବାକୁ ଚାହୁଁଥିଲେ ମଧ୍ୟ ସ୍ଥିତି ଅଲଗା ପ୍ରକାର ଥିଲା। ମେସି ମଧ୍ୟ ନିଜର ପାଉଣା କମ୍ କରିବାକୁ ରାଜି ହୋଇଥିଲେ। ତେବେ ସ୍ପାନିଶ ଲିଗ୍‌ର କେତେକ ଆର୍ଥିକ କଟକଣା ପ୍ରତିବନ୍ଧକ ସାଜିଥିଲା। ଯାହାଫଳରେ ମେସିଙ୍କୁ ବାର୍ସିଲୋନାରେ ରଖିବାକୁ ସମର୍ଥ ହୋଇ ନ ଥିଲା। ୧୬ ବର୍ଷ ବୟସରୁ ମେସି ବାର୍ସିଲୋନା ସହ ଜଡିତ ରହିଆସିଛନ୍ତି। ଏହି କ୍ଲବରେ ସେ ଶୈଶବ ଓ ଯୌବନ ଅତିବାହିତ କରିଛନ୍ତି। ତେଣୁ ବାର୍ସିଲୋନା ସହ ସମ୍ପର୍କ ତୁଟାଇବା ମେସିଙ୍କ ପାଇଁ ସେତେଟା ସହଜ ହୋଇନାହିଁ। ଗତ ଗୁରୁବାର ମେସି କ୍ଲବ ଛାଡୁଛନ୍ତି ବୋଲି ବାର୍ସିଲୋନା ତରଫରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ବାର୍ସିଲୋନା ତରଫରୁ ପ୍ରତିନିଧିତ୍ୱ କରି ମେସି ସବୁ ମେଜର ଟ୍ରଫି ହାସଲ କରିବା ସହ ଏକାଧିକ ବାର ୱାର୍ଲ୍ଡ ପ୍ଲେୟାର ଅଫ୍ ଦି ଇୟର ଟାଇଟଲ ହାସଲ କରିଥିଲେ। ମେସି ମଧ୍ୟ ଏକ ଖବରଦାତା ସମ୍ମିଳନୀରେ ବାର୍ସିଲୋନା କ୍ଲବ ଛାଡିବା ନେଇ ଘୋଷଣା କରିବା ବେଳେ ବେଶ୍ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଅଗଷ୍ଟ, ୨୦୨୧

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବେଗୁନିଆ,(ଡି.ଏନ୍.ଏ.): ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ତହସିଲ ଅନ୍ତର୍ଗତ ଲୋକିପୁର ଗ୍ରାମର ନିଶିଭୂଷଣ ଶ୍ରୀଚନ୍ଦନ(୩୫)। ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୭ଟାରେ ଶ୍ରୀଚନ୍ଦନ ବାରିରେ କାକୁଡି ତୋଳୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନିଶିଭୂଷଣଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



## ସଂକ୍ଷେପରେ

### ଦିନକରେ ୨୫ ପଜିଟିଭ, ୪୮ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୦।୮ :** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ନିୟନ୍ତ୍ରଣ ସ୍ଥିତିରେ ରହିଛି। ମଙ୍ଗଳବାର ୨୫ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୪୮ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିପାଟଣା ୧, ଭୁବନେଶ୍ୱର ବ୍ଲକ ୩, ଜଟଣୀ ୬, ଖୋର୍ଦ୍ଧା ୩, ବେଗୁନିଆ ୩, ବୋଲଗଡ ୧, ଟାଙ୍ଗୀ ୩, ଚିଲିକା ୨ ଏବଂ ବାଣପୁରର ୩ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ମୋଟ ୫,୩୬,୪୪୧ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୮,୮୧୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୮,୨୯୬ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୨୧ଜଣଙ୍କ ମୃତ୍ୟୁ ଘଟିଛି। ୧୯୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୧୦।୮:** ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟା ବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଳରାମ ନାୟକ। ସୂଚନା ମୁତାବକ, ସମ୍ପୃକ୍ତ ନାବାଳିକାଙ୍କ ସହିତ ବଳରାମଙ୍କ ପ୍ରେମ ସମ୍ପର୍କ ରହିଥିଲା। ପରେ ନାବାଳିକାଙ୍କ ଆଗୋଚରରେ ଅଶ୍ଳୀଳ ଚିତ୍ର ଉତ୍ତୋଳନ କରିଥିଲେ। ଏହି ଭିଡିଓ ଭାଇରାଲ ବାହାନା ଦେଖାଇ ତାଙ୍କ ସହ ବାରମ୍ବାର ସମ୍ପର୍କ ରଖିବା ସହ ୧୦ହଜାର ଟଙ୍କା ଦାବି କରିଥିଲେ। ନାବାଳିକା ଜଣକ ଟଙ୍କା ଦେବାକୁ ମନା କରିବାରୁ ଭିଡିଓ ଭାଇରାଲ କରିଦେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୩୧୧/୨୧)ରେ ରୁଜକରି ତଦନ୍ତ ଚଳାଇଥିଲା।

### ଡକାୟତି ଯୋଜନା, ୫ ଗିରଫ

**ପୁରୀ ଅଫିସ,୧୦।୮:** ଡକାୟତି ଯୋଜନା କରୁଥିବାବେଳେ ସମୁଦ୍ରକୂଳ ଥାନା ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଏହି ଥାନା ପେଣ୍ଠକଟା ବେହେରା ସାହିର ଗିରିଧର ବେହେରା, ଗୌତମ ଦାସ, ଏ .ପେଟା ଶିବ, ଧୋବାଖାଲ ତାରିଣୀ ବସ୍ତିର ଏମ୍.ଜଗା ଏବଂ ତାଳବଣିଆ ଥାନା ଅନ୍ତର୍ଗତ ପିକେଆର୍‌ଆଇଟି କଲୋନୀର ଅର୍ଜୁନ ପୃଷ୍ଟି। ସେମାନଙ୍କଠାରୁ ଗୋଟିଏ ପ୍ଲାଷ୍ଟିକ ପାଇପ୍, ୨ଟି ଲୁହାରଡ, ଗୋଟିଏ ଆଇରନ ରଡ ଏବଂ ଗୋଟିଏ ଲୁହା ଛୁରି ଜବତ କରିଛି। ପୋଲିସ ଏ ନେଇ ନଂ.୧୬୪/୨୧ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସମୁଦ୍ରକୂଳ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ସଦାଶିବ ସଂସ୍କୃତ ଛାତ୍ରାବାସ ନିକଟରେ ଥିବା ଏକ ଖୋଲା ପଡ଼ିଆରେ କେତେଜଣ ଅସାମାଜିକ ଯୁବକ ଏକାଠି ହୋଇ ଆପରାଧିକ କାର୍ଯ୍ୟକଳାପ କରିବା ପାଇଁ ଯୋଜନା କରୁଥିବା କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ପୋଲିସର ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ ଯୁବକଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବାରେ ଡକାୟତି ଯୋଜନା କଥା ସ୍ୱୀକାର କରିଥିଲେ।

### ବର୍ଷା ପାଇଁ ଗିରିପୂଜା



**ଜଟଣୀ,୧୦।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି। ବର୍ଷା ହେବା ପାଇଁ ଗିରିପୂଜା ସହିତ ବେଙ୍ଗ ବେଙ୍ଗୁଲୀଙ୍କ ବିବାହ କରାଯାଇଛି। ଭଲ ବର୍ଷା ପାଇଁ ଏହି ପୂଜା କରାଯାଇଥାଏ। ଚଳିତ ବର୍ଷାଋତୁରେ କମ୍ ବର୍ଷା ଯୋଗୁ ଚାଷ କାମ କରିବାରେ ଅସୁବିଧା ହେଉଥିବାରୁ ନିଜ କ୍ଷେତରେ ଉପଯୁକ୍ତ ପାଣି ଦେବା ସହିତ ଭଲ ଚାଷ ନିମନ୍ତେ ଅଙ୍ଗାରପଡା, ଛତାବର, ପଳାସପୁରଗ୍ରାମ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ରବିବାର କନ୍ଦଲେଇ ମୁଣ୍ଡିଆରେ ଗିରିପୂଜା ଓ ବେଙ୍ଗବେଙ୍ଗୁଲି ବିବାହ ଆୟୋଜନ କରିଥିଲେ। କୋଭିଡ୍ ଗାଇଡଲାଇନ ମୁତାବକ ସୀମିତ ଲୋକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂଗଠନର ଖୋଲତାଡ଼ ଦାବି ତେଜିଲା

**ଯୁବକଙ୍କୁ ହତ୍ୟା ପରେ ପୋଡ଼ିବା ମାମଲା**

■ଏସ୍‌ପିଙ୍କୁ ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ଦାବିପତ୍ର

ଖୋର୍ଦ୍ଧା ଅଫିସ,୧୦।୮

ବେଗୁନିଆ ଥାନା ଅଭିମାନପୁରର ସତ୍ୟବ୍ରତ ନାୟକଙ୍କୁ କରଡ଼ଗାଡ଼ିଆରେ ହତ୍ୟା ପରେ ପୋଡ଼ି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସଂଗଠନରେ ନ ମିଶିବାରୁ ଆକ୍ରୋଶମୂଳକ ଭାବେ ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ମୃତଦେହ ପୋଡି ଦେଇଥିବା ଏସ୍‌ପି ରାଜକିଶୋର ସୂଚନା ଦେଇଥିଲେ। ତେବେ ଏହି ହତ୍ୟାକାଣ୍ଡ ଏବେ ନୂଆ ମୋଡ଼ ନେବାକୁ ଲାଗିଛି। ଏହି ହତ୍ୟାକାଣ୍ଡ ସୁପରିକଳ୍ପିତ ଏବଂ ପ୍ରାୟୋଜିତ ବୋଲି ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ଅଭିଯୋଗ କରିଛି। ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ମଞ୍ଚ ପକ୍ଷରୁ ମଙ୍ଗଳବାର ଏସ୍‌ପି ଦୋରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଯେ, ସଂଗଠନରେ ନ ମିଶିବାରୁ ହତ୍ୟା କରାଯାଇଛି। ଏହା କେଉଁ ପ୍ରକାର ସଂଗଠନ, ଏହାର ପ୍ରତିଷ୍ଠାତା କିଏ, ଏହାର ମୁଖ୍ୟ କାର୍ଯ୍ୟାଳୟ କେଉଁଠି ରହିଛି, କିଏ ଏହାକୁ ସଞ୍ଚାଳନ କରୁଛନ୍ତି, ଏହା ତଦନ୍ତ ସାପେକ୍ଷ। ଗିରଫ ଅଭିଯୁକ୍ତମାନେ ଅଲଗା ସ୍ଥାନରୁ ରହିଛନ୍ତି। ତେଣୁ ଏହା ଏକ ରାଜ୍ୟସ୍ତରୀୟ ସଙ୍ଗଠନ। ଏହି ସଂଗଠନର ମୁଖ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଆବଶ୍ୟକ ରହିଛି। ଏହି ସଙ୍ଗଠନର ଆଭିମୁଖ୍ୟ କଣ, ଏହାକୁ ତଦନ୍ତ ପରିସରକୁ ଅଣାଯାଉ। ମୃତକଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ମାନବବାଦ ସଂଗଠନର ନାମ ଉଲ୍ଲେଖ ରହିଛି। ଦିଆଯାଇଥିବା ଅଭିଯୋଗରେ ଏହି ସଙ୍ଗଠନର ମୁଖ୍ୟ ମାନସ ଦାସ ବୋଲି ଦର୍ଶାଯାଇଛି। ତେବେ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ବିଭିନ୍ନ ସମୟରେ ମାନପୁର ଠାରେ ହୋଇଥିବା ବୈଠକ ଏବଂ କରଡଗାଡିଆରେ ହୋଇଥିବା ବୈଠକରେ ଏହି ସଂଗଠନର ଅନ୍ୟ କେଉଁମାନେ ଉପସ୍ଥିତି ଥିଲେ, ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯାଉ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ସଂଗଠନର ଅନ୍ୟମାନଙ୍କୁ ଗିରଫ କରାଯାଉ। ଏହି ସଙ୍ଗଠନ ସମ୍ପର୍କରେ ଖୋଲତାଡ କରିବାକୁ ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ସଭାପତି ଭିକାରୀ ଚରଣ ସାହୁ ଦାବି କରିଛନ୍ତି।

**ସଅରଙ୍କୁ ଏକାଠି କରି ନେତୃତ୍ୱ ନେଉଥିଲେ**

ସଅରମାନଙ୍କୁ ସଙ୍ଗଠିତ କରି ରାଜନୀତି ଆଶାରେ ମୁଖ୍ୟ ଅଭିଯୁକ୍ତ ସପ୍ନେଶ୍ୱର ଓ ସହଯୋଗୀ ଟୁଲୁ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ସଅରଙ୍କୁ ଏକାଠି କରି ଏହାର ନେତୃତ୍ୱ ନେଉଥିଲେ। ବେଗୁନିଆ ମାନପୁର ଗ୍ରାମର ସତ୍ୟବ୍ରତଙ୍କୁ ଏଥିରେ ସାମିଲ ହେବାକୁ ତାଗିଦ୍ କରିଥିଲେ ମଧ ସେ ଏଥିରେ ରାଜି ହୋଇନଥିଲେ। ଭବିଷ୍ୟତରେ କୌଣସି ବାଧା ସୃଷ୍ଟି କରିବ, ସେଥିଲାଗି ତାଙ୍କୁ ଅଭିଯୁକ୍ତମାନେ ଅପହରଣ କରିନେଇ କରଡ଼ଗାଡିଆରେ ପିଟି ପିଟି ମାରିଦେଇଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ଏକ କାଜୁ ଜଙ୍ଗଲରେ ମୃତଦେହ ପୋଡ଼ିଦେଇଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୪୯/୨୧) ରୁଜୁ ହୋଇଥିଲା।

# ଅଭିଯୋଗ ସତ୍ତ୍ୱେ ପୋଲିସ ପଦକ୍ଷେପ ନେଉନି




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ଭାଜପା ଅନୁସୂଚିତ ଜାତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର**

ଖୋର୍ଦ୍ଧା ଅଫିସ,୧୦।୮

ବିଜୁ ଜନତା ଦଳ ନେତା ଓ କର୍ମୀଙ୍କ ଦ୍ୱାରା ଦଳିତଙ୍କ ଉପରେ ବାରମ୍ବାର ଆକ୍ରମଣ ଏବଂବାବାସାହେବ ଆମ୍ବେଡକରଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ମଙ୍ଗଳବାର ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, କେନ୍ଦ୍ରପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀ ବାଳକାଟୀ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ରହସ୍ୟ ଉନ୍ମୋଚନ କରିବାରୁ ଉକ୍ତ ଅଞ୍ଚଳର ନବକିଶୋର ମଲ୍ଲିକଙ୍କ ପରିବାର ଉପରେ ଆକ୍ରମଣ କରାଯାଇଥିଲା। ପରିବାର ପକ୍ଷରୁ ଅଭିଯୋଗ ସତ୍ତ୍ୱେ ଥାନାଧିକାରୀ ଅଭିଯୋଗ ରଖିନଥିଲେ। ପରେ ଭାଜପା ଅନୁସୂଚିତ ଜାତି ରାଜ୍ୟ ସଭାପତି ଡ.ବିଭୁ ପ୍ରସାଦ ତରାଇଙ୍କ ନେତୃତ୍ୱରେ ଏକ ଟିମ୍ ଅତିରିକ୍ତ ଏସପିଙ୍କ ଭେଟି ନବକିଶୋର ପରିବାରଙ୍କୁ ସୁରକ୍ଷା ସହ ଥାନାଧିକାରୀଙ୍କ ବଦଳି, ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପ୍ରତିଶ୍ରୁତି ସତ୍ତ୍ୱେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି ଜଗତ୍‌ସିଂହପୁର ଜିଲା ଦଳିତ ମହିଳାଙ୍କୁ ଆକ୍ରମଣ କରିବା ସହ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରକୁ ଗୋଡରେ ଦଳି ଫିଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଜିଲା ଅନୁସୂଚିତ ଜାତି ସଭାପତି ଶିବ ମଲ୍ଲିକଙ୍କ ନେତୃତ୍ୱରେ ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ରଶ୍ମିତା ସାମନ୍ତରାୟ, କାଳୁ ଖଣ୍ଡେୟତରାୟ, ଶିବ ମଲ୍ଲିକ, ଦିବାକର ଭୋଇ, ବିଦ୍ୟୁତ୍ କାଣ୍ଡି, ତାବସ ଜେନା, ପ୍ରଦୀପ୍ତ ବଡ଼ଜେନା, ପୁଷ୍ପଲତା ଭୋଇଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଭାଙ୍ଗିଲା ମଲାଗୁଣୀ ବ୍ୟାରେଜ ଗେଟ୍

ନିରାକାରପୁର,୧୦।୮(ଡି.ଏନ୍.ଏ.)

ଚାଷୀଙ୍କ ଉନ୍ନତି ପାଇଁ ୧୯୮୧ ଡିସେମ୍ବର ୨୧ ରେ ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଗଡରେ ଠାରେ ମଲାଗୁଣି ନଦୀରେ ମଲାଗୁଣୀ କ୍ଷୁଦ୍ର ଜଳସେଚନ ଯୋଜନା (ବ୍ୟାରେଜ) ନିର୍ମାଣ କରାଯାଇଥିଲା। ଏହି ବ୍ୟାରେଜରେ ବର୍ଷାଦିନେ ପାଣିକୁ ରଖାଯାଇ ଖରାଦିନେ ଉକ୍ତ ପାଣିକୁ କେନାଲ ମାଧ୍ୟମରେ ଚାଷୀମାନଙ୍କୁ ଦିଆଯିବା ପାଇଁ ଏହି ବ୍ୟାରେଜରେ ୯ଟି ଗେଟ ଲାଗିଛି । ହେଲେ ଏହାର ରକ୍ଷଣାବେକ୍ଷଣ ନ ହେବାରୁ ସୋମବାର ୮ନଂ. ଗେଟ ଭାଙ୍ଗି ଯାଇଛି। ଫଳରେ ବ୍ୟାରେଜରେ ରହିଥିବା ପାଣି ତଳକୁ ଚାଲିଯାଇ ବ୍ୟାରେଜ ସମ୍ପୂର୍ଣ୍ଣ ଶୁଖିଲା ପଡିଛି । ଉପର ମୁଣ୍ଡରେ ବର୍ଷା ଲାଗିରହିଥିବା ବେଳେ ଏହି ଗେଟ ଖୋଲା ଯୋଗୁ ତଳମୁଣ୍ଡରେ ବନ୍ୟା ଆଶଙ୍କା କରି ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି ।

## ୬୫ ୟୁନିଟ ରକ୍ତ ସଂଗ୍ରହ

ବେଗୁନିଆ,୧୦।୮(ଡି.ଏନ୍.ଏ.)

ବେଗୁନିଆ ନିର୍ବାଚନମଣ୍ଡଳୀ ଡାଳତୋଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ(ରକ୍ତଦାନ ଶିବିର) ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ୍ ୬୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ସଂଯୋଜନା କରିଥିଲେ। ସ୍ଥାନୀୟ ଲୋକିପୁର ଗ୍ରାମ ନିକଟରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ ଯୁବ ବିଜେଡି ସଭାପତି ବିଭୂତି ଭୂଷଣ ମହାନ୍ତି, ଶୁଭକାନ୍ତ ମହାପାତ୍ର, ସତ୍ୟନାରାୟଣ ପ୍ରଧାନ, ତନୁଜା ପାଟସାହାଣୀ, ରୂପକାନ୍ତି ସାହୁ, ଦିଲୀପ ମହାପାତ୍ର, ମନୋରମା ସାହୁ, କଳ୍ପଲତା ଘଡେଇ, ଶେଖ୍ ଅସଗର୍ ଅଲ୍ଲୀ, ସତ୍ୟପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଉପସ୍ଥାନ ପକାଇ କ୍ଲିନିକମୁହାଁ ଡାକ୍ତର

**ବେଗୁନିଆ ବ୍ଲକ**

ବେଗୁନିଆ,୧୦।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ହେଲେ ମିଳୁନି ଉପଯୁକ୍ତ ସେବା। ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ନାହାନ୍ତି। ଯେଉଁଠି ଅଛନ୍ତି ସେଠାରେ ଉପଯୁକ୍ତ ସେବା ମିଳୁନାହିଁ। ଡାକ୍ତରମାନେ ଉପସ୍ଥାନ ପକାଇ କ୍ଲିନିକ ମୁହାଁ ହେଉଛନ୍ତି। ଡାକ୍ତରଙ୍କ ଅନୁପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ କର୍ମଚାରୀମାନେ ରୋଗୀ ସେବା କରୁଛନ୍ତି। ଏନେଇ ସାମାଜିକ କର୍ମୀ ଅକ୍ଷୟ ରଥ, ଶିବ କୁମାର ମୁନି, ମାୟାଧର ବେହେରା ପ୍ରମୁଖ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଏହି ବ୍ଲକର ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ପାଳିକରି ଆସୁଥିବା ଜଣାପଡ଼ିଛି। ସିକୋ, ହଜ, କଣ୍ଟାବାଡ଼, ବାଘମାରି, ଡିଙ୍ଗର, ପରିଛଳ, ପୋଡାଡ଼ିହ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ନରେ ଡାକ୍ତରମାନେ ଉପସ୍ଥାନ ପକାଇ ଘରୋଇ କ୍ଲିନିକ ମୁହାଁ ହେଉଛନ୍ତି। ଏପଟେ ରୋଗୀମାନେ ଅପେକ୍ଷା କରି ହଟହଟା ହେଉଛନ୍ତି। ଡାକ୍ତରଙ୍କ ପରିବର୍ତ୍ତେ କର୍ମଚାରୀମାନେ ସେବା ଯୋଗାଉଛନ୍ତି। ଅଧିକାଂଶ ସମୟରେ ରୋଗୀ ଉପଯୁକ୍ତ ସେବା ନ ପାଇବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବା ପାଇଁ ବାଧ ହେଉଛନ୍ତି। ଏନେଇ ବ୍ଲକ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ। ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରତି ଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ତଦନ୍ତ ପରେ ସତ୍ୟତା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି।

## ଉଚ୍ଛେଦ ହେଲା କୋଠ, ଭାଗବତ ଘର

ନିରାକାରପୁର,୧୦।୮(ଡି.ଏନ୍.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ରେଙ୍ଗଟା ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣଧୀନ କୋଠ ଘର, ଭଗବତ ଘର ଓ ଖୁଦୁରୁକୁଣୀ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଟାଙ୍ଗୀ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ, ନିରାକାରପୁର ଥାନାଧିକାରୀ ଗୀତାଞ୍ଜଳି ନାୟକ, ଜଙ୍କିଆ ଥାନାଧିକାରୀ ଭବାନୀ ଶଙ୍କର ଖଣ୍ଟିଆ, ନିରାକାରପୁର ରାଜସ୍ୱ ନିରୀକ୍ଷକଙ୍କ ସମେତ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ତେବେ ଉଚ୍ଛେଦ ପାଇଁ ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ମହିଳାମାନେ ରାସ୍ତାରେ ବସି ରହିଥିଲେ। ପରେ ବୁଝାଶୁଝା କରିବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଥାନା ଅଧିକାରୀ ନାୟକ କହିଛନ୍ତି, ଏହି ଗ୍ରାମର ଜଣେ ବ୍ୟକ୍ତି ବାରିପଟେ ପ୍ଲଟ ନଂ.୧୯୧ ଓ ୧୯୩, ଖାତାନଂ.୮ ଓ ୧୮୮ଏରିଆ ପଏଣ୍ଟ ୦୧୪ ଓ ପଏଣ୍ଟ ୦୦୪ଡିସିମିଲ ଯିବା ରାସ୍ତା ଉପରେ ଗ୍ରାମବାସୀ କୋଠଘର ଏବଂ ଭଗବତଘର ତୋଳାକୁ ନେଇ ସେ ୨୦୧୭ ମସିହାରୁ କୋର୍ଟରେ ମୋକଦ୍ଦମା ଦାୟର କରିଥିଲେ। ଏହାକୁ ଉଚ୍ଛେଦ କରାଗଲା ବୋଲି ସେ ସୂଚନା ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବବ୍‌ଲୁ



@ ମିତାଲି



@ ପ୍ରତାପ



@ ସଂଗ୍ରାମ



@ ସୌମ୍ୟରଞ୍ଜନ



@ କ୍ଷୀରୋଦ

# ଖାଲଖମାରେ ଟିକାତାଳ-କୋଦବେରେଣୀ ରାସ୍ତା

■ନିମ୍ନମାନର କାମ ଅଭିଯୋଗ

■ପାଣି ଜମି ରହୁଛି, ଯାତାୟାତ ବାଧାପ୍ରାପ୍ତ

ଖୋର୍ଦ୍ଧା ଅଫିସ,୧୦।୮

ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। କେଉଁଠି ଠିକାଦାରଙ୍କ ମନମାନୀ ତ’ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଟିକାତାଳ ଠାରୁ କୋଦବେରେଣୀ ରାସ୍ତା କାର୍ଯ୍ୟରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣର କିଛି ମାସ ପରେ ୧୦କି.ମି. ବ୍ୟାପ୍ତ ଏହି ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାରେ ଖାଲଖମା ହେବାରୁ ମରଣଯନ୍ତା ପାଲଟିଛି। ସୂଚନା ମୁତାବକ, ଏହି ବ୍ଲକର ଟିକାତାଳରୁ କୋଦବେରେଣୀ ୧୦କିମି ରାସ୍ତାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିତ ପାଣ୍ଠିରେ ୪କୋଟି ୫୭ଲକ୍ଷ ୨୬୬୧୩ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହୋଇଛି। ୨୦୧୬ ନଭେମ୍ବର ୧ରେ ଏହାର କାର୍ଯ୍ୟ ଆରମ୍ଭ ହୋଇ ୨୦୧୭ ଅକ୍ଟୋବର ୩୧ରେ ଶେଷ ହୋଇଥିଲା। ନିର୍ମାଣ କାର୍ଯ୍ୟର ଶେଷ ତାରିଖ ଠାରୁ ୫ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର ଏହି ରାସ୍ତାର ରକ୍ଷଣାବେକ୍ଷଣ କରିବେ ବୋଲି ଫଳକରେ ଉଲ୍ଲେଖ ରହିଛି। ତେବେ ନିର୍ମାଣର କିଛିମାସ ପରେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ୫ଟି ପଞ୍ଚାୟତର ଗ୍ରାମବାସୀ ନିର୍ଭର କରିଥାନ୍ତି। ନିମ୍ନମାନର କାମ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସ୍ଥାନୀୟ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପର ଠାରୁ ଠିକାଦାରଙ୍କ ଦେଖାନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ। ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଏହି ରାସ୍ତା ଗ୍ରାମବାସୀଙ୍କ କୌଣସି କାମରେ ଆସୁନାହିଁ। ଏହି ରାସ୍ତାରେ ଯାତାୟାତ ବେଳେ ଲୋକେ ପଡି ଆହତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଓ ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଚିତ୍ତରଞ୍ଜନ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।



ଖାଲଖମାରେ ପରିପୂର୍ଣ୍ଣ ଟିକାତାଳ-କୋଦବେରେଣୀ ରାସ୍ତା।

**ଗୋବଂଶ ସୁରକ୍ଷା, ବୃକ୍ଷ ସୁରକ୍ଷା ଅଭିଯାନ**

ସାକ୍ଷୀଗୋପାଳ,(ଡି.ଏନ୍.ଏ): ସାକ୍ଷୀଗୋପାଳ ବ୍ଲକ ଅଲଗୁମ ପଞ୍ଚାୟତରେ ଗୋବଂଶର ସୁରକ୍ଷା ତଥା ଗୋମାତାଙ୍କଠାରୁ ଗୋବର ଓ ଗୋମୁତ୍ର ସଂଗ୍ରହ ଜରିଆରେ ଉପାର୍ଜନ ଲକ୍ଷ୍ୟ ନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବାରିକ ସାହି, ବଢ଼େଇ ସାହି, ବାଟୁଳିପଡା, ବଉଳ ସାହି, ହାଟସାହି, ବସନ୍ତମାଳ, ଆଦି ଗାଁରେ ସ୍ୱେଚ୍ଛାସେବୀମାନେ ଅବଗତ କରିବା ସହିତ ଗୋବଂଶ ସୁରକ୍ଷା ଓ ବୃକ୍ଷ ସୁରକ୍ଷା ବିଷୟରେ ବିଭିନ୍ନ ପ୍ରକାର ନାରା ଦେଇ ଏ ସମ୍ପର୍କୀୟ ପ୍ରଚାର ପତ୍ରିକା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତିରୁପତି ଜେନା ପରିଚାଳନା କରିଥିବା ବେଳେ ବଳରାମ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମାନସ ଜେନା, ବିହାରି ବିଶ୍ୱାଳ, ଶିଶିର ନାୟକ, ତ୍ରିଲୋଚନ ଜେନା, ଦିଲୀପ ରଥ ଓ ସାଥୀମାନେ ସାମିଲ ହୋଇ ସହଯୋଗ କରିଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୦।୦୮।୨୦୨୧

୧୨୮୨ ଟଙ୍କା

**ସଂକ୍ଷେପରେ**

## ୮ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମଗିରି,୧୦।୮(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମୟରେ ମଙ୍ଗଳବାର ରାତିରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କରିମପୁର ଗ୍ରାମର ଲକ୍ଷ୍ମୀଧର ଘଡ଼େଇ, ସତ୍ୟପ୍ରିୟ ଘଡ଼େଇ, ଜଗନ୍ନାଥ ଘଡ଼େଇ। ସେମାନଙ୍କଠାରୁ ସାଢେ ୮କିଲୋ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୫୯/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଗଞ୍ଜେଇ ବ୍ୟାପକ ଚୋରା ଚାଲଣ ହେଉଥିବା ପୋଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ତେବେ ମଙ୍ଗଳବାର ରାତିରେ ଏକ ଶୁଖୁଆ ବୋଝେଇ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଏ ନେଇ ପୋଲିସର ଏକ ଟିମ୍ ବ୍ରହ୍ମଗିରି ରାସ୍ତାରେ ଜଗି ରହି ଗାଡ଼ି ଉପରେ ଚଢ଼ାଉ କରିଥିଲେ। ଗାଡ଼ି ଚେକିଂ କରିବାରୁ ଏକ ବ୍ୟାଗରେ ସାଢେ ୮କିଲୋ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଧରିଥିଲେ।

## ଶପଥ ନେଲେ ମା'ମଙ୍ଗଳା ସେବକ ସମିତି କର୍ମକର୍ତ୍ତା

କାକଟପୁର,୧୦।୮(ଡି.ଏନ୍.ଏ.): କାକଟପୁରର ମା' ମଙ୍ଗଳାଙ୍କ ସେବକ ସମିତିର ଶପଥ ପାଠ ଉତ୍ସବ ସ୍ଥାନୀୟ ସେବକ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଜୟନ୍ତ ରାଉତ ଯୋଗ ଦେଇଥିଲେ। ମନ୍ତ୍ରୀ ଉତ୍ସବକୁ ଉଦ୍‌ଘାଟନ କରିବା ପରେ ଶପଥ ପାଠ ହୋଇଥିଲା। ମନ୍ଦିର ପରାମର୍ଶଦାତା କମିଟିର ବରିଷ୍ଠ ସଭ୍ୟ ସୁଦର୍ଶନ ଦୀକ୍ଷିତ ନବନିର୍ବାଚିତ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର ଦୀକ୍ଷିତ, କୋଷାଧକ୍ଷ ସର୍ବେଶ୍ୱର ପାଢ଼ୀ ଓ ସଭ୍ୟ ଭାବେ ତୁଷାର ରଞ୍ଜନ ଦୀକ୍ଷିତ, ଅଶୋକ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ପ୍ରଦୀପ ପଣ୍ଡା,ପବିତ୍ର ମୋହନ ଦୀକ୍ଷିତ ପ୍ରମୁଖ ଶପଥ ପାଠ କରିଥିଲେ। ସେବକ ନିଯୋଗର ସମ୍ପାଦକ ପବିତ୍ର ସେବାୟତମାନଙ୍କ ଦାବି ଉପସ୍ଥାପନ କରି ସେବକ ସମିତିର ପୁରାତନ ସଭା ଗୃହର ପୁନରୁଦ୍ଧାର, ମଙ୍ଗଳା ମନ୍ଦିରରେ ସ୍ଥାୟୀ ଟ୍ରଷ୍ଟି ଗଠନ, ପ୍ରାଚୀନ ଶୈବପୀଠ ସମେଶର ମହାଦେବଙ୍କ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ପାର୍ବତୀ ସାଗରର ପୁନରୁଦ୍ଧାର, ପୁଣ୍ୟତୋୟା ପ୍ରାଚୀ ନଦୀର ଘଣ୍ଟାତୋଳା ଘାଟର ପୁନରୁଦ୍ଧାର ଆଦି ପ୍ରସଙ୍ଗକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାପତି ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'ବବି, ପାଣ୍ଡିଆନ୍ ନବୀନଙ୍କ ଆଖି'

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ସୌମ୍ୟରଞ୍ଜନଙ୍କ ଟାର୍ଗେଟ**

- ଏହି ଦୁଇ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହେଲେ ସବୁକିଛି ନିୟନ୍ତ୍ରଣ ବାହାକୁ ଚାଲିଯିବ
- ଆଖି ସବୁବେଳେ ସତ ଦେଖି ମୁଖ୍ୟମନ୍ତ୍ରୀଙ୍କୁ କହିବ ତା'ର କିଛି ଗ୍ୟାରେଣ୍ଟି ନାହିଁ

ଭୁବନେଶ୍ୱର,୧୦।୮(ପି.ଟି.)

ଶାସକମାନେ ଜଣେ ନିର୍ଦ୍ଦିଷ୍ଟ ଅମଲାତନ୍ତ୍ରୀ କିମ୍ବା ରାଜନେତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନ ହୋଇ ସୂଚନାର ବିକଳ୍ପ ଉତ୍ସ ବାହାର କରିବା ଉଚିତ ବୋଲି ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ଉପସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସୌମ୍ୟରଞ୍ଜନଙ୍କ ଖୋଲା ଟାର୍ଗେଟ ବୋଲି ବିବେଚନା କରାଯାଉଛି। କଟକରେ ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ କହିଛନ୍ତି, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ହେଉଛନ୍ତି ନବୀନଙ୍କ ଆଖି। ସୁଶାସନ ଓ ଗଣତନ୍ତ୍ର ପାଇଁ ଗଣମାଧ୍ୟମ ରାଜ୍ୟର 'ତୃତୀୟ ଚକ୍ଷୁ'ର ଭୂମିକା ଗ୍ରହଣ କରିବା ଉଚିତ। ବବି ଏବଂ ୫-ଟି ସଚିବଙ୍କ ଜରିଆରେ ନବୀନ ଯାହା ଦେଖିବେ ତାହା ତାଙ୍କର ଦୁନିଆ ହେବ। ତେବେ ଏହି ଦୁଇ ଆଖିର ଦୃଷ୍ଟିଶକ୍ତି ସ୍ୱାର୍ଥ ପାଇଁ ଦୁର୍ବଳ ହୋଇଗଲେ ଏବଂ ଯାହା ଠିକ୍ ନୁହେଁ, ତାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରିବସିଲେ ସବୁକିଛି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଏହି ଦୁଇ ଆଖି ଯୋଗୁ ମୁଖ୍ୟମନ୍ତ୍ରୀ ଯଦି ଏକ କାଉକୁ ଧଳା କହିବା ଆରମ୍ଭ କରନ୍ତି ତେବେ ତାହା ଆମର ଦୁର୍ଭାଗ୍ୟ ହେବ। ଏହି ଦୁଇ ଆଖି ସବୁବେଳେ ସତ ଦେଖିବେ ଓ ମୁଖ୍ୟମନ୍ତ୍ରୀଙ୍କୁ କହିବେ ତାହାର କିଛି ଗ୍ୟାରେଣ୍ଟି ନାହିଁ ବୋଲି ସୌମ୍ୟ କହିଛନ୍ତି।

ସୌମ୍ୟ ଆହୁରି କହିଛନ୍ତି, ଆଗକାଳରେ ରାଜାମାନେ ନିଜ ମନ୍ତ୍ରୀମାନଙ୍କ କଥାର ସତ୍ୟତା ଯାଞ୍ଚ ପାଇଁ ଅନ୍ଧାରି ବିଜେ କରି ଶାସନ ସମ୍ପର୍କରେ ଲୋକଙ୍କଠାରୁ ମତାମତ ନେଉଥିଲେ। ଗଣମାଧ୍ୟମ ଏକ 'ତୃତୀୟ ନୟନ'ର ଭୂମିକା ନେଇପାରିବ କି ବୋଲି ସୌମ୍ୟ ପ୍ରଶ୍ନ କରିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ପକ୍ଷରୁ ଯୋଗାଯୋଗ କରାଯିବାରୁ ସୌମ୍ୟ କହିଥିଲେ, ଗୋଟିଏ ଟିଭି ଚ୍ୟାନେଲ ତାଙ୍କ ମନ୍ତବ୍ୟକୁ ଭିନ୍ନ ଭିନ୍ନ ପ୍ରକାରେ ପ୍ରସାର କରୁଛି। ନିର୍ଦ୍ଦିଷ୍ଟ ନେତା ଓ ଅଫିସରଙ୍କ ଉପରେ ଶାସକଙ୍କ ନିର୍ଭରଶୀଳତାର ଅବତାରଣା କରିବାବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ଅନ୍ୟମାନଙ୍କ କଥା ମଧ୍ୟ କହିଛନ୍ତି। ତେବେ ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲ କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ତାଙ୍କ ବକ୍ତବ୍ୟକୁ ଦେଖାଉଛି। ସେ ସର୍ବସାଧାରଣରେ କହିଥିବାରୁ ତାଙ୍କ ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ବବି ଓ ପାଣ୍ଡିଆନ୍‌ଙ୍କ ନାମ ନେଇଥିଲେ କି ନାହିଁ ବୋଲି ପ୍ରଶ୍ନ କରାଯିବାରୁ ସୌମ୍ୟରଞ୍ଜନ କହିଥିଲେ, ହଁ ଦୃଷ୍ଟାନ୍ତ ଭାବେ ସେମାନଙ୍କ ନାମ ନିଆଯାଇଥିଲା। ଘରକୁ ଏକ ବିନ୍ଦୁରେ ପହଞ୍ଚାଇବା ପାଇଁ ଏଭଳି ଦୃଷ୍ଟାନ୍ତ ଦେବାରେ କିଛି ଭୁଲ୍ ନାହିଁ।

ପ୍ରକାଶ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜ୍ୱାଇଁ ସୌମ୍ୟରଞ୍ଜନ ୨୦୧୮ରେ ଶାସକ ବିଜେଡିରେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ୨୦୧୯ରେ ବିଧାନସଭା ନିର୍ବାଚନ ବେଳେ ବିଜେଡି ତାଙ୍କୁ ଟିକେଟ ଦେଇଥିଲା। ଗତ ଜୁଲାଇ ୧ରେ ବିଜେଡି ବିଧାୟକ ସୌମ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ଏକ ଦୈନିକ ଖବରକାଗଜରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଓଡ଼ିଶାରେ କୋଭିଡ୍-୧୯ରେ ପ୍ରାଣ ହରାଉଥିବା ଲୋକଙ୍କ ସଂଖ୍ୟା କମ୍ କରି ଦର୍ଶାଯାଉଛି। ତେବେ ପ୍ରକୃତ କରୋନା ମୃତ୍ୟୁସଂଖ୍ୟା ସାର୍ବଜନୀନ କରାଗଲେ ସରକାରଙ୍କ ବିଶେଷ କ୍ଷତି ହେବ ନାହିଁ ବୋଲି ସେ ସେଥିରେ ଉଲ୍ଲେଖ କରିଥିଲେ। ସେହିପରି ଟିକାକରଣ କେନ୍ଦ୍ରଗୁଡ଼ିକରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟରକୁ ନେଇ ମଧ୍ୟ ବରିଷ୍ଠ ବିଜେଡି ନେତା ସୌମ୍ୟରଞ୍ଜନ ବିବାଦ ସୃଷ୍ଟି କରିଥିଲେ। ସୌମ୍ୟରଞ୍ଜନ କଟକରେ ଦେଇଥିବା ମନ୍ତବ୍ୟକୁ ନେଇ ବିଜେଡିର ଔପଚାରିକ ମତାମତ ଲୋଡ଼ିବାକୁ ଚେଷ୍ଟା କରିବାରୁ ଅନେକ ନେତା ମୁହଁ ଖୋଲିବାକୁ ମନା କରିଦେଇଥିଲେ। ବିଜେଡି ଉପାଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ସୌମ୍ୟରଞ୍ଜନ କଟକ କାର୍ଯ୍ୟକ୍ରମରେ କ'ଣ କହିଥିଲେ ସେ ଦେଖିନାହାନ୍ତି।




ଉର୍ଜାବାନ ଓଡ଼ିଶା ପକ୍ଷରୁ ଅଲିମ୍ପିକ୍ ବିଜେତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ମଙ୍ଗଳବାର ପୁରୀ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।



କରୋନା ସମୟରେ ଉଠାଦୋକାନୀଙ୍କ ଦୁର୍ଗତିକୁ ନେଇ ଚିତ୍ରକଳା ମାଧ୍ୟମରେ ଉପସ୍ଥାପିତ କରୁଛନ୍ତି ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସ।

## ମନୋଜ ସଂଯୋଜକ, ଅଶୋକ କୋଷାଧ୍ୟକ୍ଷ

ପୁରୀ ଅଫିସ,୧୦।୮

ବଡ଼ଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳାରେ ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ମଙ୍ଗଳବାର ପୁରୀ ସହର ପାଇଁ ନୂଆ କାର୍ଯ୍ୟକାରିଣୀ ସଦସ୍ୟ ଗଠନ କରାଯାଇଥିଲା। ମନୋଜ ଅଗ୍ରୱାଲ ସଂଯୋଜକ, ସହ ସଂଯୋଜକ ଭାବେ ଅଜୟ ଦାସ ଏବଂ ପବିତ୍ରା ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଅଶୋକ ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ସଂଘର୍ଷ ବାହିନୀ ପ୍ରମୁଖ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ, ମହିଳା ପ୍ରମୁଖ ସବିତା ବିଶୋଇ, କବିତା ପ୍ରଧାନ ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ସରିନି ଜମି ଅଧିଗ୍ରହଣ କାର୍ଯ୍ୟ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

- ୧୮ ମାସରେ ସରିବା ନେଇ ଆଶଙ୍କା
- ଖର୍ଚ୍ଚ ହେବ ୩୩୧ କୋଟି ୨୮ ଲକ୍ଷ

ପୁରୀ ଅଫିସ,୯।୮

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ରାଜ୍ୟ କ୍ୟାବିନେଟରେ ଟେଣ୍ଡର ଅନୁମୋଦିତ ହୋଇଛି। ମାତ୍ର ଏବେ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇପାରି ନାହିଁ। ଗତ ଦୁଇବର୍ଷ ଧରି ପ୍ରଶାସନ ଜମି ଅଧିଗ୍ରହଣ କାର୍ଯ୍ୟରେ ହିଁ ଲାଗିଛି। ଜୁନ୍ ପହିଲାରୁ ଐତିହ୍ୟ କରିଡ଼ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ କହିଥିଲା, ଯାହାକି ଆରମ୍ଭ ହୋଇପାରିଲା ନାହିଁ। ସଦ୍ୟ ସମାପ୍ତ ହୋଇଥିବା କ୍ୟାବିନେଟ୍ ବୈଠକରେ ସମ୍ପୃକ୍ତ ପ୍ରକଳ୍ପ ପାଇଁ ଟାଟା ପ୍ରୋଜେକ୍ଟ ଲିମିଟେଡ୍‌ର ୩୩୧କୋଟି ୨୮ଲକ୍ଷ ଟଙ୍କାର ଟେଣ୍ଡରକୁ ମୋହର ମରାଯାଇଛି। ଆସନ୍ତା ୧୮ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଐତିହ୍ୟ କରିଡର ଯୋଜନାରେ ପ୍ରତୀକ୍ଷାଳୟ, ଅଭ୍ୟର୍ଥନା କେନ୍ଦ୍ର, କ୍ଲକ୍ ରୁମ୍, ବ୍ୟାଗେଜ୍ ସ୍କାନିଂ, ପରିକ୍ରମା ରାସ୍ତା, ଚତୁଃପାର୍ଶ୍ୱ ଶୌଚାଳୟ, ଏଟିଏମ୍ କାଉଣ୍ଟର, ସହାୟକ କେନ୍ଦ୍ର, ପୋଲିସ ସେବା କେନ୍ଦ୍ର, ଭଜନ ଓ ସଂସ୍କୃତି ମଣ୍ଡପ ସହ ମଠଗୁଡ଼ିକର କଳିଙ୍ଗ କୀର୍ତ୍ତିରାଜି ଢାଞ୍ଚାରେ ନିର୍ମାଣ ହେବା ନେଇ ଯୋଜନା ରହିଛି। ଏହି କାର୍ଯ୍ୟକୁ ଦେଢ଼ ବର୍ଷର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପ୍ରଶାସନ ନିକଟରେ ସବୁଠାରୁ ବଡ଼ ଆହ୍ୱାନ।

ଏ ନେଇ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ରାଜ୍ୟ ସରକାରଙ୍କର ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ଓ ପୁରୀର ଉନ୍ନତୀକରଣ ପାଇଁ ହୋଇଥିବା ଅର୍ଥ ମଞ୍ଜୁର ନିହାତି ପକ୍ଷେ ସ୍ୱାଗତଯୋଗ୍ୟ। ୨୦୧୯ ଅଗଷ୍ଟଠାରୁ ଜମି ଅଧିଗ୍ରହଣ ଶେଷ ହୋଇନାହିଁ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସୌନ୍ଦର୍ଯ୍ୟକରଣ ନାମରେ କିଛି ଅସ୍ଥାୟୀ ଗଛ ଦେଖିବାକୁ ମିଳୁଛି। ଯେଉଁ ୧୮ମାସର ସୀମା ନିର୍ଦ୍ଧାରଣ ହୋଇଛି, ସମ୍ପୃକ୍ତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଶାସନ କାର୍ଯ୍ୟ ଶେଷ କରିବାର ଆବଶ୍ୟକତା ରହିଛି। ଅନ୍ୟପଟେ ସୂଚନା ଅଧିକାର କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଏପର୍ଯ୍ୟନ୍ତ ୯୫ ପ୍ରତିଶତ ଜମି ଅଧିଗ୍ରହଣ ଶେଷ ହୋଇଥିବା ବେଳେ ବଳକା ୫ ପ୍ରତିଶତ ଅଧିଗ୍ରହଣ ହୋଇପାରି ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କେବେ ତ୍ୱରାନ୍ୱିତ ହେବ ସେନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, କରୋନା କାରଣରୁ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ରହିଥିଲା। ଲକଡାଉନ୍ କୋହଳ ହେବା ପରେ ପୁଣିଥରେ ଆରମ୍ଭ ହୋଇଛି। କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହେବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଏକଦମ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି ଓ ଚଳିତମାସ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ପିପିଲି/ଡେଲାଙ୍ଗ, ୧୦।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି-ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟକୁ ପୁରୀ ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ପରିଦର୍ଶନରେ ଆସି ସମୀକ୍ଷା କରିଛନ୍ତି। ୫-ଟି ଯୋଜନାରେ ରୂପାନ୍ତରୀକରଣ ହେଉଥିବା ୬ଟି ସ୍କୁଲ ମଧ୍ୟରେ ପିପିଲି ହାଟସାହି ହାଇସ୍କୁଲ, ପିପିଲି ନୋଡାଲ ହାଇସ୍କୁଲ, ତେଇଶିପୁର ହାଇସ୍କୁଲ, ମଙ୍ଗଳପୁର ପଦ୍ମାବତୀ ହାଇସ୍କୁଲ ଓ ଯଶୁଆପୁର ଉତ୍ତରାୟଣୀ ବିଦ୍ୟାପୀଠଗୁଡ଼ିକରେ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରି, ଇଲାବ୍, ଶିଶୁ ଉଦ୍ୟାନ, ଖେଳ ପଡ଼ିଆ ଆଦି ସୌନ୍ଦର୍ଯ୍ୟକରଣ ବୁଲି ଦେଖିଥିଲେ। ନିର୍ମାଣଧୀନ ପ୍ରକଳ୍ପର କାର୍ଯ୍ୟଗୁଡ଼ିକ ନଭେମ୍ବର ୧୪ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ଜିଲାପାଳ ବର୍ମାଙ୍କ ଅଧ୍ୟକ୍ଷତାରେ ପିପିଲି ବ୍ଲକ ସଭାଗୃହରେ ଏକ ବୈଠକ ହୋଇଥିଲା। ଏଥିରେ ବ୍ଲକର ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ପ୍ରକଳ୍ପର ସମସ୍ୟା ଉପରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଗସ୍ତ ସମୟରେ ଜିଲାପାଳଙ୍କ ସହ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ବିଡିଓ ରଶ୍ମିତା ନାଥ, ତହସିଲଦାର ସପନ କୁମାର ନନ୍ଦ, ସହକାରୀ ଯନ୍ତ୍ରୀ ବସନ୍ତ ସାହୁ, ପିପିଲି ଏନ୍ଏସିର ନିର୍ବାହୀ ଅଧିକାରିଣୀ ପୂଜା ରାଉତ, ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଆତ୍ମା ଅଧ୍ୟକ୍ଷ ଧରଣୀଧର ସାହୁ, ସରପଞ୍ଚ ପ୍ରକାଶ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଡେଲାଙ୍ଗ ବ୍ଲକର ୪ଟି ସ୍ମାର୍ଟ ବିଦ୍ୟାଳୟ ହରିରାଜପୁରସ୍ଥିତ ସୋମନାଥ ଉଚ୍ଚ ବିଦ୍ୟାପୀଠ, ବେରବୋଇ ଉଚ୍ଚ ବିଦ୍ୟାଳୟ, ମହାତାବ ଉଚ୍ଚ ବିଦ୍ୟାଳୟ ଓ ରାଧାକାନ୍ତ ଉଚ୍ଚ ବିଦ୍ୟାପୀଠ ପରିସରରେ ଚାଲିଥିବା ସ୍ମାର୍ଟ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ହରିରାଜପୁରସ୍ଥିତ ଟାଙ୍ଗୀଭଁସର ଗ୍ରାମର ମହିଳା ମିଶନ ଶକ୍ତି ମହାସଂଘର ଛତୁଆ ପ୍ରସ୍ତୁତି କେନ୍ଦ୍ର ବୁଲି ସମ୍ପାଦିକା ବାସନ୍ତି ସାହୁଙ୍କୁ ଛତୁଆ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ପଞ୍ଚାୟତଗୁଡ଼ିକରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ ସବୁ ସମୀକ୍ଷା କରିଥିଲେ। ପରେ ଜିଲାପାଳ ଡେଲାଙ୍ଗ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୈଠକ କରି ପଞ୍ଚାୟତର ଉନ୍ନୟନ ପ୍ରକଳ୍ପ ନିର୍ମାଣରେ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ବିପନ୍ନଙ୍କୁ ଅଦ୍ୟାବଧି ପ୍ରାପ୍ୟ ମିଳି ନଥିବା ମୁନିନ୍ଦା ସମିତିସଭ୍ୟ ଦୁର୍ଗାଚରଣ ରାଉତରାୟ ଜିଲାପାଳଙ୍କୁ ଜଣାଇଥିଲେ। ବୈଠକରେ ବିଡିଓ ଦିଲୀପ ଷଡ଼ଙ୍ଗୀ,ତହସିଲଦାର ମହେନ୍ଦ୍ର ବଢେଇ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ , ସିଡିପିଓ ହାରାମଣି ନାୟକ ପ୍ରମୁଖ ସାମିଲ ଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ବ୍ରହ୍ମଗିରି,୧୦।୮(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ମାତଳାପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ମଙ୍ଗଳବାର ହୋଇଛି। ସେ ହେଲେ ଗ୍ରାମର ହେମା ବିଶ୍ୱାଳ (୭୦)। ସୋମବାର ଅପରାହ୍ନରେ ହେମା ଘରେ ଶୋଇଥିଲେ। ହଠାତ୍ ଏକ ସାପ ଘରେ ପଶି ହେମାଙ୍କ ମୁଣ୍ଡକୁ କାମୁଡିଥିଲା।




ଭୁବନେଶ୍ୱର ଇଉ୍‌କଲ ଅଡିଟୋରିୟମ୍‌ରେ ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ଜନ୍ମଦିବସ ଅଭିନନ୍ଦନ ସଙ୍କଳନକୁ ଅତିଥି ଉନ୍ମୋଚନ କରୁଛନ୍ତି।

# ଭିଜିଲାନ୍ସ ଜାଲରେ କିରାଣି, ୧.୬୬ କୋଟିର ସମ୍ପତ୍ତି ଠାବ

- ପୁରୀ ସମେତ ୪ ସ୍ଥାନରେ ଚଢ଼ାଉ
- ଛତୁଆ ଦୁର୍ନୀତିରେ ସାମିଲ ବଡ଼ବଡ଼ିଆଙ୍କୁ ଧରିବାକୁ ଦାବି

ପୁରୀ ଅଫିସ,୧୦।୮

ପୁରୀ ଜିଲା ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟର କିରାଣି କୃଷ୍ଣଚନ୍ଦ୍ର ଜେନାଙ୍କ ଘରେ ଆୟ ବହିର୍ଭୂତ ସମ୍ପତ୍ତି ଥୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ତାଙ୍କ ବିରୋଧରେ ଛତୁଆ ଦୁର୍ନୀତି ଅଭିଯୋଗ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୁରୀ ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ ଚାଲିଛି। ପୁରୀ ସହରରେ ଥିବା ଶ୍ରୀଗୁଣ୍ଡିଚା ବିହାର ଘର, ବ୍ରହ୍ମଗିରି ପୈତୃକ ବାସଭବନ ସହ ଭୁବନେଶ୍ୱର ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି। ତାଙ୍କଠାରୁ ସର୍ବମୋଟ ୧ କୋଟି ୬୬ ଲକ୍ଷର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀଠାରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱରରେ ଏକ ତିନି ମହଲା କୋଠା, ପୁରୀ ଜିଲାରେ ୫ଟି ପ୍ଲଟ୍ ଓ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍। ୨ଟି ଚାରିଚକିଆ ଯାନ, ୧୦ଟି ଦୁଇ ଚକିଆଯାନ, ଫିକ୍ସଡ୍ ଡିପୋଜିଟ୍‌କୁ ମିଶାଇ ୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୭ ଲକ୍ଷ ୫୨ ହଜାର ଟଙ୍କାର ବୀମା ରାଶି ଜବତ ହୋଇଛି। ଚଢ଼ାଉରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ୬ଜଣିଆ ଟିମ୍ ସହ ୨ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ। ତେବେ ଚଢ଼ାଉ କାର୍ଯ୍ୟ ଜାରି ରହିଥିବା ଓ ଆସନ୍ତା ଦିନରେ ମଧ୍ୟ ଆୟ ବହିର୍ଭୂତ ସମ୍ପତ୍ତିର ଖୋଳତାଡ଼ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଜଣାଇ ଦିଆଯାଇଛି।

### କେମିତି ଚାଲିଥିଲା ହେରଫେର

ପୁରୀ ଜିଲାରେ ସମୁଦାୟ ୧୯ଟି କ୍ଲଷ୍ଟର ଥିବାବେଳେ କୃଷ୍ଣପ୍ରସାଦରେ ୨ଟା, ସଦରରେ ୧, ପୁରୀ ଟାଉନରେ ୧, ସାକ୍ଷୀଗୋପାଳରେ ୧ ସମେତ ଡେଲାଙ୍ଗ, କଣାସ ଓ କାକଟପୁର ସମେତ ଜିଲାର ସମସ୍ତ ବ୍ଲକରେ ଗୋଟିଏ କିମ୍ବା ତାଠାରୁ ଅଧିକ ଛତୁଆ କ୍ଲଷ୍ଟରମାନ ରହିଛି। ମାତ୍ର ପୁରୀ ସହରରେ ଥିବା ଜଗନ୍ନାଥ ଛତୁଆ କ୍ଲଷ୍ଟରରେ ସର୍ବାଧିକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଦୁର୍ନୀତି ଚେର ବଢ଼ାଇବା ପାଇଁ କିରାଣି କୃଷ୍ଣଚନ୍ଦ୍ର ଅଙ୍ଗନୱାଡ଼ି କର୍ମଚାରୀମାନଙ୍କର ସହାୟତା ନେଇଥାନ୍ତି। ପ୍ରଥମେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପଢୁଥିବା ପିଲାଙ୍କ ସଂଖ୍ୟାଠାରୁ ଅଧିକ ପିଲାଙ୍କ ନାମ ଚଢ଼ାଇ ଅଧିକ ଛତୁଆକୁ ମଞ୍ଜୁର କରିନିଆଯାଏ। ପରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ବଣ୍ଟନ ହୋଇସାରିବା ପରେ ବଳକା ଛତୁଆକୁ ପୁଣିଥରେ କ୍ଲଷ୍ଟରକୁ ଫେରାଇ ଦିଆଯାଏ। ପ୍ରତିବଦଳରେ ଛତୁଆର ୫୦ଟଙ୍କା ମୂଲ୍ୟର ଅଧା ଟଙ୍କା ସିଧାସଳଖ ଭାବେ ଅଙ୍ଗନୱାଡ଼ି କର୍ମଚାରୀମାନେ ନେଇଥାନ୍ତି। ପ୍ରତି ୫୦ରେ ୨୦ ଟଙ୍କା ସମ୍ପୃକ୍ତ କିରାଣିଙ୍କୁ ମିଳିଥାଏ। ଏହିଭଳି ଭାବେ ପ୍ରତି ବିଲ୍‌ରେ ଜାଣିଶୁଣି ଅଧିକ ପିଲାଙ୍କ ନାମରେ ଛତୁଆ ଓ ଅଣ୍ଡା ଇତ୍ୟାଦି ବିଭାଗରୁ ମଞ୍ଜୁର କରାଇ ଟଙ୍କା ଲୁଟୁଥିଲେ। କିଛି ଛତୁଆରେ ବିଗତ ଦିନରେ ମାନୁଫାକଚରିଂ ତାରିଖ ନ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଦରଦାମକୁ ଏଭଳି ଭାବେ ଲେଖାଯାଇଥିଲା ଯାହାକୁ ସହଜରେ ଲିଭାଇବା ସମ୍ଭବ। ସମ୍ପୃକ୍ତ ଉପାୟରେ ମଧ୍ୟ କିରାଣି ଅଙ୍ଗନୱାଡି କର୍ମଚାରୀଙ୍କ ସହଯୋଗରେ ଟଙ୍କା ଲୁଟାଇଥାନ୍ତି। ଏହାବ୍ୟତୀତ ମିଶନ ଶକ୍ତି ମହିଳା ଗୋଷ୍ଠୀଙ୍କୁ ମିଳୁଥିବା ସବସିଆରି ଲୋନ୍‌ରେ ମଧ୍ୟ କିରାଣି କୃଷ୍ଣଚନ୍ଦ୍ର ଦୁର୍ନୀତି କରିଛନ୍ତି। ଏଭଳି ବ୍ୟାପକ ଅନିୟମିତତା ଯୋଗୁ ୨୦୧୮ ମସିହାରେ ତାଙ୍କ ବିରୋଧରେ ଜିଲାପାଳଙ୍କଠାରେ ଅଭିଯୋଗର ଲମ୍ବା ତାଲିକା ପହଞ୍ଚିଥିଲା। ବିଭିନ୍ନ ଅଭିଯୋଗ ସତ୍ତ୍ୱେ ମଧ୍ୟ ୨୦୧୧ରୁ ଏପର୍ଯ୍ୟନ୍ତ ସେ କାର୍ଯ୍ୟରତ ରହିଆସିଥିଲେ। ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା ସନ୍ଧ୍ୟାରାଣୀ ଭଞ୍ଜଙ୍କ ସହ ମିଶି ସମ୍ପୃକ୍ତ କିରାଣି ନାନା ଦୁର୍ନୀତି କରିଛନ୍ତି। କିରାଣିଙ୍କ ସ୍ତରରେ ଭିଜିଲାନ୍ସ ଚଢ଼ାଉ ହେଉଥିବା ବେଳେ ଅନିୟମିତତା ପଛର ମୁଖ୍ୟ ଚରିତ୍ର ଏବେ ମଧ୍ୟ ଲୁଚି କରି ରହିଛନ୍ତି। ପ୍ରକୃତ ତଦନ୍ତ ହୋଇପାରିଲେ, ପୁରୀ ଜିଲା ପ୍ରଶାସନରେ ଥିବା ଅନେକ ବଡ଼ବଡ଼ ଅଧିକାରୀମାନେ ଧରାପଡ଼ିବେ ବୋଲି କଂଗ୍ରେସ ନେତା ଆଲୋକ କୁମାର ଦାସ କହିଛନ୍ତି।



କିରାଣି କୃଷ୍ଣଚନ୍ଦ୍ରଙ୍କ ପୁରୀସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ କରାଯାଉଛି।

## ୬.୫୭ କୋଟିରେ ହେବ ଇନ୍‌ଡୋର ଷ୍ଟାଡିୟମ

ନିମାପଡା,୧୦।୮(ଡି.ଏନ.ଏ)

ନିମାପଡ଼ାରେ ୬ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ହେବ। ଏହାର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ବାରବାଟି ପଡିଆଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଓ କୃତଜ୍ଞତା ସମାରୋହରେ ଯୋଗଦେଇ ଏହା କହିଛନ୍ତି। ରାଜ୍ୟରେ ୬୯୩ କୋଟି ବ୍ୟୟ ବରାଦରେ ୮୯ଟି ବିଜୁ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନିମନ୍ତେ ସରକାର ସୋମବାର କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି କରି ମୋହର ଲଗାଇବା ଓ ସେଥିମଧ୍ୟରୁ ନିମାପଡା ସ୍ଥାନ ପାଇଥିବାରୁ ନିମାପଡାର କ୍ରୀଡ଼ାବିତ କେକ୍ କାଟି ଓ ମିଠା ବାଣ୍ଟି ଖୁସିବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପସଭାପତି ଦୋଳଗୋବିନ୍ଦ ସେଠି, ସତ୍ୟେନ୍ଦ୍ର ମୋହନ ମହାନ୍ତି, ବିଶ୍ୱଜିତ ମଲ୍ଲିକ, ନିମାପଡା କ୍ରିକେଟ ଆସୋସିଏଶନ ସମ୍ପାଦକ ଅକ୍ଷୟ ବେହେରା, ନିର୍ମଳ ମିଶ୍ର, କ୍ରୀଡ଼ାବିତ ନିର୍ମଳ ମିଶ୍ର, ରଣଜିତକେଶରୀ ନାୟକଙ୍କ ସମେତ ବିଭିନ୍ନ କ୍ରୀଡା ସଂଗଠନର କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ବିଧାୟକଙ୍କୁ ପାଲାଗାୟକ ପରିଷଦର ଦାବିପତ୍ର

ସାକ୍ଷୀଗୋପାଳ, ୧୦।୮(ଡି.ଏନ୍.ଏ.)

ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ, ଓଡ଼ିଶାର ଉପଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ସତ୍ୟବାଦୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ଉପସ୍ଥିତିରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ କଳାକାର ଭତ୍ତା ରାଶି ୩ହଜାର ଟଙ୍କାକୁ ବୃଦ୍ଧି, ସଚେତନତା ନିମନ୍ତେ ପାଲା ପରିବେଷଣ ସୁଯୋଗ ପ୍ରମୁଖ ଉଲ୍ଲେଖ ରହିଛି। ସ୍ଥାନୀୟ ମଣ୍ଡଳର ସଭାପତି ବିଶନାଥ ବିଶାଳ, ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, ସଂଯୋଜକ ଦୁର୍ଗେଶ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।